Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 3-4

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly BADAR Qadian କାଦିଆନ

ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

18-25 ଜାନୁଆରୀ 2018    18-25 ସୁଲାହ୍ 1397 ହି.ଶ    1-8 ଜମାଦିଲ୍ ଅୱ୍ୱଲ 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ମୋ ବିରୋଧି ୱଲେମାଗଣ ଓ ସେମାନଙ୍କ ସହଜାତୀୟ ଲୋକେ ଦୋଷାନ୍ୱେଶଣ କରିବାରେ କୌଣସି ପ୍ରକାରର ଅବହେଳା କରିନାହାଁନ୍ତି । ଓ (ମତେ) ଧ୍ୱଂସ କରିବା ପାଇଁ ଛଳ କପଟର ଗୋଟିଏ କ୍ଷଣ ମଧ୍ୟ ହାତଛଡ଼ା କରିନାହାଁନ୍ତି, କିନ୍ତୁ ପରିଶେଷରେ ଇଶ୍ୱର ମତେ ବିଜେତା କରାଇଲେ । ଓ ଇଶ୍ୱର ସେ ପର୍ଯ୍ୟନ୍ତ ବସିରହିବେ ନାହିଁ ଯେପର୍ଯ୍ୟନ୍ତ ମିଥ୍ୟାକୁ ନିଜ ପାପତଳେ ଦଳି ନଦେଇଛନ୍ତି ।**

# ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

୧୦୮-ଶହେ ଆଠତମ ନିଦର୍ଶନ - ଯାହା ବରାହିନେ ଅହେମଦୀୟାରେ ଦରଜ କରାଯାଇଛି ତାହା ହେଉଛି *ଅନ୍ ଅସ୍‌ତଖ୍‌ଲିଫା ଫଖଲକ୍‌ତୁ ଆଦମା* ଅର୍ଥାତ୍- ମୁଁ ଖଲିଫା ତିଆରି କରିବା ପାଇଁ ମନ ବଳାଇଲି, ତେଣୁ ମୁଁ ଆଦମ୍‌କୁ ଖଲିଫା ବନେଇଲି । ଏହି ଏଲ୍‌ହାମ୍‌ଟି ଦୀର୍ଘ ୨୫ ବର୍ଷ ହେବ ବରାହିନେ ଅହେମଦୀୟାରେ ଦରଜ କରାଯାଇଛି । ବରାହିନେ ଅହେମଦୀୟାର ଏହି ସ୍ଥାନରେ ଖୁଦାତାଲା ମୋ ନାମ ଖଲିଫା ରଖିଛନ୍ତି ଓ ଏହା ଏକ ପେଶ୍‌ଗୋଇ ଅଟେ ଯାହା ଏ କଥା ପ୍ରତି ଇଙ୍ଗିତ କରେ କି ଯେପରି ଫରିସ୍ତାମାନେ ଆଦମ୍‌ଙ୍କ ଦ୍ୱେଷାନ୍ୱେଶଣ କରିଥିଲେ ଓ ତାଙ୍କୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ, କିନ୍ତୁ ଖୁଦାତାଲା ସେହି ଆଦମ୍‌ଙ୍କୁ ହିଁ ଖଲିଫା ବନାଇଲେ ଫଳତଃ ସମସ୍ତଙ୍କୁ ତାଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିଲା । ସୁତରାଂ ଖୁଦାତାଲା କହୁଛନ୍ତି ଯେ ଏଠାରେ ମଧ୍ୟ ସେହିପରି ହେବ । ସୁତରାଂ ମୋ ବିରୋଧି ୱଲେମାଗଣ ଓ ସେମାନଙ୍କ ସହଜାତୀୟ ମୋ ଦ୍ୱେଷାନ୍ୱେଶଣ କରିବାରେ କୌଣସି ପ୍ରକାରର ଅବହେଳା କରିନାହାନ୍ତି ଓ ମତେ ଧ୍ୱଂସ କରିବା ନିମନ୍ତେ ଧୃଷ୍ଟତାରେ ଗୋଟିଏ ଗୋଟିଏ କ୍ଷଣକୁ ମଧ୍ୟ ହାତଛଡ଼ା କରିନାହାଁନ୍ତି କିନ୍ତୁ ପରିଶେଷରେ ଖୁଦା ମୋତେ ବିଜେତା କରାଇଲେ ଓ ଖୁଦାତାଲା ଯେ ପର୍ଯ୍ୟନ୍ତ ମିଥ୍ୟାକୁ ନିଜ ପାଦତଳେ ଦଳି ନଦେଇଛନ୍ତି ସେପର୍ଯ୍ୟନ୍ତ ଶାନ୍ତ ହେବେ ନାହିଁ ।

୧୦୯- ଶହେ ନଅତମ ନିଦର୍ଶନ- ଯାହା ବରାହିନେ ଅହେମଦୀୟାରେ ଦରଜ ହୋଇ ପ୍ରକାଶ ହୋଇସାରିଛି ତାହା ହେଉଛି ୱ କଜାଲେକା ମନନ୍ନା ଅଲା ୟୁସୁଫା ଲିନସ୍‌ରିଫା ଅନ୍‌ହୁସ୍ ସୁଅ ୱଲ୍ ଫହ୍‌ଶାଆ ୱଲିତୁନ୍‌ଜିରା କୌମମ୍ ମା ଉନ୍‌ଜିରା ଆବାଆହୁମ୍ ଫହୁମ୍ ଗାଫିଲୁନ୍ ଦେଖନ୍ତୁ ବରାହିନେ ଅହେମଦୀୟା ପୃଷ୍ଠା-୫୫୫ (ଅନୁବାଦ) ଓ ସେହିପରି ଆମ୍ଭେ ନିଜ ନିଦର୍ଶନ ସହିତ ଏହି ୟୁସୁଫଙ୍କ ଉପରେ କୃପା କରିଅଛୁ । ଯେଉଁସବୁ ଦୋଷ ଦୁର୍ଗୁଣ ଓ ଦୁଷ୍କର୍ମଗୁଡିକୁ ତାଙ୍କ ଉପରେ ଲଦି ଦିଆଯିବ, ସେଥିରୁ ଆମ୍ଭେ ତାଙ୍କୁ ବଂଚାଇବୁ । ଓ ସେହି ନିଦର୍ଶନ ଗୁଡିକର ମହିମା ଯୋଗୁଁ ତୁମେ ସମର୍ଥ ହୋଇପାରିବ ଯେ ତାହାଦ୍ୱାରା ତୁମେ ଅବୋଧ ମାନଙ୍କୁ ସଚେତନ କରାଇବ କାରଣ ବାସ୍ତବରେ ସେହି ଲୋକମାନଙ୍କ ଉପଦେଶ ହୃଦୟକୁ ପ୍ରଭାବିତ କରିଥାଏ ଯେଉଁମାନଙ୍କୁ ଖୁଦା ନିଜେ ମହାନତା ଓ ବିଶେଷତା ପ୍ରଦାନ କରିଥାନ୍ତି । ଏଠାରେ ଖୁଦାତାଲା ମୋ ନାମ ୟୁସୁଫ୍ ରଖିଛନ୍ତି ଓ ଏହା ଏକ ପେଶ୍‌ଗୋଇ (ଭବିଷ୍ୟବାଣୀ) ଅଟେ, ଯାହାର ଅର୍ଥ ହେଉଛି ଏପରି ଯେ ଯେଉଁପରି ୟୁସୁଫ୍‌ଙ୍କ ଭାଇମାନେ ମୁର୍ଖତା ଯୋଗୁଁ ୟୁସୁଫ୍‌ଙ୍କୁ ବହୁତ ଦୁଃଖ ପହଂଚାଇଥିଲେ ଓ ତାଙ୍କୁ ମାରିବା ପାଇଁ ଉଦ୍ୟମ କରିଥିଲେ । ଖୁଦାତାଲା କହୁଛନ୍ତି ଏଠାରେ ମଧ୍ୟ ସେହିପରି ହେବ ଓ ଇଙ୍ଗିତ କରିଛନ୍ତି ଯେ ଏହି ଲୋକମାନେ ମଧ୍ୟ, ଯେଉଁମାନେ ଜାତୀୟ ଭାଇଚାରା ରଖିଛନ୍ତି, ସେମାନେ (ତୁମକୁ) ନିଃଶେଷ ଓ ଧ୍ୱଂସ କରିଦେବା ପାଇଁ ବଡ଼ ବଡ଼ ଧୃତତା ଓ ପ୍ରବଂଚନା କରିବେ କିନ୍ତୁ ଶେଷରେ ସେମାନେ ଅସଫଳ ହେବେ ଓ ଖୁଦା ତାଙ୍କ ଉପରେ ସ୍ପଷ୍ଟ କରିଦେବେ ଯେ ଯେଉଁ ବ୍ୟକ୍ତିକୁ ତୁମେମାନେ ତିରସ୍କୃତ/ଲଜ୍ଜିତ କରିବାକୁ ଚାହୁଁଥିଲ ମୁଁ ତାକୁ ସମ୍ମାନର ମୁକୁଟ ପିନ୍ଧାଇଛି । ସେତେବେଳେ ବହୁତ ଲୋକେ ଜାଣିପାରିବେ ଯେ ସେମାନେ ଭୁଲ୍ ମାର୍ଗରେ ଥିଲେ ଯେପରି ସେ ଅନ୍ୟ ଏକ ଏଲ୍‌ହାମ୍‌ରେ କହୁଛନ୍ତି:-

ୟଖିର୍‌ରୁନା ଅଲଲ୍ ଅଜ୍‌କାନେ ସୁଯ୍ୟଦନ୍ ରବ୍‌ବ ନଗ୍‌ଫିର୍ ଲନା ଅନ୍ନା କୁନ୍ନା ଖାତିୟିନ୍ । ତାଲ୍ଲାହି ଲକଦ୍ ଆସରକଲ୍ଲାହୁ ଆଲୈନା ୱ ଇନ୍ କୁନ୍ନା ଲ ଖାତିୟିନା ଲା ତସ୍‌ରିବା ଆଲୈକୁମୁଲ୍ ୟୋମା ୟଗ୍‌ଫିରୁଲ୍ଲାହୁ ଲକୁମ୍ । ୱ ହୁଆ ଅର୍‌ହମୁର୍ ରାହିମିନ୍ । ଅର୍ଥାତ୍-ସେମାନେ ସମ୍ପୂର୍ଣ୍ଣ ଆଜ୍ଞାବହ ଭାବରେ ନତମସ୍ତକ ହୋଇ ସିଜ୍‌ଦା ପଡ଼ି ଏହା କହିଥାନ୍ତି- 'ହେ ଆମ୍ଭର ପାଳନକର୍ତା ଆମକୁ କ୍ଷମା ଦିଅନ୍ତୁ କାରଣ ଆମେ ଭୁଲ୍ ରାସ୍ତାରେ ଥିଲୁ ଏବଂ ତୁମକୁ ସମ୍ବୋଧନ କରି କହିବେ ଖୁଦାଙ୍କ ରାଣ ଖୁଦା ତୁମକୁ ଆମମାନଙ୍କ ମଧ୍ୟରୁ ନିର୍ବାଚିତ କରିଛନ୍ତି ଓ ଆମେ ଭୁଲ୍ ଥିଲୁ । ତେବେ ଯାଇ ପଶ୍ଚାତାପ କରିଥିବା ଲୋକମାନଙ୍କୁ କହିବେ ଯେ ଆଜି ତୁମମାନଙ୍କ ଉପରେ କୌଣସି ଦୋଷାରୋପ କରାଯିବ ନାହିଁ, କାରଣ ତୁମେମାନେ ବିଶ୍ୱାସ ନେଇଆସିଛ । ପୂର୍ବରୁ କରିଥିବା ଭୁଲ୍ ଗୁଡିକୁ ଖୁଦା କ୍ଷମା ପ୍ରଦାନ କରିବେ କାରଣ ସେ ହେଉଛନ୍ତି କରୁଣା ପ୍ରଦାନକାରୀଙ୍କ ତୁଳନାରେ ସର୍ବାପେକ୍ଷା ଅଧିକ କ୍ଷମା ପ୍ରଦାନକାରୀ ।

ସୁତରାଂ ଏହି ପେଶ୍‌ଗୋଇରେ ଦୁଇଟି ଭବିଷ୍ୟବାଣୀ ବର୍ଣ୍ଣନା କରାଯାଇଛି । (୧)ପ୍ରଥମତଃ ଆସନ୍ତା ସମୟରେ ନିଜ କୌମ୍‌ରେ (ଜାତିରେ) ତୁମର ଭିଷଣ ବିରୋଧି ସୃଷ୍ଟି ହେବେ ଓ ୟୁସୁଫ୍‌ଙ୍କ ଭାଇମାନଙ୍କ ସଦୃଶ ସେମାନଙ୍କ ମଧ୍ୟରେ ଇର୍ଶାର ବହ୍ନି ଜଳି ଉଠିବ ଫଳତଃ ସେମାନେ (ତୁମର) ଭିଷଣ ଶତୃତା କରିବେ ଓ (ତୁମକୁ) ନିଶେଷ କରିଦେବା ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିବେ । ଏହା ଫଳରେ କୌମ୍ ଭିତରୁ ବିରୋଧି ଜନ୍ମ ନେବେ ଓ ବଡ଼ ବଡ଼ ଦୁଷ୍ଟତା ଓ ଉତ୍ପାତ କରିବେ । ଏହା ଗୋଟିଏ ପେଶନ୍‌ଗୋଇ ଅଛି କାରଣ ଏହି ଖବର ବରାହିନେ ଅହେମଦୀୟାରେ ଦରଜ ଅଛି ଯାହାକୁ ୨୫ ବର୍ଷ ବିତିଗଲାଣି ଓ ସେ ସମୟରେ କୌମ୍‌ରେ ମୋର କେହି ବିରୋଧି ନଥିଲେ କାରଣ ସେତେବେଳେ ବରାହିନେ ଅହେମଦୀୟା ଛପା ଯାଇନଥିଲା । ତେଣୁ ବିରୋଧ କିପରି ହୋଇଥାନ୍ତା । ସୁତରାଂ ନିଶ୍ଚିତ ରୂପେ ଏ ଖବର ଦିଆଯାଇଥିଲା ଯେ କୌଣସି ଏକ ସମୟରେ ଏପରି ଜୀବନର ଶତୃ ସୃଷ୍ଟି ହୋଇଯିବେ ଯେଉଁମାନେ ପୂର୍ବରୁ ମୁସଲ୍‌ମାନ୍ ଭାଇ ହିସାବରେ ଭାଇଙ୍କ ପରି ଥିଲେ । ଏହା ଏକ ଭବିଷ୍ୟକଥା ଥିଲା ଯାହାକୁ ଖୁଦାତାଲା ସମୟ ପୂର୍ବରୁ ପ୍ରକାଶ କରିଥିଲେ ଓ ତାହା ବରାହିନେ ଅହେମଦୀୟାରେ ଲେଖାଯାଇଅଛି । (୨)ଦ୍ୱିତୀୟ ଭବିଷ୍ୟବାଣୀ ଯାହା ଏହି ପେଶ୍‌ଗୋଇରେ ଅଛି ତାହା ହେଉଛି ଉକ୍ତ ବିରୋଧି ମାନଙ୍କର ଫଳାଫଳକୁ ବତାଇ ଦିଆଯାଇଛି ଯେ ପରିଶେଷରେ ଉକ୍ତ ଶତୃମାନେ ଅସଫଳ ହେବେ ଓ ସେମାନଙ୍କ ମଧ୍ୟରୁ ବହୁତ ଲୋକେ ୟୁସୁଫ୍‌ଙ୍କ ଭାଇମାନଙ୍କ ସଦୃଶ (ପଶ୍ଚାତାପ କରି) ଫେରିବେ ଓ ସେ ସମୟରେ ଖୁଦା ଏହି ଅଧମକୁ ୟୁସୁଫ୍‌ଙ୍କ ଭଳି ମୁକୁଟ ପିନ୍ଧାଇବେ ଓ ଏପରି ମହାନତା ଓ ସମ୍ମାନ ପ୍ରଦାନ କରିବେ ଯାହାକୁ କେହି ଆଶା କରିନଥିଲେ । ସୁତରାଂ ଏହି ପେଶ୍‌ଗୋଇର ବହୁତ ଅଂଶ ସମ୍ପୂର୍ଣ୍ଣ ହୋଇସାରିଛି କାରଣ ଏପରି ଶତୃ ଜନ୍ମ ହୋଇସାରିଛନ୍ତି ଯେଉଁମାନେ ମୋର ମୂଳୋତ୍ପାଟନ କରିବାକୁ ଚାହୁଁଛନ୍ତି । ବାସ୍ତବରେ ଏମାନେ ତାଙ୍କର ଦୁର୍ଶ୍ଚିନ୍ତା ସଂକଳ୍ପରେ ୟୁସୁଫ୍‌ଙ୍କ ଭାଇମାନଙ୍କଠାରୁ ମଧ୍ୟ ବଳିଯାଇଛନ୍ତି । ତେଣୁ ଖୁଦା ଲକ୍ଷ ଲକ୍ଷ ଲୋକଙ୍କୁ ମୋ ଆନୁଗତ୍ୟରେ ଆଣି ମୋତେ ଏକ ବିଶେଷ ସମ୍ମାନ ଓ ମହାନତା ପ୍ରଦାନ କରିଛନ୍ତି ଓ ସେମାନଙ୍କୁ ତିରସ୍କାର କରିଛନ୍ତି । ଓ ଏପରି ସମୟ ଆସୁଛି ଏହାଠାରୁ ବଳି ଖୁଦାତାଲା ମୋ ସମ୍ମାନକୁ ଅଧିକ ପ୍ରତିଷ୍ଠିତ କରିବେ ଓ ବଡ଼ ବଡ଼ ବିରୋଧିମାନଙ୍କ ଭିତରୁ ଯେଉଁମାନେ ସୌଭାଗ୍ୟଶାଳୀ ସେମାନେ କହିବାକୁ ବାଧ୍ୟ ହେବେ ଯେ ରବ୍‌ବନଗ୍‌ଫିର୍‌ଲନା ଅନ୍ନା କୁନ୍ନା ଖାତିୟିନ୍ ଓ କହିବାକୁ ପଡ଼ିବ ଯେ ତାଲ୍ଲାହି ଲକଦ୍ ଆସରକାଲ୍ଲାହୁ ଆଲୈନା ।

୧୧୦-ଶହେଦଶତମ ନିଦର୍ଶନ- ବରାହିନେ ଅହେମଦୀୟାର ଏହି ପେଶ୍‌ଗୋଇ ଇନ୍ନା ଆତୈନା କଲ୍‌କୈସର୍ ସୁଲ୍ଲତୁମ୍ ମେନଲ୍ ଅୱ୍ୱଲିନା ୱ ସୁଲ୍ଲତୁମ୍ ମିନଲ୍ ଆଖରିନ୍ ଦେଖନ୍ତୁ ବରାହିନେ ଅହେମଦୀୟା ପୃଷ୍ଠା-୫୫୬ (ଅନୁବାଦ) ଅର୍ଥାତ୍-ଆମ୍ଭେ ଏକ ବିପୁଳ ଯମାତ ତୁମକୁ ପ୍ରଦାନ କରିବୁ । ପ୍ରଥମତଃ ଗୋଟିଏ ଦଳ ଯେଉଁମାନେ ବିପତି ଆସିବା ପୂର୍ବରୁ ଇମାନ୍ (ବିଶ୍ୱାସ) ଆଣିବେ । ଦ୍ୱିତୀୟତଃ ଅନ୍ୟ ଏକ ଦଳ ଯେଉଁମାନେ ପ୍ରକୋପ ନିଦର୍ଶନ ପରେ ଇମାନ୍ ଆଣିବେ । ଆମେ ଅନେକଥର ଲେଖିସାରିଛୁ ଯେ ଯେତେକ ପେଶ୍‌ଗୋଇ ବରାହିନେ ଅହେମଦୀୟାରେ ଦରଜ ଅଛି ତାହା ସବୁକୁ ୨୫ ବର୍ଷ ବିତିଗଲାଣି । ଓ ତାହା ସବୁ ସେ ସମୟର ପେଶ୍‌ଗୋଇ ଅଛି ଯେବେ ମୋ ସହିତ ଜଣେ ମଧ୍ୟ ଲୋକ ନଥିଲା ଯଦି ଏହି ବୟାନ ଭୁଲ୍ ତେବେ ଜାଣ ଯେ ମୋର ସମସ୍ତ ଦାବୀ ଭୁଲ୍ ଅଟେ । ତେଣୁ ଏହା ସ୍ପଷ୍ଟ ଯେ ଏହି ପେଶ୍‌ଗୋଇ ମଧ୍ୟ ବରାହିନେ ଅହେମଦୀୟାରେ ଦରଜ ଅଛି ଯାହା ସେହି ଏକାନ୍ତ ଓ ଅସହାୟ ସମୟରେ ଏପରି ଏକ ସମୟର ଖବର ଦେଇଛି ଯେବେ ହଜାର ହଜାର୍ ଲୋକେ ମୋ ବୟତ୍‌ରେ ଦାଖଲ ହୋଇଯିବେ, ସୁତରାଂ ଏହି ଯୁଗରେ ଉକ୍ତ ପେଶ୍‌ଗୋଇ ପୁରଣ ହେଲା । ଭବିଷ୍ୟତର ଖବର ଦେବା ଖୁଦାଙ୍କ ବ୍ୟତୀତ କାହାର ଶକ୍ତି ନାହିଁ । ଭବିଷ୍ୟ ଜ୍ଞାନ ହେଉଛି ଖୁଦାଙ୍କ ବିଶେଷତା କିନ୍ତୁ ଏବେ ଆମ ବିରୋଧିମାନଙ୍କ ଦୃଷ୍ଟିରେ ଭବିଷ୍ୟଜ୍ଞାନ ମଧ୍ୟ ଖୁଦାଙ୍କ ବିଶେଷତାରେ ଅନ୍ତର୍ଭୁକ୍ତ ନାହିଁ । ଦେଖନ୍ତୁ ସେମାନେ କେତେ ଉନ୍ନତି କରିବେ । **(ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୬୯)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜଲ୍‌ସା ସାଲାନା ବ୍ରିଟେନ୍-୨୦୧୭ ଅବସରରେ କାର୍ଯ୍ୟବ୍ୟସ୍ତତା**

# ଅହେମଦୀୟତ୍ ହିଁ ଇସ୍‌ଲାମ୍‌ର ବାସ୍ତବିକ ସ୍ୱରୂପ

## ମୋର ବିଶ୍ୱାସ ଯେ ସାରା ଦୁନିଆ ଆପଣଙ୍କୁ ଗ୍ରହଣ କରିନେବ ଓ ପରିଶେଷରେ ଆପଣ ହିଁ ପ୍ରଭୁତ୍ୱଶାଳି ହେବେ

✶ଏଠାକୁ ଆସିବା ପରେ ମୋତେ ଇସ୍‌ଲାମ୍‌ର ଅସଲ ରୂପ ଦେଖିବାକୁ ମିଳିଲା ଏବଂ ପ୍ରତ୍ୟେକ ମୁସଲମାନ୍‌ଙ୍କ ନିମନ୍ତେ ଏହା ଜରୁରୀ ଅଟେ ଯେ ସେମାନେ ଇସ୍‌ଲାମ୍‌ର ଅସଲ ଚେହେରାକୁ ଦେଖନ୍ତୁ । ଯମାତ୍ ଅହେମଦୀୟାର ଇମାମ୍‌କୁ ଲୋକମାନଙ୍କ ସହିତ ମିଳାମିଶା କରିବାର ଦେଖିବା ପରେ କେବଳ ଗୋଟିଏ କଥା ମନରେ ଆସୁଛି ଯେ ଏ ବ୍ୟକ୍ତି, 'ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ' ର ବାସ୍ତବିକ ଓ କାର୍ଯ୍ୟକାରୀ ବ୍ୟକ୍ତିବିଶେଷ ଅଟନ୍ତି । (ଅଲ୍‌ହସନ୍ ବି କୁମାରା ସାହେବ୍, କଷ୍ଟମ୍ ଅଫିସର୍ ସିରିଆଲିଓନ୍)

✶ଯମାତ୍ ଅହେମଦୀୟା ସବୁ ପ୍ରକାର ଜାତିଆଣଭାବଠାରୁ ପବିତ୍ର ଅଟେ । ମୁଁ ପ୍ରଥମ ଥର ପାଇଁ ଯେତେବେଳେ ଖଲିଫତୁଲ୍ ମସିହ୍‌ଙ୍କୁ ଦେଖିଲି ସେତେବେଳେ ମୁଁ ଏହା ଅନୁଭବ କଲି ଯେ ଏ ବ୍ୟକ୍ତି ଜଣକ ପ୍ରକୃତରେ Champian of Peace ଅଟନ୍ତି ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଅହରହ ଚେଷ୍ଟା ଚଳାଇଛନ୍ତି । ମୁଁ ବାରମ୍ବାର ଏହି ଜଲ୍‌ସାରେ ସାମିଲ୍ ହେବାପାଇଁ ଇଛା କରିବି । (ସାଫାମୁଙ୍ଗାମୁ ସାହେବ୍, ପାରାମାଉଂଟ୍ ଚିଫ୍ ସିରିଆଲିଓନ୍)

✶ମୋତେ ଏ ଜଲ୍‌ସାରେ ବହୁତ ପୂର୍ବରୁ ଯୋଗ ଦେବାର ଥିଲା । ଏହି ଜଲ୍‌ସାର ପରିବେଶରେ ଯେଉଁ ସବୁ ସୁନ୍ଦର ପ୍ରବନ୍ଧ କରାଯାଇଥିଲା ଏବଂ ଲୋକମାନଙ୍କର ଉତମ ଚରିତ୍ର ଗୁଡିକ ବିଶେଷ ରୂପେ ଦୃଷ୍ଟିଗୋଚର ହେଉଥିଲା, ପ୍ରତ୍ୟେକ ବ୍ୟକ୍ତି କୌଣସି ଜାତିଭେଦକୁ ଆଖି ଆଗରେ ନ ରଖି ଜଣେ ଅନ୍ୟଜଣକୁ ସଲାମ୍ ପ୍ରେରଣ କରୁଥିଲା, ଖଲିଫତୁଲ୍ ମସିହ୍‌ଙ୍କୁ ଦେଖି ଲାଗୁଛି ଯେ ଖୁଦାତାଲା ତାଙ୍କ ଉପରେ ବିଶେଷ ଅନୁଗ୍ରହ କରିଛନ୍ତି । ଘଂଟାଘଂଟା ଭାଷଣ ଦେବା ପରେ ମଧ୍ୟ ତାଙ୍କ ଚେହେରାର ପ୍ରଫୁଲ୍ଲତାକୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି । (ଓ୍ୱାରା ଓ୍ୱାରା ଯାଗାଲା କାଡାଲା ସାହେବ୍, ପାରାମାଂଉଟ୍ ଚିଫ୍ ସିରିଆଲିଓନ୍) ।

✶ଅହେମଦୀୟତ୍ ହିଁ ଇସ୍‌ଲାମ୍‌ର ବାସ୍ତବିକ ସ୍ୱରୂପ ଅଟେ । ଆଜିକାଲି ଇସ୍‌ଲାମ୍‌ର ନାମକୁ ଚାରିଆଡ଼େ ସନ୍ତ୍ରାସବାଦ ସହିତ ଯୋଡ଼ା ଯାଉଛି କିନ୍ତୁ ଅହେମଦୀ ଏହି ଭାବନାକୁ ଭୁଲ୍ ରୂପେ ପ୍ରମାଣିତ କରୁଛନ୍ତି । ଏ ଜଲ୍‌ସାର ବ୍ୟବସ୍ଥାଗୁଡିକ ବହୁତ ଉଚ୍ଚକୋଟୀର ଥିଲା । ଛୋଟ ଛୋଟ ପିଲାମାନେ ମଧ୍ୟ ଲୋକମାନଙ୍କର ସେବାରେ ନିୟୋଜିତ ହୋଇଥିଲେ । ଏ ଦୃଶ୍ୟ ବହୁତ ମନଗୁଗ୍‌ଧକାରୀ ଥିଲା । ଯମାତ୍ ଅହେମଦୀୟାର ସତ୍ୟତାକୁ ପ୍ରମାଣ କରିବା ପାଇଁ ଏହି ଦୃଶ୍ୟ ହିଁ ଯଥେଷ୍ଟ । (ଅଲି କାଲୁକୁ ସାହେବ୍, ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ସିରିଆଲିଓନ୍)

✶ଯମାତ୍ କୌଣସି ପ୍ରକାର ଅସୁବିଧା ସୃଷ୍ଟି କରେନାହିଁ । କୌଣସି ପ୍ରକାରର ଫସାଦ୍ କରୁନାହିଁ । ପ୍ରେମ, ସ୍ନେହ ଓ ଭାଇଚାରାକୁ ପ୍ରକାଶ କରୁଅଛି । ଏବଂ ଏହି ଶିକ୍ଷା ଅହରହ ଦେଉଅଛି । ଅନ୍ୟମାନଙ୍କ ପାଇଁ ସହଜ ଓ ସରଳତା ସୃଷ୍ଟି କରୁଅଛି । ମୋତେ ଏପରି ଲାଗୁଛି ଯେ କେବଳ ଏହି ଗୋଟିଏ ଧର୍ମ ଓ ଯମାତ୍ ଅଟେ ଯାହାକୁ ଖୁଦାତାଲା ନିଜେ ସାହାଯ୍ୟ କରୁଛନ୍ତି ଏବଂ ମୋର ଏହି ବିଶ୍ୱାସ ସେ ସାରା ଦୁନିଆ ଆପଣଙ୍କୁ ଗ୍ରହଣ କରିନେବ ଓ ପରିଶେଷରେ ଆପଣ ହିଁ ଜିତିବେ । (Rakontondrazaka Arsena ସାହେବ, ପୂର୍ବତନ ମିନିଷ୍ଟର୍ ଅଫ୍ ପୋଲିସ୍, ମିଡ୍‌ଗସ୍କର୍)

**ଜଲ୍‌ସା ସାଲାନା ବ୍ରିଟେନ୍‌ରେ ସାମିଲ୍ ହୋଇଥିବା ଅତିଥିଗଣ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବା ପରେ ସେମାନଙ୍କର ବିଶ୍ୱାସବର୍ଦ୍ଧକ ମନୋଭାବ**

***(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)***

**(୧ ଅଗଷ୍ଟ ୨୦୧୭ ର ବଳକାଅଂଶ)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ବୁର୍କିନାଫାସୋର ପ୍ରତିନିଧିମାନେ ସାକ୍ଷାତ୍‌କାର କରିବା ପରେ ଗୋଟେମାଲା, କୋଷ୍ଟାରିକା, ମସ୍କୋ (ରୁଷିଆ) ରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କଲେ ।

**ସିରିଆଲିଓନ୍‌ରୁ ଆସିଥିବା ପ୍ରତିନିଧି ମଣ୍ଡଳଙ୍କ ସହିତ ସାକ୍ଷାତ୍‌କାର୍**

ସିରିଆଲିଓନ୍‌ରୁ ଏବର୍ଷ ୩୪ ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲେ । ସେଥି ମଧ୍ୟରୁ ସାତଜଣ ହେଉଛନ୍ତି ନ୍ୟାସନାଲ୍ ଆସେମ୍ବ୍ଲିର ମେମ୍ବର୍ ଅଫ୍ ପାର୍ଲିଆମେଂଟ୍, ୧୧ ଜଣ ପାରାମାଂଉଟ୍ ଚିଫ୍‌ସ, ଚେୟାରମ୍ୟାନ୍ ରୁଲିଂ ପାର୍ଟି, ଦେଶର ରାଷ୍ଟ୍ରପତିଙ୍କ ଆଡ଼ଭାଇଜର୍, ହାଇକୋର୍ଟର ଦୁଇଜଣ ଜର୍ଜ, ପାଂଚଜଣ ଜର୍ନାଲିଷ୍ଟ, ଏଯୁକେସନ୍ ସେକ୍ରେଟାରୀ ଏବଂ କିଛି ଅନ୍ୟାନ୍ୟ ସରକାରୀ ଅଫିସରଗଣ ଏଥିରେ ସାମିଲ୍ ହୋଇଥିଲେ ।

ରାଷ୍ଟ୍ରପତି ସାହେବ୍ ୮ ଜଣ ପାରାମାଂଉଟ୍ ଚିଫ୍‌ସଙ୍କୁ ନିଜ ଖର୍ଚ୍ଚ ଦେଇ ପଠାଇଛନ୍ତି । ଏବଂ ସିରିଆଲିଓନ୍‌ରୁ ଲଣ୍ଡନ୍ ଗସ୍ତ ସମୟରେ ପ୍ରତିନିଧି ମଣ୍ଡଳଙ୍କ ଗସ୍ତ ପୂର୍ବରୁ ଦେଶର ଜାତୀୟ ଟି.ଭି ରେ ଗୋଟିଏ ଷ୍ଟେଟ୍‌ମେଂଟ୍ ପ୍ରଦାନ କଲେ ଓ ଯମାତ୍ ଅହେମଦୀୟାର ଉଚ୍ଚ ପ୍ରଶଂସା ଉପସ୍ଥାପନ କଲେ । ଓ ଜଲ୍‌ସାସାଲାନା ୟୁ.କେ ପାଇଁ ଶୁଭେଚ୍ଛା ଜଣାଇଲେ ।

ଏହି ଓ୍ୱଫଦ୍‌ର ସଦସ୍ୟମାନେ ଜଣ ଜଣ ହୋଇ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ନିଜର ପରିଚୟ ପ୍ରଦାନ କଲେ । ପ୍ରତ୍ୟେକ ଅତିଥି ଜଲ୍‌ସା ପ୍ରସଙ୍ଗରେ କହିଲେ ଯେ ଯେପରି ଏହି ଜଲ୍‌ସାକୁ ଆମେ ବିଭିନ୍ନ ଜାତିର ଲୋକମାନେ ଆସି ଯୋଗ ଦେଉଥିବା ଓ ଏକତାର ପ୍ରତିକ ରୂପେ ଦେଖିଲୁ ଏହାର ଦୃଷ୍ଟାନ୍ତ ଆଉ କେଉଁଠାରେ ମିଳୁନାହିଁ । ଏହାପରେ ଜଷ୍ଟିସ୍ ହାଜା, ମୁସା, ଡାମ୍ବାକୁମାରା ସାହିବା ରାଷ୍ଟ୍ରପତିଙ୍କର ଜଲ୍‌ସାସାଲାନା ନିମନ୍ତେ ପ୍ରେରଣ କରିଥିବା ବାର୍ତାକୁ ପଢ଼ି ଶୁଣାଇଲେ ।

**ସିରଆଲିଓନ୍ ର ରାଷ୍ଟ୍ରପତି ମହୋଦୟଙ୍କ ବାର୍ତା**

ମହାମହିମ ମିର୍ଜା ମସ୍‌ରୁର୍ ଅହେମଦ୍ ବିଶ୍ୱବ୍ୟାପି ଯମାତ୍ ଅହେମଦୀୟା ମୁସ୍‌ଲିମ୍‌ର ଇମାମ୍ ! ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହମତୁଲ୍ଲାହେ ଓ୍ୱ ବର୍‌କାତୁହୁ ! ମୁଁ ହଜୁର୍ ଅନୁଓ୍ୱର୍‌କୁ ଏବଂ ସାରା ଦୁନିଆରୁ ଆସିଥିବା ଅହେମଦୀୟା ମୁସ୍‌ଲିମ୍ ଯମାତ୍‌ର ସଦସ୍ୟଗଣଙ୍କୁ ୫୧ତମ ଜଲ୍‌ସା ସାଲାନା ୟୁ.କେ ର ସଫଳ ଆୟୋଜନ ନିମନ୍ତେ ମୁବାରକ୍‌ବାଦ୍ ଉପସ୍ଥାପନ କରୁଅଛି । ଅଲ୍ଲାହ୍‌ତାଲା ଆପଣଙ୍କ ପ୍ରୋଗ୍ରାମ୍‌ଗୁଡିକରେ ବର୍‌କତ୍ ପ୍ରଦାନ କରନ୍ତୁ ।

ହଜୁର୍ ! ମୁଁ ଆପଣଙ୍କୁ ଓ ଆପଣଙ୍କ ଯମାତ୍‌କୁ ବତାଇବା ପାଇଁ ଚାହୁଁଛି ଯେ ମୋ ସରକାର ଓ ସିରିଆଲିଓନ୍‌ର ଅଧିବାସୀମାନେ, ଅହେମଦୀୟା ମୁସ୍‌ଲିମ୍ ମିଶନ୍ ସିରିଆଲିଓନ୍‌ର ଶିକ୍ଷା, ଚିକିତ୍ସା ଓ ଉନ୍ନତି ମୂଳକ କାର୍ଯ୍ୟକ୍ଷେତ୍ରରେ ଯେଉଁ ସବୁ ସେବା କରିଚାଲିଛି ସେଗୁଡିକୁ ସମ୍ମାନ ଦୃଷ୍ଟିରେ ଦେଖୁଅଛି । ଆପଣମାନେ ସିରିଆଲିଓନ୍‌ର ବିଭିନ୍ନ ସ୍ଥାନରେ ସୋଲାର୍ ଲାଇଟ୍‌ର ବ୍ୟବସ୍ଥା କରି ଯେଗାଇ ଦେଇଛନ୍ତି । ଏହିପରି ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଆପଣମାନଙ୍କର ପଦକ୍ଷେପ ବହୁତ ପ୍ରଶଂସନୀୟ ଅଟେ ।

ଅହେମଦୀୟା ମିଶନ୍ ଶାନ୍ତି ଉପରେ ବିଶ୍ୱାସ ରଖିଥାଏ ଏବଂ ଏହି ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ କାର୍ଯ୍ୟ କରୁଅଛି । ଏବଂ ସେ ନିଜ ଅମଲ ଦ୍ୱାରା ଏହ ପ୍ରମାଣିତ କରିଦେଇଛି ଯେ ଏମାନେ ଶାନ୍ତିପ୍ରିୟ ମୁସଲମାନ୍ ଅଟନ୍ତି । ଓ ମୋ ଦେଶରେ ସମଗ୍ର ମାନବ ଜାତି ନିମନ୍ତେ ଏକତା ଓ ଭାଇଚାରା ସୃଷ୍ଟି କରିବା ପାଇଁ କାର୍ଯ୍ୟ କରୁଛନ୍ତି ।

ମୁଁ ଆପଣମାନଙ୍କୁ ଆମ ସରକାରଙ୍କ ତରଫରୁ ସିରିଆଲିଓନ୍‌ରେ ଅହେମଦୀୟା ମୁସ୍‌ଲିମ୍ ମିଶନ୍‌ର ସହଯୋଗ ନିମନ୍ତେ ଆଶ୍ୱାସନା ଦେଉଅଛି । ଏବଂ ଆପଣଙ୍କ ଜଲ୍‌ସାର ସଫଳତା ନିମନ୍ତେ ମୁଁ ଶୁଭେଚ୍ଛା ଜଣାଉଛି ।

ଅଲ୍ଲାହ୍‌ତାଲା ଏହି ଦେଶରେ ଏବଂ ସାରା ସଂସାରରେ ଅହେମଦୀୟା ମୁସ୍‌ଲିମ୍ ଯମାତ୍ ଦ୍ୱାରା ହେଉଥିବା ଅହରହ ଚେଷ୍ଟାରେ ବର୍‌କତ୍ ପ୍ରଦାନ କରନ୍ତୁ ।

**Dr. Ernest Bai Koroma President of the Republic of Sierra Leone**

ପ୍ରତିନିଧିମାନଙ୍କ ସହିତ ସାକ୍ଷାତ୍‌କାର ସମୟରେ ସିରିଆଲିଓନ୍‌ର ରାଷ୍ଟ୍ରପତି ଫୋନ୍ ମାଧ୍ୟମରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ କଥା ହେଲେ । ଓ ଜଲ୍‌ସା ସାଲାନାର ସଫଳ ଆୟୋଜନରେ ଶୁଭେଚ୍ଛା

*ଅବଶିଷ୍ଟାଂଶ ପୃଷ୍ଠା-୧୦ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

★ଆଜି (୧୨ ରବିଉଲ୍ ଅୱ୍ୱଲ୍) ଯଦି ଆମେ ଆନନ୍ଦିତ ଓ ଉତ୍‌ଫୁଲ୍ଲିତ ହେଉ ତେବେ ହଜରତ ମହମ୍ମଦ ସ.ଆଙ୍କ ଚରିତ୍ର ମୁତାବକ ଅମଳ କରି, ହେବା ଉଚିତ୍ । ଯେଉଁଭଳି (ଆମେ) ଉପାସନାର ସ୍ତରବୃଦ୍ଧି କରିବା ସେହିପରି (ଆମର) ଏକେଶ୍ୱରବାଦ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଉତମ ଚରିତ୍ରର ସ୍ତରବୃଦ୍ଧି ହେବ । ଆଖରିନ୍ (ଅନ୍ତିମ ଯୁଗ)ର ଏହି ଜମାଅତର ସଦସ୍ୟମାନଙ୍କର କର୍ତବ୍ୟ କି ହଜରତ ମହମ୍ମଦ ସ.ଆଙ୍କର ଚରିତ୍ରର ଅନୁକରଣ କରି ଯେପରି ସାହାବାମାନେ ଉପାସନାର ଉଚ୍ଚସ୍ତର ନିର୍ଦ୍ଧାରଣ କଲେ ସେହିପରି ଆମ୍ଭେମାନେ ମଧ୍ଯ (ନିଜ) ଉପାସନାର ସ୍ତର ଉଚ୍ଚା କରିବା ଓ କେବଳ ସାଂସାରିକ କାର୍ଯ୍ୟ ବ୍ୟସ୍ତତାରେ ନିଜକୁ ନିୟୋଯିତ କରିଦେବା ନାହିଁ ।

★**ଲକଦ୍ କାନାଲକୁମ୍ ଫି ରସୁଲିଲ୍ଲାହି ଉସ୍ୱାତୁନ୍ ହସନତୁଲ୍ ଲିମନ୍ କାନା ୟରଯୁଲ୍ଲାହି ୱଲୟୋମଲ୍ ଆଖିରା ୱ ଜକରଲ୍ଲାହା କସିରା** ଅର୍ଥାତ ନିଃସନ୍ଦେହ ଅଲ୍ଲାଃଙ୍କ ରସୁଲ୍ ତୁମମାନଙ୍କ ପାଇଁ ଉତମ ଚରିତ୍ରର ଏକ ଆଦର୍ଶ ଅଟନ୍ତି ସେହି ସମସ୍ତ ଲୋକମାନଙ୍କ ସକାଶେ ଯେ ଅଲ୍ଲାଃ ଓ ଅନ୍ତିମ ଦିବସର ସାକ୍ଷାତ ବିଷୟରେ ଆଶା କରନ୍ତି ଓ ଅଲ୍ଲାଃଙ୍କର ଅତ୍ୟଧିକ ସ୍ମରଣ କରନ୍ତି । ସୁତରାଂ ଏହି ଉତମ ଚରିତ୍ରର ଅନୁକରଣ କରିବା ବ୍ୟତୀତ ଜଣେ (ପ୍ରକୃତ) ମୁସଲମାନ ହିଁ ହୋଇନଥାଏ ।

★ଆମ ନବୀ ସିରୋମଣୀ ଆମମାନଙ୍କ ପାଇଁ ଏକେଶ୍ୱରବାଦର ନମୁନା ମଧ୍ଯ ସ୍ଥାପନ କଲେ, ଉପାସନାର, ଉତମ ଚରିତ୍ର, ଭକ୍ତଙ୍କ କର୍ତବ୍ୟ ସମ୍ପାଦନ କରିବା ଆଦି ସମସ୍ତ ପ୍ରକାରର ନମୁନା ସ୍ଥାପନ କଲେ । କିନ୍ତୁ ଦୁଃଖଦ ଯେ ଆଜିକାଲି ଅଧିକାଂଶ ମୁସଲମାନମାନେ ଆପଣଙ୍କ ସହିତ ପ୍ରେମ କରିବାର ଘୋଷଣା ତ କରୁଛନ୍ତି କିନ୍ତୁ ସେମାନଙ୍କ ଅମଳ ସମ୍ପୂର୍ଣ୍ଣ ରୂପେ ବିପରୀତ ଅଟେ ଯାହାର ଆମ ନବୀ ସିରୋମଣୀ ଶିକ୍ଷା ଦେଇଥିଲେ ଏବଂ ଯାହା ଆପଣ ଅମଳ କରି ଦେଖାଇଲେ ।

★ଆଜି ଅଧିକାଂଶ ମୁସଲମାନ ଦେଶମାନଙ୍କରେ ବିଭ୍ରାଟ ଓ ବିଶୃଙ୍ଖଳା ବଢିଚାଲିଛି । ପାକିସ୍ତାନରେ ଏହି ବିଭ୍ରାଟର ଅଗ୍ନି ଯେପରି ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ବ୍ୟାପି ନଯାଉ ସେଥିପାଇଁ ସେମାନେ କେତେକ ସହରରେ ମୋବାଇଲ୍ ଫୋନ୍‌ର ଯୋଗାଯୋଗ ବନ୍ଦ କରିଦେଲେ ଏବଂ ପ୍ରତ୍ୟେକ ଛକ ଓ ରାସ୍ତାରେ ପୋଲିସ୍ ମୁତୟନ କରିଦେଲେ । କ'ଣ ଏହା ସେହି ନବୀ ସିରୋମଣୀଙ୍କ ଜନ୍ମ ଦିବସ ପାଳନ କରିବାର ମାର୍ଗ କି ପ୍ରତ୍ୟେକ ପୁଣ୍ୟବନ୍ତ (ମଣିଷ) ଆଜି ଭୟ ଓ ଆତଙ୍କିତ । ଆମ ପ୍ରିୟ ନବୀଙ୍କ ନାମ ନେଇ ଅହେମଦିଙ୍କ ବିରୋଧରେ ଅସଭ୍ୟ ଓ କୁଭାଷା ବ୍ୟବହାର କରିବା ତ ସେମାନଙ୍କ ନିତିଦିନିଆ କାର୍ଯ୍ୟ କିନ୍ତୁ ଆଜି ଏଥିରେ ତିବ୍ରତା ଦେଖିବାକୁ ମିଳୁଅଛି ।

★ଅଲ୍ଲାଃତାଲାଙ୍କ ସହ ଅପଣଙ୍କର ଯେଉଁ ପ୍ରଗାଢ ପ୍ରେମ ଥିଲା ତାହା ବର୍ଣ୍ଣନା କରି ହଜରତ ମସିହ ମଉଦ ଆ.ସ ଏକ ସ୍ଥାନରେ କୁହନ୍ତି- ହଜରତ ମହମ୍ମଦ ସ.ଆ ଏକ ହସ୍ତିର ପାଗଳ ପରି ପ୍ରେମିକ ହୋଇ ସେସବୁକିଛି ପ୍ରାପ୍ତ କଲେ ଯାହା ସଂସାରରେ କାହାରିକୁ କଦାପି ମିଳିନଥିଲା । ଆପଣଙ୍କୁ ଅଲ୍ଲାଃଙ୍କ ସହ ଏଭଳି ପ୍ରେମ ଥିଲା କି ସାଧାରଣ ଲୋକ ମଧ୍ଯ କହୁଥିଲେ କି **ଅଶକା ମହମ୍ମଦ ଆଲା ରବ୍‌ବିହି** ଅର୍ଥାତ ମହମ୍ମଦ ସ.ଆ ନିଜ ପାଳନକର୍ତାର ଆଶିକ୍ (ପ୍ରେମି) ହୋଇଗଲାଣି ।

★ହଜୁର ଅନଓ୍ୱର ଅ.ବ କହିଲେ- ଆଜି ଆମ ଅହେମଦିମାନଙ୍କ ଉପରେ ଏହି ଅଭିଯୋଗ ଲଗାଯାଉଅଛି କି ମିର୍ଜା ଗୁଲାମ ଅହେମଦ କାଦିଆନି ଆ.ସଙ୍କୁ ସ୍ୱୀକାର କରିବା ଯୋଗୁଁ ଅହେମଦିମାନେ ଅମାନ୍ୟକାରୀ ପାଲଟିଯାଇଛନ୍ତି । ଉପରେ ମୁଁ ଯେଉଁ ଘଟଣା ଚର୍ଚ୍ଚା କଲି ତାହା ଆମେ ଇତିହାସରେ ପଢୁଛେ ଏବଂ ଶୁଣୁଛେ କିନ୍ତୁ ଯେଉଁଭଳି ଅଣଆୟତ ଓ ବେଦନାର ସହିତ ହଜରତ ମସିହ ମଉଦ ଆ.ସ ଏହାକୁ ବର୍ଣ୍ଣନା କରିଛନ୍ତି ସେଥିରୁ ଆପଣଙ୍କର ହଜରତ ମହମ୍ମଦ ସ.ଆଙ୍କ ସହିତ ଥିବା (ଅଗାଢ) ପ୍ରେମ ପ୍ରକାଶ ପାଉଛି ଏବଂ ଏଥିମାଧ୍ୟମରେ ପୁଣି ଅଲ୍ଲାଃଙ୍କ ସହିତ ପ୍ରେମର ମାର୍ଗ ମଧ୍ଯ ଦୃଶ୍ୟମାନ ହେଉଅଛି, ଯାହାକି ହଜରତ ମହମ୍ମଦ ସ.ଆ ଆମକୁ ଦେଖାଇଲେ ।

★ହଜରତ ମହମ୍ମଦ ସ.ଆଙ୍କ ପ୍ରେମରେ ହଜରତ ମସିହ ମଉଦ ଆ.ସ କୁହନ୍ତି- ମୁଁ ସର୍ବଦା ଆଶ୍ଚର୍ଯ୍ୟାନ୍ୱିତ ଦୃଷ୍ଟରେ ଦେଖେ କି ଏହି ଆରବୀ ନବୀ ଯାହାର ନାମ ମହମ୍ମଦ ସ.ଆ ଅଟେ, ତାହା ପାଇଁ ସହସ୍ର ଦରୁଦ୍ ଓ ସଲାମ, ସେ କିଭଳି ଉଚ୍ଚ ସ୍ତରର ନବୀ ଅଟେ । ତାହାର ଉଚ୍ଚ ସ୍ତରର ଅନ୍ତ ଜଣାପଡୁ ନାହିଁ ଏବଂ ତାହାର ପବିତ୍ରତାର ପ୍ରଭାବର ଅନୁମାନ ଲଗାଇବା (ସାଧାରଣ) ମଣିଷର କାର୍ଯ୍ୟ ନୁହେଁ । ଦୁଃଖଦ ଯେଉଁଭଳି ତାହାକୁ ଚିହ୍ନିବା ଉଚିତ୍ ତାହାର ସ୍ତର ଓ ପଦକୁ (କେହି) ଚିହ୍ନିପାରିଲେ ନାହିଁ । ସେହି ଏକେଶ୍ୱରବାଦ ଯାହାକି ସଂସାରୁ ହଜିଯାଇଥିଲା ସେହି ଜଣେ ବଳବାନ ଥିଲା ଯେ, ସଂସାରରେ ତାହାର ପୁନଃ ପ୍ରତିଷ୍ଠା କଲା । ସେ ଅଲ୍ଲାଃତାଲାଙ୍କୁ ଅତ୍ୟଧିକ ପ୍ରେମ କଲେ ଏବଂ ତାହାର ଜୀବନ ମାନବଜାତି ସହ ସହାନୁଭୂତି ପ୍ରଦର୍ଶନ କରିବାରେ ସମ୍ପୂର୍ଣ୍ଣ ରୂପେ ବ୍ୟତୀତ ହେଲା ।

★ସୁତରାଂ ଅଲ୍ଲାଃ ଯେ ତାଙ୍କ ହୃଦୟର (ରହସ୍ୟ) ସହ ଅବଗତ ଥିଲେ ତାଙ୍କୁ ସମସ୍ତ ନବୀ ତଥା ସମସ୍ତ ପୂର୍ବ ଓ ପରବର୍ତୀ ନବୀଙ୍କ ମଧ୍ଯରେ ଶ୍ରେଷ୍ଠତା ପ୍ରଦାନ କଲେ ଏବଂ ତାହାର ଆଶା ଅଭିଳାଷା ତାହା ଜୀବନରେ ହିଁ ପୂରଣ କରିଦେଲେ, ସେ ସମସ୍ତ ପ୍ରକାରର ବିଭୂତିର ଉତ୍ସ । ବର୍ତମାନ ଯେ ତାହାକୁ ଅସ୍ୱୀକାର କରି କୌଣସି ପ୍ରକାରର ବିଭୂତି ପ୍ରାପ୍ତ କରିବାର ଘୋଷଣା କରେ ତେବେ ସେ ମଣିଷ ନୁହେଁ ବରଂ ଶଇତାନର ବଂଶଧର । କାରଣ ପ୍ରତ୍ୟେକ ଶ୍ରେଷ୍ଠତାର ଚାବିକାଠି କେବଳ ତାଙ୍କୁ ପ୍ରଦାନ କରାଯାଇଛି ଏବଂ ସମସ୍ତ ପ୍ରକାର ଜ୍ଞାନର ଭଣ୍ଡାର ତାହାଙ୍କୁ ପ୍ରାପ୍ତ ହୋଇଅଛି । ଯେ ତାଙ୍କ ମାଧ୍ୟମରେ (ବିଭୂତି) ହାସଲ କରିନଥାଏ ସେ ସଦାସର୍ବଦା ପାଇଁ ବଂଚିତ ରହିଥାଏ ।

★ହଜରତ ମସିହ ମଉଦ ଆ.ସ କୁହନ୍ତି- ମୁଁ ଅତ୍ୟନ୍ତ ଦୃଢତାର ସହିତ କହୁଛି ଯେ, ଜଣେ କିଭଳି ବଡ଼ ଶତ୍ରୁ ହେଉ ଅବା ଇସାଇ ଅବା ଆର୍ଯ୍ୟ ସମାଜୀ ଯେତେବେଳେ ସେ ହଜୁର ସ.ଆଙ୍କ ପୂର୍ବରୁ ଆରବବାସୀଙ୍କ ଅବସ୍ଥା ଦେଖିବ ଏବଂ ତାପରେ ସେହି ପରିବର୍ତନକୁ ପରିଲକ୍ଷିତ କରିବ ଯାହାକି ହଜୁର ସ.ଆଙ୍କ ଶିକ୍ଷା ଓ ସୁଗୁଣର ପ୍ରଭାବରେ ସୃଷ୍ଟି ହେଲା ସେତେବେଳେ ବିନା ଦ୍ୱନ୍ଦରେ ସେ ଆପଣଙ୍କ ସତ୍ୟବାଦୀ ହେବାର ସାକ୍ଷୀ ଦେବାକୁ ବାଧ ହେବ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍‌ତ: ୧ ଡିସେମ୍ବର ୨୦୧୭ ଅନୁଯାୟୀ ୧ ଫତାଃ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ୧୨ ରବିଉଲ୍ ଅୱ୍ୱଲ୍ ଏକ ଏପରି ଦିବସ ଯେଉଁଦିନ ଏହି ସଂସାରରେ ସେହି ପ୍ରକାଶ ଅବତୀର୍ଣ୍ଣ ହେଲା ଯାହାଙ୍କୁ ଅଲ୍ଲାଃତାଲା **ସିରାଜେ ମୁନିର୍** କହିଲେ । ଯେ ସମଗ୍ର ସଂସାରକୁ ଆଧ୍ୟାତ୍ମିକତାର ପ୍ରକାଶ ପ୍ରଦାନ କରିବାର ଥିଲା ଏବଂ ତାହା ସେ ସମ୍ପାଦନ କଲେ । ଯାହାଙ୍କୁ ଅଲ୍ଲାଃଙ୍କ ଆଧିପତ୍ୟକୁ ସଂସାରରେ ପ୍ରତିଷ୍ଠିତ କରିବାର ଥିଲା ଏବଂ ତାହା ସେ ସମ୍ପାଦନ କଲେ । ଯାହାଙ୍କୁ ବର୍ଷ ବର୍ଷର ମୃତକମାନଙ୍କୁ ଜୀବନ୍ତ କରିବାର ଥିଲା ଏବଂ ସେ ତାହା କଲେ । ଯେ ସଂସାରକୁ ଶାନ୍ତି ଓ ସୁରକ୍ଷା ପ୍ରଦାନ କରିବାର ଥିଲା ଏବଂ ସେ ତାହାର ପ୍ରତିଷ୍ଠା କଲେ । ଯାହାଙ୍କୁ ଅଲ୍ଲାଃତାଲା କହିଲେ **ୱମା ଅର୍‌ସଲ୍‌ନାକା ଇଲ୍ଲା ରହ୍‌ମତଲ୍ ଲିଲ୍‌ଆଲମିନ୍** ଅର୍ଥାତ ଆମ୍ଭେ ତୁମକୁ ବିଶ୍ୱବାସୀଙ୍କ ପାଇଁ କେବଳ କରୁଣା (ପ୍ରଦର୍ଶନ) କରିବା ନିମନ୍ତେ ପ୍ରେରଣ କରିଅଛୁ । ଯେ କେବଳ ମାନବ ଜାତି ପାଇଁ ନୁହେଁ ବରଂ ପଶୁପକ୍ଷୀମାନଙ୍କ ପାଇଁ ମଧ୍ଯ ଦୟାର (ସାଗର) ଥିଲେ । ଯାହାଙ୍କ ସମ୍ବନ୍ଧରେ ଅଲ୍ଲାଃତାଲା ଆପଣଙ୍କ ମାନ୍ୟକାରୀମାନଙ୍କୁ କହିଲେ କି ଅଲ୍ଲାଃଙ୍କ

ରସୁଲ୍ ତୁମମାନଙ୍କ ପାଇଁ (ଅନୁସରଣ ଯୋଗ୍ୟ)ସୁନ୍ଦର ଆଦର୍ଶ ଅଟନ୍ତି । ଯେପରି ଅଲ୍ଲାଃ କହିଛନ୍ତି-

**ଲକଦ୍ କାନାଲକୁମ୍ ଫି ରସୁଲିଲ୍ଲାହି ଉସ୍ୱାତୁନ୍ ହସନତୁଲ୍ ଲିମନ୍ କାନା ୟରଯୁଲ୍ଲାହି ୱଲୟୋମଲ୍ ଆଖିରା ୱ ଜକରଲ୍ଲାହା କସିରା** ଅର୍ଥାତ ନିଃସନ୍ଦେହ ଅଲ୍ଲାଃଙ୍କ ରସୁଲ୍ ତୁମମାନଙ୍କ ପାଇଁ ଉତମ ଚରିତ୍ରର ଏକ ଆଦର୍ଶ ଅଟନ୍ତି ସେହି ସମସ୍ତ ଲୋକମାନଙ୍କ ସକାଶେ ଯେ ଅଲ୍ଲାଃ ଓ ଅନ୍ତିମ ଦିବସର ସାକ୍ଷାତ ବିଷୟରେ ଆଶା କରନ୍ତି ଓ ଅଲ୍ଲାଃଙ୍କର ଅତ୍ୟଧିକ ସ୍ମରଣ କରନ୍ତି । ସୁତରାଂ ଏହି ଉତମ ଚରିତ୍ରର ଅନୁକରଣ କରିବା ବ୍ୟତୀତ ଜଣେ (ପ୍ରକୃତ) ମୁସଲମାନ ହିଁ ହୋଇନଥାଏ । ଆମ ନବୀ ସିରୋମଣୀ ଆମମାନଙ୍କ ପାଇଁ ଏକେଶ୍ୱରବାଦର ନମୁନା ମଧ୍ୟ ସ୍ଥାପନ କଲେ, ଉପାସନାର, ଉତମ ଚରିତ୍ର, ଭକ୍ତଙ୍କ କର୍ତବ୍ୟ ସମ୍ପାଦନ କରିବା ଆଦି ସମସ୍ତ ପ୍ରକାରର ନମୁନା ସ୍ଥାପନ କଲେ । କିନ୍ତୁ ଦୁଃଖଦ ଯେ ଆଜିକାଲି ଅଧିକାଂଶ ମୁସଲମାନମାନେ ଆପଣଙ୍କ ସହିତ ପ୍ରେମ କରିବାର ଘୋଷଣା ତ କରୁଛନ୍ତି କିନ୍ତୁ ସେମାନଙ୍କ ଅମଲ ସମ୍ପୂର୍ଣ୍ଣ ରୂପେ ବିପରୀତ ଅଟେ ଯାହାର ଆମ ନବୀ ସିରୋମଣୀ ଶିକ୍ଷା ଦେଇଥିଲେ ଏବଂ ଯାହା ଆପଣ ଅମଲ କରି ଦେଖାଇଲେ । ଆଜି ଅଧିକାଂଶ ମୁସଲମାନ ଦେଶମାନଙ୍କରେ ବିଭ୍ରାଟ ଓ ବିଶୃଙ୍ଖଳା ବଢିଚାଲିଛି । ପାକିସ୍ତାନରେ ଏହି ବିଭ୍ରାଟର ଅଗ୍ନି ଯେପରି ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ବ୍ୟାପୀ ନଯାଉ ସେଥିପାଇଁ ସେମାନେ କେତେକ ସହରରେ ମୋବାଇଲ୍ ଫୋନ୍ର ଯୋଗାଯୋଗ ବନ୍ଦ କରିଦେଲେ ଏବଂ ପ୍ରତ୍ୟେକ ଛକ ଓ ରାସ୍ତାରେ ପୋଲିସ୍ ମୁତୟନ କରିଦେଲେ । କ'ଣ ଏହା ସେହି ନବୀ ସିରୋମଣୀଙ୍କ ଜନ୍ମ ଦିବସ ପାଳନ କରିବାର ମାର୍ଗ କି ପ୍ରତ୍ୟେକ ପୁଣ୍ୟବନ୍ତ (ମଣିଷ) ଆଜି ଭୟ ଓ ଆତଙ୍କିତ । ଆମ ପ୍ରିୟ ନବୀଙ୍କ ନାମ ନେଇ ଅହେମଦିଙ୍କ ବିରୋଧରେ ଅସଭ୍ୟ ଓ କୁଭାଷା ବ୍ୟବହାର କରିବା ତ ସେମାନଙ୍କ ନିତିଦିନିଆ କାର୍ଯ୍ୟ କିନ୍ତୁ ଆଜି ଏଥିରେ ତିବ୍ରତା ଦେଖିବାକୁ ମିଳୁଅଛି । କିଛିଦିନ ପୂର୍ବେ ପାକିସ୍ତାନର କେତେକ ସହରରେ ଯେଉଁ ଘେରାଉ କରାଗଲା ଓ (ଲୋକେ) ଧାରଣା ଦେଇ ବସିଲେ, ଯାହାକି ସମସ୍ତ ପୁଣ୍ୟବନ୍ତ ସହରୀଙ୍କୁ ବ୍ୟସ୍ତ ବିବ୍ରତ କରିଦେଲା । କାରଣ କାରବାର (ଜୀବନ) ସମ୍ପୂର୍ଣ୍ଣ ରୂପେ ଠପ୍ ହେବା ସହିତ କୌଣସି ରୋଗୀ ଚିକିତ୍ସାଳୟରେ ମଧ୍ୟ ପହଂଚିପାରୁନଥିଲେ । ସ୍କୁଲମାନଙ୍କୁ ବନ୍ଦ କରିଦିଆଗଲା ଏପରିକି ଦୋକାନ ବଜାର ମଧ୍ୟ ବନ୍ଦ ରହିଲା । ଯାହା ଘରେ ଖାଦ୍ୟ ସାମଗ୍ରୀ ନଥିଲା ସେ ନିଜ ପିଲାଛୁଆଙ୍କ ପାଇଁ ଖାଦ୍ୟ ସାମଗ୍ରୀ ମଧ୍ୟ ଆଣିପାରୁନଥିଲା । ଦେଶକୁ ଅରବ ଅରବ ଟଙ୍କାର କ୍ଷତି ସହ୍ୟ କରିବାକୁ ପଡ଼ିଲା ଏବଂ ଏସବୁ ସେହି ନାମକୁ ମାତ୍ର ମୌଲବିଙ୍କ **ହୁବ୍‌ବେ ରସୁଲ**ର ଶ୍ଳୋଗାନ ଦେବା ଯୋଗୁଁ ଘଟିଲା ଯେ ସମଗ୍ର ବିଶ୍ୱ ପାଇଁ ଦୟାର ସାଗର ଥିଲେ ଯେ ଆମକୁ ଶିକ୍ଷା ଦେଲେ କି ରାସ୍ତାର (ମଧ୍ୟ କିଛି) କର୍ତବ୍ୟ ରହିଛି ତାହା ମଧ୍ୟ ପାଳନ କର । କିନ୍ତୁ ଏହି ଲୋକମାନେ ତ ନବୀଙ୍କ ସୁରକ୍ଷା କରିବା ନାମରେ ରାସ୍ତା ରୋକ କରୁଛନ୍ତି ଲୋକମାନଙ୍କୁ (ଅଯଥା) କଷ୍ଟ ଦେଉଛନ୍ତି । ହଜରତ ମହମ୍ମଦ ସ.ଆଙ୍କ ଶିକ୍ଷା ଓ ଆପଣଙ୍କର କାର୍ଯ୍ୟକଳାପ ସହ ଏସବୁ ହରକତର ତିଳେ ମାତ୍ର ସାମଞ୍ଜସ୍ୟ ନାହିଁ । ଏମାନେ ଯାହା ଇଚ୍ଛା କରନ୍ତୁ କିନ୍ତୁ ଆମେ ଅହେମଦିଙ୍କର କର୍ତବ୍ୟ କି ଆମେ ହଜରତ ମହମ୍ମଦ ସ.ଆଙ୍କର ପ୍ରତ୍ୟେକ କାର୍ଯ୍ୟକଳାପ ପ୍ରତି ନଜର ରଖି ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ବିନିଯୋଗ କରି ତଦନୁଯାୟୀ ଅମଲ କରିବାକୁ ଚେଷ୍ଟା କରିବା ।

ହଜୁର ଅନୱର ଅ.ବ କହିଲେ- ବର୍ତମାନ ମୁଁ ହଜରତ ମହମ୍ମଦ ସ.ଆଙ୍କ ଉତମ ଚରିତ୍ରର ବିଭିନ୍ନ ଦୃଷ୍ଟିକୋଣ ସମ୍ବନ୍ଧରେ ଚର୍ଚ୍ଚା କରିବି । ଅଲ୍ଲାଃତାଲାଙ୍କ ସହ ଅପଣଙ୍କର ଯେଉଁ ପ୍ରଗାଢ ପ୍ରେମ ଥିଲା ତାହା ବର୍ଣ୍ଣନା କରି ହଜରତ ମସିହ ମଉଦ ଆ.ସ ଏକ ସ୍ଥାନରେ କୁହନ୍ତି- ହଜରତ ମହମ୍ମଦ ସ.ଆ ଏକ ହସ୍ତିର ପାଗଳ ପରି ପ୍ରେମିକ ହୋଇ ସେସବୁକିଛି ପ୍ରାପ୍ତ କଲେ ଯାହା ସଂସାରରେ କାହାରିକୁ କଦାପି ମିଳିନଥିଲା । ଆପଣଙ୍କୁ ଅଲ୍ଲାଃଙ୍କ ସହ ଏଭଳି ପ୍ରେମ ଥିଲା କି ସାଧାରଣ ଲୋକ ମଧ୍ୟ କହୁଥିଲେ କି **ଅଶକା ମହମ୍ମଦ ଆଲା ରବ୍‌ବିହି** ଅର୍ଥାତ ମହମ୍ମଦ ସ.ଆ ନିଜ ପାଳନକର୍ତାର ଆଶିକ୍ (ପ୍ରେମି) ହୋଇଗଲାଣି ।

ପୁନଶ୍ଚ ହଜରତ ମହମ୍ମଦ ସ.ଆଙ୍କ ଅଲ୍ଲାଃତାଲାଙ୍କ ସହ ପ୍ରେମ କରିବା ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି ଯେତେବେଳେ ଏହି ପଙ୍କ୍ତି ଅବତୀର୍ଣ୍ଣ ହେଲା କି ଅମାନ୍ୟକାରୀମାନେ ଅପବିତ୍ର, ଅପକର୍ମୀ ଏବଂ ଶଇତାନର ବଂଶଧର ତଥା ସେମାନଙ୍କ ଉପାସ୍ୟ ନର୍କର ଇନ୍ଧନ ଓ ନର୍କ ପାଇଁ ଯଥେଷ୍ଟ ଅଟନ୍ତି । ସେତେବେଳେ ଅବୁତାଲିବ ହଜରତ ମହମ୍ମଦ ସ.ଆଙ୍କୁ ଡ଼ାକି କହିଲେ, ହେ ମୋର ପୁତୁରା ! ବର୍ତମାନ ତୋର ଅପନିନ୍ଦାରେ ମକାବାସୀ ଉତେଜିତ ହୋଇଉଠିଲେଣି ଏବଂ ସମ୍ଭବତଃ ସେମାନେ ତୋ ସହିତ ମୋତେ ମଧ୍ୟ ହତ୍ୟା କରିଦେଇପାରନ୍ତି । ତୁମେ ସେମାନଙ୍କ ବିଦ୍ୱାନମାନଙ୍କୁ ନିର୍ବୁଦ୍ଧିଆ କହୁଛ ଏବଂ ସେମାନଙ୍କ ଗୁରୁଜନମାନଙ୍କୁ **ଶରୁଲ୍ ବରିୟା** ଆଖ୍ୟା ଦେଇ ଏବଂ ସେମାନଙ୍କ ସମ୍ମାନୀୟ ଉପାସ୍ୟଗୁଡ଼ିକୁ **ହେଜମ୍** ଓ ନର୍କର ଇନ୍ଧନ କହିଲ ତଥା ସେମାନଙ୍କୁ ଅପବିତ୍ର, ଅପକର୍ମୀ ଓ ଶଇତାନର ବଂଶଧର କହିଲେ । ମୁଁ ତୁମର ସୁଭଙ୍କାକ୍ଷୀ ହୋଇଥିବା ହେତୁ କହୁଅଛି କି ଏପରି ଭାଷା ପ୍ରୟୋଗ କରିବାରୁ ଓ ଅପନିନ୍ଦାରୁ ନିବୃତ ରୁହ କାରଣ ମୁଁ ସମ୍ପ୍ରଦାୟର ମୁକାବିଲା କରିବାର ସାମର୍ଥ୍ୟ ରଖୁ ନାହିଁ । ଏଥିରେ ହଜରତ ମହମ୍ମଦ ସ.ଆ ଉତର ଦେଲେ ହେ ମୋର ଚଚା ! ଏହା ଅପନିନ୍ଦା ନୁହେଁ ବରଂ ସତ୍ୟର ପରିପ୍ରକାଶ ଓ ଉଚିତ୍ ସମୟରେ (ଅଲ୍ଲାଃଙ୍କ) ଆଦେଶ ମୁତାବକ ଲୋକମାନଙ୍କୁ ସନ୍ଦେଶ ଦେବା ଅଟେ ଏବଂ ଏଥିପାଇଁ ତ ମୁଁ ପ୍ରେରିତ । ଯଦି ଏହି କର୍ତବ୍ୟ ସମ୍ପାଦନରେ ମୋତେ ଜୀବନ ହାରିବାକୁ ପଡ଼େ ତେବେ ମୁଁ ଏପରି ମୃତ୍ୟୁକୁ ଆନନ୍ଦର ସହିତ ସ୍ୱୀକାର କରିବି । ମୋ ଜୀବନ ଏହି ମାର୍ଗରେ ଉତ୍ସର୍ଗିକୃତ ତେଣୁ ମୁଁ ମରିବା ଭୟରେ ସତ୍ୟର ପରିପ୍ରକାଶରୁ ନିବୃତ ରହିପାରିବି ନାହିଁ । ହେ ଚଚା ! ଯଦି ତୁମେ ନିଜ ଦୁର୍ବଳତା ଓ କଷ୍ଟ (ପାଇବାକୁ ନେଇ) ଚିନ୍ତିତ ତେବେ ତୁମେ ମୋତେ ନିଜ ତତ୍ତ୍ୱାବଧାନରେ ରଖିବାରୁ ବିଚ୍ଛେଦ କରିଦିଅ । ଅଲ୍ଲାଃଙ୍କ ରାଣ ମୋତେ ତୁମର କୌଣସି ଲୋଡ଼ା ନାହିଁ । ମୁଁ ଅଲ୍ଲାଃଙ୍କ ବାଣୀ (ଲୋକମାନଙ୍କ ନିକଟରେ) ପହଂଚାଇବାରୁ କଦାପି ନିବୃତ ରହିପାରିବି ନାହିଁ । ମୋତେ ଅଲ୍ଲାଃଙ୍କ ବାଣୀ ନିଜ ଜୀବନଠାରୁ ମଧ୍ୟ ଅଧିକ ପ୍ରିୟ ଅଟେ । ଯଦି ମୁଁ ଏହି ମାର୍ଗରେ ମୃତ୍ୟୁବରଣ କରେ ତେବେ ମୁଁ ଇଚ୍ଛା କରିବି କି ବାରମ୍ବାର ଜୀବିତ ହୋଇ ସର୍ବଦା ଏହି ମାର୍ଗରେ ମୃତ୍ୟୁବରଣ କରୁଥାଏ । ଏହା ଭୟ କରିବାର ସ୍ଥାନ ନୁହେଁ ବରଂ ଏଥିରେ ମୋତେ ଅତ୍ୟଧିକ ଆନନ୍ଦ ଲାଭ ହେଉଅଛି କି ମୁଁ ଏହି ମାର୍ଗରେ ଦୁଃଖ ବରଦାସ୍ତ କରେ । ହଜୁର ସ.ଆ ଏହି ପ୍ରବଚନ ଦେବା ସମୟରେ ଆପଣଙ୍କ ମୁଖମଣ୍ଡଳରେ ସତ୍ୟ ଓ ପ୍ରକାଶରେ ପରିପୂର୍ଣ୍ଣ ହେବା ଦୃଶ୍ୟମାନ ହେଉଥିଲା ଏବଂ ଯେତେବେଳେ ହଜୁର ନିଜର ବକ୍ତବ୍ୟ ଶେଷକଲେ ସେତେବେଳେ ସତ୍ୟର ପ୍ରକାଶ ଦେଖି ଅବୁତାଲିବଙ୍କ ଆଖିରୁ ଅସମ୍ଭାଳ ଅଶ୍ରୁ ଝରିପଡ଼ିଲା ଏବଂ କହିଲେ ମୁଁ ତୁମର ଏପରି ଉଚ୍ଚ ଚିନ୍ତାଧାରା ସହ ଅବଗତ ନଥିଲି । ତୁମେ ତ ଭିନ୍ନ ରଙ୍ଗରେ ଓ ଭିନ୍ନ ପଦରେ ପ୍ରତିଷ୍ଠିତ ଯାଅ ନିଜର କାମ କର, ଯେପର୍ଯ୍ୟନ୍ତ ମୁଁ ଜୀବିତ ଅଛି ଏବଂ ଯେପର୍ଯ୍ୟନ୍ତ ମୋର ସାମର୍ଥ୍ୟ ମୁଁ ତୁମ ସାଥିରେ ଅଛି ।

ହଜୁର ଅନୱର ଅ.ବ କହିଲେ- ଆଜି ଆମ ଅହେମଦିମାନଙ୍କ ଉପରେ ଏହି ଅଭିଯୋଗ ଲଗାଯାଉଅଛି କି ମିର୍ଜା ଗୁଲାମ ଅହେମଦ କାଦିଆନି ଆ.ସଙ୍କୁ ସ୍ୱୀକାର କରିବା ଯୋଗୁଁ ଅହେମଦିମାନେ ଅମାନ୍ୟକାରୀ ପାଲଟିଯାଇଛନ୍ତି । ଉପରେ ମୁଁ ଯେଉଁ ଘଟଣା ଚର୍ଚ୍ଚା କଲି ତାହା ଆମେ ଇତିହାସରେ ପଢୁଛେ ଏବଂ ଶୁଣୁଛେ କିନ୍ତୁ ଯେଭଳି ଅଣଆୟତ ଓ ବେଦନାର ସହିତ ହଜରତ ମସିହ ମଉଦ ଆ.ସ ଏହାକୁ ବର୍ଣ୍ଣନା କରିଛନ୍ତି ସେଥିରୁ ଆପଣଙ୍କର ହଜରତ ମହମ୍ମଦ ସ.ଆଙ୍କ ସହିତ ଥିବା (ଅଗାଢ) ପ୍ରେମ ପ୍ରକାଶ ପାଉଛି ଏବଂ ଏଥିମାଧ୍ୟମରେ ପୁଣି ଅଲ୍ଲାଃଙ୍କ ସହିତ ପ୍ରେମର ମାର୍ଗ ମଧ୍ୟ ଦୃଶ୍ୟମାନ ହେଉଅଛି, ଯାହାକି ହଜରତ ମହମ୍ମଦ ସ.ଆ ଆମକୁ ଦେଖାଇଲେ । ହଜରତ ମହମ୍ମଦ ସ.ଆଙ୍କ ପ୍ରେମରେ ହଜରତ ମସିହ ମଉଦ ଆ.ସ କୁହନ୍ତି-

ମୁଁ ସର୍ବଦା ଆଶ୍ଚର୍ଯ୍ୟାନ୍ୱିତ ଦୃଷ୍ଟରେ ଦେଖେ କି ଏହି ଆରବୀ ନବୀ ଯାହାର ନାମ ମହମ୍ମଦ ସ.ଆ ଅଟେ, ତାହା ପାଇଁ ସହସ୍ର ଦରୁଦ୍ ଓ ସଲାମ, ସେ କିଭଳି ଉଚ୍ଚ ସ୍ତରର ନବୀ ଅଟେ । ତାହାର ଉଚ୍ଚ ସ୍ତରର ଅନ୍ତ ଜଣାପଡୁ ନାହିଁ ଏବଂ ତାହାର ପବିତ୍ରତାର ପ୍ରଭାବର ଅନୁମାନ ଲଗାଇବା (ସାଧାରଣ) ମଣିଷର କାର୍ଯ୍ୟ ନୁହେଁ । ଦୁଃଖଦ ଯେଭଳି ତାହାକୁ ଚିହ୍ନିବା ଉଚିତ୍ ତାହାର ସ୍ତର ଓ ପଦକୁ (କେହି) ଚିହ୍ନିପାରିଲେ ନାହିଁ । ସେହି ଏକେଶ୍ୱରବାଦ ଯାହାକି ସଂସାରୁ ହଜିଯାଇଥିଲା ସେହି ଜଣେ ବଳବାନ ଥିଲା ଯେ, ସଂସାରରେ ତାହାର ପୁନଃ ପ୍ରତିଷ୍ଠା କଲା । ସେ ଅଲ୍ଲାଃତାଲାଙ୍କୁ ଅତ୍ୟଧିକ ପ୍ରେମ କଲେ ଏବଂ ତାହାର ଜୀବନ ମାନବଜାତି ସହ ସହାନୁଭୂତି ପ୍ରଦର୍ଶନ କରିବାରେ ସମ୍ପୂର୍ଣ୍ଣ ରୂପେ ବ୍ୟତୀତ ହେଲା । ସୁତରାଂ ଅଲ୍ଲାଃ ଯେ ତାଙ୍କ ହୃଦୟର (ରହସ୍ୟ) ସହ ଅବଗତ ଥିଲେ ତାଙ୍କୁ ସମସ୍ତ ନବୀ ତଥା ସମସ୍ତ ପୂର୍ବ ଓ ପରବର୍ତୀ ନବୀଙ୍କ ମଧ୍ୟରେ ଶ୍ରେଷ୍ଠତା ପ୍ରଦାନ କଲେ ଏବଂ ତାହାର ଆଶା ଅଭିଳାଷା ତାହା ଜୀବନରେ ହିଁ ପୂରଣ କରିଦେଲେ, ସେ ସମସ୍ତ ପ୍ରକାରର ବିଭୂତିର ଉତ୍ସ । ବର୍ତମାନ ଯେ ତାହାକୁ ଅସ୍ୱୀକାର କରି କୌଣସି ପ୍ରକାରର ବିଭୂତି ପ୍ରାପ୍ତ କରିବାର ଘୋଷଣା କରେ ତେବେ ସେ ମଣିଷ ନୁହେଁ ବରଂ ଶଇତାନର ବଂଶଧର । କାରଣ ପ୍ରତ୍ୟେକ ଶ୍ରେଷ୍ଠତାର ଚାବିକାଠି କେବଳ ତାଙ୍କୁ ପ୍ରଦାନ କରାଯାଇଛି ଏବଂ ସମସ୍ତ ପ୍ରକାର ଜ୍ଞାନର ଭଣ୍ଡାର ତାହାଙ୍କୁ ପ୍ରାପ୍ତ ହୋଇଅଛି । ଯେ ତାଙ୍କ ମାଧ୍ୟମରେ (ବିଭୂତି) ହାସଲ କରିନଥାଏ ସେ ସଦାସର୍ବଦା ପାଇଁ ବଂଚିତ ରହିଥାଏ । ଆମେ ବା ଛାର କିଏ ଏବଂ ଆମର ଅସ୍ତିତ୍ୱ ବା କ'ଣ । ଆମେ ଅମାନ୍ୟକାରୀ ହେବୁ ଯଦି ଏହାର ସ୍ୱୀକାର ନକରୁ କି ପ୍ରକୃତ ଏକେଶ୍ୱରବାଦ ଆମେ ଏହି ନବୀ ମାଧ୍ୟମରେ ପ୍ରାପ୍ତ କଲୁ ଏବଂ ଜୀବନ୍ତ ଅଲ୍ଲାଃଙ୍କ ଚିହ୍ନଟ ଏହି ନବୀ ସିରୋମଣୀ ଓ ତାହାର ପ୍ରକାଶରୁ ଅର୍ଜନ କଲୁ ଏବଂ ଅଲ୍ଲାଃଙ୍କ ସହ ବାର୍ତାଳାପ କରିବାର ସୌଭାଗ୍ୟ ଯଦ୍ୱାରା ଆମ୍ଭେ ତାହାର

ଚେହେରା ଦେଖୁଅଛୁ ଏହି ମହାନ ନବୀ ମାଧ୍ୟମରେ ସମ୍ଭବ ହେଲା । ଏହି ମାର୍ଗଦର୍ଶକ ସୂର୍ଯ୍ୟର କିରଣ ଆମ ଉପରେ ପଡୁଅଛି ଏବଂ ସେପର୍ଯ୍ୟନ୍ତ ଆମେ ଆଲୋକିତ ରହିଥିବୁ ଯେପର୍ଯ୍ୟନ୍ତ ଆମେ ତାଙ୍କ ସମ୍ମୁଖରେ ଛିଡ଼ା ହୋଇରହିଥିବୁ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ମୁଁ ଅତ୍ୟନ୍ତ ଦୃଢ଼ତାର ସହିତ କହୁଛି ଯେ, ଜଣେ କିଭଳି ବଡ଼ ଶତ୍ରୁ ହେଉ ଅବା ଈସାଇ ଅବା ଆର୍ଯ୍ୟ ସମାଜୀ ଯେତେବେଳେ ସେ ହଜୁର ସ.ଆଙ୍କ ପୂର୍ବରୁ ଆରବବାସୀଙ୍କ ଅବସ୍ଥା ଦେଖିବ ଏବଂ ତାପରେ ସେହି ପରିବର୍ତନକୁ ପରିଲକ୍ଷିତ କରିବ ଯାହାକି ହଜୁର ସ.ଆଙ୍କ ଶିକ୍ଷା ଓ ସୁଗୁଣର ପ୍ରଭାବରେ ସୃଷ୍ଟି ହେଲା ସେତେବେଳେ ବିନା ଦ୍ୱନ୍ଦରେ ସେ ଆପଣଙ୍କ ସତ୍ୟବାଦୀ ହେବାର ସାକ୍ଷୀ ଦେବାକୁ ବାଧ୍ୟ ହେବ । ପବିତ୍ର କୋରାନ ସେମାନଙ୍କ ପ୍ରାଥମିକ ଅବସ୍ଥାର ନକ୍ସା ଟଣାଯାଇଛି କି **ୱ ୟାକୁଲୁନା କମା ତାକୁଲୁଲ୍ ଅନଆମ୍** ଅର୍ଥାତ ସେମାନେ ଏପରି ଖାଆନ୍ତି ଯେମିତି ପଶୁ ଖାଇଥାନ୍ତି, ସେମାନଙ୍କ ଅବସ୍ଥା ପଶୁଠାରୁ କିଛି କମ୍ ନୁହେଁ । ଏହା ସେମାନଙ୍କ ଅମାନ୍ୟ କରିବାର ଅବସ୍ଥା ଥିଲା । ପୁଣି ଯେତେବେଳେ ହଜରତ ମହମ୍ମଦ ସ.ଆଙ୍କ ପବିତ୍ର ପ୍ରଭାବ ସେମାନଙ୍କୁ ପ୍ରଭାବିତ କଲା ସେତେବେଳେ ସେମାନଙ୍କ ଅବସ୍ଥା **ଯବିତୁନା ଲିରବ୍ବିହିମ୍ ସୁଜାଦଉଁ ୱକୟାମା**ରେ ପରିବର୍ତନ ହୋଇଗଲା ଅର୍ଥାତ ସେମାନେ ନିଜ ପାଳନକର୍ତାଙ୍କ ନିକଟରେ ସଜଦା କରିବା, ଦଣ୍ଡାୟମାନ ରହିବା ଅବସ୍ଥାରେ ରାତ୍ରି ଅତିବାହିତ କରନ୍ତି ।

ହଜୁର ଅନୱର ଅ.ବ କହିଲେ- ସୁତରାଂ ପ୍ରାରମ୍ଭିକ (ସାହାବାମାନଙ୍କ) ସହିତ ମିଳିତ ହେବା ଏହି ଆଖରିନ୍ (ଅନ୍ତିମ ଯୁଗ)ର ଏହି ଜମାଅତର ସଦସ୍ୟମାନଙ୍କର କର୍ତବ୍ୟ କି ହଜରତ ମହମ୍ମଦ ସ.ଆଙ୍କର ଚରିତ୍ରର ଯେପରି ସାହାବାମାନେ ଅନୁକରଣ କରି ଉପାସନାର ଉଚ୍ଚସ୍ତର ନିର୍ଦ୍ଧାରଣ କଲେ ସେହିପରି ଆମ୍ଭେମାନେ ମଧ୍ୟ (ନିଜ) ଉପାସନାର ସ୍ତର ଉଚ୍ଚା କରିବା ଓ କେବଳ ସାଂସାରିକ କାର୍ଯ୍ୟ ବ୍ୟସ୍ତତାରେ ନିଜକୁ ନିୟୋଜିତ କରିଦେବା ନାହିଁ । ଅନ୍ତଃବିଭାଗ ଓ ଜମାଅତର ବ୍ୟବସ୍ଥା ଦାୟିତ୍ୱରେ ଥିବା ବିଭାଗ ଏହି ରିପୋଟ୍ ଦେଇଥାନ୍ତି କି ଆମ ଜମାଅତର ୪୦, ୫୦, ୬୦ ପ୍ରତିଶତ ଲୋକ ନମାଜ ପାଠ କରୁଛନ୍ତି । କିନ୍ତୁ ଯେପର୍ଯ୍ୟନ୍ତ ଆମେ ୧୦୦ ପ୍ରତିଶତ ନମାଜୀ ଉତ୍ପନ୍ନ କରିନଦେଉ ଆମକୁ ଶାନ୍ତି ମିଳିବ ନାହିଁ ଏବଂ କେବଳ ବ୍ୟବସ୍ଥା ନୁହେଁ ବରଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜର ନିରୀକ୍ଷଣ କରିବା ଉଚିତ୍ ଯେ, ସେ କେଉଁ ଅବସ୍ଥାରେ ରହିଛି ।

ପୁଣି ସତ୍ୟବାଦୀ ଓ ସତ କହିବାରେ ଆପଣଙ୍କର କିଭଳି ନମୁନା ଥିଲା ଏଥିସମ୍ବନ୍ଧରେ ଆପଣଙ୍କର ସବୁଠାରୁ ବଡ଼ ଶତ୍ରୁ ନଜର୍ ବିନ୍ ହାରିସ୍‌ର ସାକ୍ଷ୍ୟ ଶୁଣନ୍ତୁ । ଏକଦା କୁରେଶର ମାନ୍ୟଗଣ୍ୟ ବ୍ୟକ୍ତିତ୍ୱମାନେ ଏକତ୍ରିତ ହେଲେ ସେମାନଙ୍କ ମଧ୍ୟରେ ଅବୁ ଜହଲ୍ ଏବଂ ନଜର ବିନ୍ ହାରିସ୍ ମଧ୍ୟ ଥିଲେ ହଜରତ ମହମ୍ମଦ ସ.ଆଙ୍କ ସମ୍ବନ୍ଧରେ କେହି ଜଣେ କହିଲେ କି ତାଙ୍କୁ ଯାଦୁଗର କିମ୍ବା ମିଥ୍ୟାବାଦୀ ଘୋଷିତ କରିଦିଅ । ସେତେବେଳେ ନଜର ବିନ୍ ହାରିସ୍ ଛିଡ଼ା ହୋଇ କହିଲା ହେ କୁରେଶ୍‌ର ଦଳ ! ଆଜି ଏକ ଏପରି ମାମଲା ତୁମମାନଙ୍କ ସମ୍ମୁଖକୁ ଆସିଛି ଯାହାର ମୁକାବିଲା କରିବା ପାଇଁ ତୁମେ ସଠିକ୍ ରୂପେ କୌଣସି ନିଷ୍ପତି ହିଁ କରିପାରୁ ନାହଁ । ତୁମମାନଙ୍କ ମଧ୍ୟରେ ମହମ୍ମଦ ଜଣେ ଯୁବକ ଥିଲେ ଏବଂ ସେ ତୁମ ସମସ୍ତଙ୍କୁ ଅତ୍ୟନ୍ତ ପ୍ରିୟ ଥିଲେ, ସବୁଠାରୁ ଅଧିକ ସତ୍ୟବାଦୀ ଥିଲେ, ସମସ୍ତଙ୍କଠାରୁ ଅଧିକ ଅମାନାତଦାର୍ (ବିଶ୍ୱସ୍ତ) ଥିଲେ । ବର୍ତମାନ ତୁମେ କହୁଅଛ କି ସେ ଯାଦୁଗର । ମନେରଖ ଯାଦୁଗରଙ୍କ ଭଳି ତାଙ୍କ ନିକଟରେ କୌଣସି କଳା ନାହିଁ, ଆମେ ମଧ୍ୟ ଯାଦୁଗର ଦେଖିଛୁ । ତୁମେ କହିଲ ସେ ଭବିଷ୍ୟବାଣୀ କରୁଥିବା ପାଗଳ (କାହିନ୍) ଅଟନ୍ତି । ଆମେ ଏପରି ବ୍ୟକ୍ତି ମଧ୍ୟ ଦେଖିଛୁ କିନ୍ତୁ ସେ କଦାପି କାହିନ୍ ନୁହନ୍ତି । ତୁମେ କହିଲ ସେ ଗୀତକାର (ଶାୟର) ଅଟନ୍ତି ଆମେ ଗୀତର ସମସ୍ତ ବିଭାଗ ସହ ଅବଗତ କିନ୍ତୁ ସେ ଗୀତକାର ମଧ୍ୟ ନୁହନ୍ତି । ତୁମେ କହିଲ ସେ ପାଗଳ ଅଟନ୍ତି କିନ୍ତୁ ପାଗଳାମିର ତାଙ୍କ ନିକଟରେ କୌଣସି ଚିହ୍ନବର୍ଣ୍ଣ ହିଁ ନାହିଁ । ଅତଃ ତୁମେମାନେ ଆହୁରି ଅଧିକ ଅନୁଧ୍ୟାନ କରିନିଅ ତୁମ ନିକଟରେ ଏକ ବହୁତ ବଡ଼ ମାମଲା ଆସି ପହଂଚିଛି ।

ଅବୁ ଜହଲ୍ ତ ଆପଣଙ୍କ ସତ୍ୟବାଦୀ ହେବାର କଦାପି ଅସ୍ୱୀକାର କରିପାରି ନାହିଁ । ସେ କହିଲା ମୁଁ ତୁମକୁ ମିଥ୍ୟାବାଦୀ କହୁ ନାହିଁ କିନ୍ତୁ ତୁମେ ଯେଉଁ ଶିକ୍ଷା ନେଇ ଆସିଛ ଆମେ ତାହାକୁ ଭୁଲ କହୁଅଛି କାରଣ ତୁମେ ଆମ ପ୍ରତିମାମାନଙ୍କ ବିରୋଧରେ ଲୋକଙ୍କୁ ପ୍ରବର୍ତାଉଛ । ଅବୁସୁଫୟାନ୍ ମଧ୍ୟ ହରକଲର ଦରବାରରେ ଏହା କହିଥିଲେ କି ହଜୁର ସ.ଆ କଦାପି ମିଛ କହିନାହାନ୍ତି ଏବଂ ସମସ୍ତଙ୍କୁ ସର୍ବଦା ସତ କହିବାକୁ ପୋତ୍ସାହିତ କରନ୍ତି । ଅତଃ ଶତ୍ରୁଠାରୁ ବଳି ଶତ୍ରୁ ମଧ୍ୟ ଆପଣଙ୍କୁ କଦାପି ମିଥ୍ୟାବାଦୀ କହି ପାରିନାହିଁ ଏବଂ ଏହା ହିଁ ଆପଣଙ୍କ ନବୀ ହେବାର ବହୁତ ବଡ଼ ପ୍ରମାଣ । ୟହୁଦି ବିଦ୍ୱାନ ଆପଣଙ୍କ ଚେହେରାକୁ ଦେଖି କହିଥିଲେ କି ଏହା ଏକ ମିଥ୍ୟାବାଦୀର ଚେହେରା ହୋଇ ନପାରେ ।

ହଜୁର ଅନୱର ଅ.ବ କହିଲେ- ଅତଃ ଆପଣଙ୍କ ଅନୁଗାମୀ ହୋଇ ଅହେମଦିମାନଙ୍କୁ ନିଜ ସତ୍ୟବାଦୀ ହେବାର ସ୍ତର ଉଚ୍ଚା କରିବାକୁ ସର୍ବଦା ଚେଷ୍ଟା କରିବା ଉଚିତ୍ । ଯଦ୍ଦ୍ୱାରା ଇସଲାମୀୟ ଶିକ୍ଷା ପ୍ରଚାର ପ୍ରସାର କରିବାର ମାର୍ଗ ସହଜ ଓ ସରଳ ହୋଇଯିବ । ଧର୍ମ ପ୍ରଚାର ନିମନ୍ତେ କହିବା କରିବା ମଧ୍ୟରେ ତାଳମେଳ ରହିବା ନିତ୍ୟାନ୍ତ ଆବଶ୍ୟକ । ଯଦି ଅମଲ କ୍ଷେତ୍ରରେ ସତ୍ୟତା ନାହିଁ ତେବେ ଲୋକେ ଧାର୍ମିକ ଶିକ୍ଷାକୁ ମଧ୍ୟ ମିଥ୍ୟା ମନେକରିବେ । ଅଲ୍ଲାଃଙ୍କ ଅସ୍ତିତ୍ୱ ଏକ ନିରାଟ ସତ୍ୟ । ଏହି ସତ୍ୟତାର ପ୍ରଚାର ପ୍ରସାର କରିବା ବର୍ତମାନ ଆମର କର୍ତବ୍ୟ ।

ହଜୁର ଅନୱର ଅ.ବ କହିଲେ- ଆଜି (୧୨ ରବିଉଲ୍ ଅୱ୍ୱଲ) ଯଦି ଆମେ ଆନନ୍ଦିତ ଓ ଉତ୍ସାହିତ ହେଉ ତେବେ ହଜରତ ମହମ୍ମଦ ସ.ଆଙ୍କ ଚରିତ୍ର ମୁତାବକ ଅମଲ କରି ହେବା ଉଚିତ୍ । ଯେଭଳି (ଆମେ) ଉପାସନାର ସ୍ତରବୃଦ୍ଧି କରିବା ସେହିପରି (ଆମର) ଏକେଶ୍ୱରବାଦ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଉତମ ଚରିତ୍ରର ସ୍ତରବୃଦ୍ଧି ହେବ । ଯଦି ଆମେ ଏହି ସ୍ତର ହାସଲ ନକରିବା ତେବେ ଆମ ଓ ଅନ୍ୟମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ରହିବ ନାହିଁ । ସେହି ଲୋକମାନେ ଯେ ବିଭାଜିତ ହୋଇରହିଛନ୍ତି ଓ ଅସ୍ଥାୟୀ ଲିଡ଼ର୍ ତଥା ନାମକୁ ମାତ୍ର ମୌଲବି ବୋଲାଉଥିବା ଲୋକଙ୍କ ଅନୁକରଣ କରି ସାଧାରଣ ଲୋକମାନଙ୍କୁ ଅସୁବିଧାରେ ପକାଉଛନ୍ତି, ସେମାନଙ୍କ ଓ ଆମ ମଧ୍ୟରେ କୌଣସି ପାର୍ଥକ୍ୟ ରହିବ ନାହିଁ ଯଦି ଆମେ ହଜରତ ମହମ୍ମଦ ସ.ଆଙ୍କ ଉତମ ଚରିତ୍ରକୁ ନିଜ ବାସ୍ତବ ଜୀବନରେ ସ୍ଥାନ ଦେବା ନାହିଁ । ହଜରତ ମସିହ ମଉଦ ଆ.ସଙ୍କର ବୟତ କରିବାର ଉଦ୍ଦେଶ୍ୟ ଏହି କି ଯେ, ପ୍ରତ୍ୟେକ କାର୍ଯ୍ୟରେ ହଜୁର ସ.ଆଙ୍କର ନମୁନାକୁ ନିଜ ସମ୍ମୁଖରେ ରଖିବା । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ

ଖୁତବାର ଶେଷରେ ହଜୁର ଅନୱର ଅ.ବ ଶ୍ରୀମତି ସଲ୍ମା ଗନି ସାହେବାଃ ଯେ କି ଫଲାଡ଼ଲ୍‌ଫିଆ (ଆମେରିକା) ନିବାସୀ ଥିଲେ ତାଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କରିବା ସହିତ ତାଙ୍କ ଉତମ ଚରିତ୍ରର ଚର୍ଚ୍ଚା ମଧ୍ୟ କଲେ ।

*ପୃଷ୍ଠା-୬ ର ଅବଶିଷ୍ଟାଂଶ.......*

ଅମେହଦୀୟା ଏକ ଶାନ୍ତିପ୍ରିୟ ଯମାତ୍ ଅଟେ । ସେ ପୁଣି କହିଲେ ଯେ ନ୍ୟାୟ ପ୍ରତିଷ୍ଠା କରିବା ବିନା ଶାନ୍ତି ସ୍ଥାପନ ହୋଇପାରିବ ନାହିଁ ଏବଂ ଏକାଠି ହୋଇ ନ ରହିବା ଦ୍ୱାରା ଉନ୍ନତି ମିଳିପାରିବ ନାହିଁ । ମୁଁ ଯାହା କିଛି ଏଠାରେ ଦେଖିଛି ସେଥିରୁ ଜାଣିପାରିଲି ଯେ ଆପଣଙ୍କର ସ୍ତର ଓ ଉଦାହରଣୀୟ କାର୍ଯ୍ୟ ଦୁନିଆର ସମସ୍ତ ଯମାତ୍ ଓ ଗୋଷ୍ଠୀଙ୍କ ଠାରୁ ଆଗରେ ଅଛି । ମୁଁ ସିରିଆଲିଓନ୍‌ରେ ଦଶବର୍ଷ ବିତାଇଛି । ଏ ବର୍ଷ ମଧ୍ୟ ସେଠିକାର ଜଲ୍‌ସାରେ ଯୋଗ ଦେଇଥିଲି । ବହୁତ ଲୋକଙ୍କ ସହିତ ମିଶିଲି । ଦେଶର ରାଷ୍ଟ୍ରପତି, ମନ୍ତ୍ରୀଗଣ, ମେୟର୍ ଅଫ୍ ପାର୍ଲିଆମେଂଟ୍ ଓ ଅନ୍ୟାନ୍ୟ ବଡ଼ ବଡ଼ ଅଫିସରମାନେ ଆସିଥିଲେ । ଆପଣମାନେ ହିଁ ସଠିକ୍ ମାର୍ଗରେ ପରିଚାଳିତ ଏବଂ ମୋର ବିଶ୍ୱାସ ଅଛି ଯେ ଖୁଦାତାଲା ଆପଣଙ୍କ ସହିତ ଅଛନ୍ତି ଏଥିରେ ହଜୁର୍ ଅନୱର୍ ଅ:ବ:ଅ କହିଲେ- ଆମେ ତ ତାହା କରୁଛୁ ଯାହା ଇସଲାମ୍‌ର ଶିକ୍ଷା ଅଟେ । ମୁସଲମାନ୍ ମାନେ ଇସଲାମ୍‌ର ଏହି ଶିକ୍ଷା ଉପରେ ଯଦି ଅମଲ କରିବେ ତେବେ ପ୍ରତ୍ୟେକ ସ୍ଥାନରେ ଫସାଦ ଶେଷ ହୋଇଯିବ । ଆମର କାର୍ଯ୍ୟ ଇନ୍‌ଶାଅଲ୍ଲାଃ ଜାରି ରହିବ । ଦୁନିଆ ସମ୍ମୁଖରେ ଇସଲାମ୍‌ର ଶାନ୍ତିପ୍ରିୟ ଶିକ୍ଷାକୁ ଉପସ୍ଥାପନ କରି ମାନବଜାତିର ସମ୍ମାନ କରିବା ପାଇଁ ଶିଖାନ୍ତୁ । କାରଣ ମାନବଜାତିର ସମ୍ମାନ ଦ୍ୱାରା ହିଁ ଆଗକୁ ଶାନ୍ତିପ୍ରତିଷ୍ଠା ହୋଇପାରିବ । ହଜୁର୍ ଅନୱର୍ ଅ:ବ:ଅ କହିଲେ ଯେ ଯଦି ଏ ଦୁନିଆ ସଠିକ୍ ଇସଲାମୀୟ ଶିକ୍ଷା ଉପରେ ଅମଲ କରିବାକୁ ଲାଗିଯିବ ତେବେ ପାଶ୍ଚାତ୍ୟ ଦୁନିଆରେ ମଧ୍ୟ କଦାପି ଇସଲାମୀୟ ଶିକ୍ଷା ଉପରେ ଆରୋପ କରାଯାଇପାରିବ ନାହିଁ । ଏବଂ କେହି ମୁସଲମାନଙ୍କ ଉପରେ ମଧ୍ୟ ଆରୋପ ଲଗାଇପାରିବେ ନାହିଁ । ତେଣୁ ଆମ ସମସ୍ତଙ୍କୁ ଏକତ୍ରିତ ହୋଇ ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା ଉଚିତ୍ ।

ଗିନି କନାକରି ଦେଶର ଡିରେକ୍ଟର୍ ଜେନେରାଲ୍ ଅଫ୍ ରିଲିଜିଅସ୍ ଆଫେୟାର୍‌ସ ନୁରୁଦ୍ଦିନ୍ ଫାଦିଗା ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ମୁଁ ଡିରେକ୍ଟର୍ ଜେନେରାଲ୍ ଅଫ୍ ରିଲିଜିଅସ୍ ଆଫେୟାର୍‌ସ ହୋଇଥିବା ଯୋଗୁ ଅଧିକାଂଶ ସମୟ ଧର୍ମୀୟ ପ୍ରୋଗ୍ରାମରେ ସାମିଲ୍ ହେଉଛି । କିନ୍ତୁ ଏତେ ଉତମ ବ୍ୟବସ୍ଥା ଓ ଡିସିପ୍ଲିନ୍ କେଉଁଠାରେ ଦୃଷ୍ଟିଗୋଚର ହୋଇନାହିଁ । ଯମାତ୍ ଅହେମଦୀୟାର ଇମାମଙ୍କ ଅଭିଭାଷଣ ଗୁଡ଼ିକ ଓ ବିଶେଷ ରୂପେ ଉଦ୍‌ଯାପନୀ ଭାଷଣ ଟି ଅସାଧାରଣ ଗୁରୁତ୍ୱ ରଖିଥିଲା । ଏହି ଅଭିଭାଷଣକୁ ମୁସଲମାନ୍‌ମାନଙ୍କର ପ୍ରତ୍ୟେକ ଗୋଷ୍ଠୀଙ୍କୁ ଶୁଣିବା ଦରକାର । ଏହି ଉପଦେଶଗୁଡ଼ିକ ଆମକୁ ସଠିକ୍ ଇସଲାମୀୟ ମାର୍ଗ ଦେଖାଇପାରିବ । ଜିହାଦ୍‌ର ଯେଉଁ ବ୍ୟାଖ୍ୟା ଖଲିଫତୁଲ୍ ମସିହ୍ କରିଲେ ମୁଁ ଏପରି ସୁନ୍ଦର ବ୍ୟାଖ୍ୟା ଏହା ପୂର୍ବରୁ କେବେ ଶୁଣିନାହିଁ । ମୋତେ

*ଅବଶିଷ୍ଟାଂଶ ପୃଷ୍ଠା-୯ ରେ ଦେଖନ୍ତୁ...*

*ପୃଷ୍ଠା-୧୫ ର ଅବଶିଷ୍ଟାଂଶ.......*

କରିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଛି । ତାଙ୍କ ସ୍ତ୍ରୀ ହେଉଛନ୍ତି ଗୋଟେମାଲାର ଅଧିବାସୀ । ଏବଂ ସେମାନଙ୍କର ତିନୋଟି ସନ୍ତାନ ଅଛନ୍ତି । ସମସ୍ତେ ଅଲ୍ଲାଃଙ୍କ ଦୟାବଳରୁ ଅହେମଦୀ ଅଛନ୍ତି । ଇଏ ପ୍ରଥମଥର ଜଲ୍‌ସା ସାଲାନା ୟୁ.କେ ରେ ସାମିଲ୍ ହୋଇଛନ୍ତି । ଜଲ୍‌ସାର ସମସ୍ତ ବ୍ୟବସ୍ଥା, ଭାଇଚାରା ଓ ପ୍ରେମ, ଜଲ୍‌ସାର ସ୍ୱେଚ୍ଛାସେବକଙ୍କ ସେବା, ଜ୍ଞାନବର୍ଦ୍ଧକ ଭାଷଣ ବିଶେଷ ରୂପେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ଙ୍କ ଅଭିଭାଷଣରୁ ବହୁତ ପ୍ରଭାବିତ ହୋଇଛନ୍ତି । ସେ କହିଲେ ଯେ ଇଣ୍ଡୋନେସିଆରେ ତାଙ୍କର ପୁରା ଫ୍ୟାମିଲି ଓ କୁଟୁମ୍ବ କଟର୍ ସୁନ୍ନି ଅଟନ୍ତି । ଏବଂ ସେମାନେ ଅତ୍ୟନ୍ତ ପଥଭ୍ରଷ୍ଟକ ମାର୍ଗ ଓ ପଥଭ୍ରଷ୍ଟ ପ୍ରଥାରେ ପରିଚାଳିତ ହେଉଛନ୍ତି । ଖୁଦାତାଲା ତାଙ୍କୁ ଅହେମଦୀୟତ୍‌ର ଜ୍ୟୋତିରେ ଜ୍ୟୋତିର୍ମୟ କରିଛନ୍ତି ଏବଂ ଜଲ୍‌ସା ସାଲାନା ୟୁ.କେ ରେ ସାମିଲ୍ ହୋଇ ଗୋଟିଏ ନୂଆ ଆଧ୍ୟାତ୍ମିକ ଜୀବନ ପାଇଛନ୍ତି । ପବିତ୍ର କୋରାନ୍ ଓ ହଦିସ୍‌ରେ ହଜ୍‌ରତ୍ ଇମାମ୍ ମେହେଦୀ ଆ:ସ ଙ୍କ ଯମାତ୍‌ର ଯେଉଁ ଚିହ୍ନ ଓ ନିଦର୍ଶନ ଗୁଡିକ ବର୍ଣ୍ଣନା କରାଯାଇଛି ସେଗୁଡିକର କାର୍ଯ୍ୟକାରୁ ସୁନ୍ଦର ପ୍ରତିଛବି ଏହି ଜଲ୍‌ସାରେ ଦେଖିଲେ, ଯାହା ତାଙ୍କ ଇମାନ୍‌କୁ ଆହୁରି ସୁଦୃଢ଼ କରିଦେଲା । ସେ କହିଲେ ଯେ ସେ ଆସନ୍ତା ବର୍ଷ ମଧ୍ୟ ନିଜ ପିଲାମାନଙ୍କୁ ନେଇ ଜଲ୍‌ସା ସାଲାନା ୟୁ.କେ ରେ ସାମିଲ୍ ହେବା ପାଇଁ ଆଶା ରଖିଛନ୍ତି ।

ଜଣେ ଅତିଥି Neddy Garrido ସାହେବ୍ ମଧ୍ୟ ଏ ଜଲ୍‌ସାରେ ସାମିଲ୍ ହୋଇଛନ୍ତି ଯେ ଅଣ ମୁସ୍‌ଲିମ୍ ଅଟନ୍ତି । ଯମାତ୍ ଅହେମଦୀୟା ଗୋଟୋମାଲାର ଜେନେରାଲ୍ ସେକ୍ରେଟାରୀ ଡେବିଡ୍ ଗୁଞ୍ଜାଲେଜ୍ ସାହେବ୍‌ଙ୍କର ସେ ଜେରେ ତବ୍‌ଲିଗ୍ ଅଛନ୍ତି । ସେ କହିଲେ କି ସେ ଜଲ୍‌ସା ସାଲାନାରେ ସାମିଲ୍ ହୋଇ ଇସ୍‌ଲାମୀୟ ଶିକ୍ଷା ଦ୍ୱାରା ବହୁତ ପ୍ରଭାବିତ ହୋଇଛନ୍ତି । ଆଶା ଅଛି ସେ ଅଲ୍ଲାଃତାଲାଙ୍କ କରୁଣାରୁ ବହୁତ ଶିଘ୍ର ବୟତ କରିବାର ସୌଭାଗ୍ୟ ପାଇବେ ।

ଗୋଟେମାଲାର ପଡୋଶୀ ଦେଶ ମେକ୍‌ସିକୋର ଗୋଟିଏ ଷ୍ଟେଟ୍ ଚିଆପା ରେ ଯମାତ୍ ଗୋଟେମାଲା କାମ କରୁଅଛି । ଏହି ଷ୍ଟେଟ୍‌ରୁ ଜଣେ ନୂଆ ଅହେମଦୀ ଇସ୍‌ମାଇଲ୍ ଗୋମେଜ୍ ଲୋପେଜ୍ ସାହେବ୍ ମଧ୍ୟ ଆସିଛନ୍ତି । ତାଙ୍କ ବାପା ଇମାମ୍ ଇବ୍ରାହିମ୍ ସାହେବ୍ ଅଟନ୍ତି ଯିଏ ତାଙ୍କର ୭୦ ଜଣ ଅନୁଗାମୀଙ୍କ ସହିତ ତିନିବର୍ଷ ପୂର୍ବରୁ ଅହେମଦୀୟତ୍ ଗ୍ରହଣ କରିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ । ସେ ବର୍ତମାନ ଶିକ୍ଷା ହାସଲ କରୁଛନ୍ତି ଓ ଜାମିଆ ଅହେମଦୀୟାରେ ଶିକ୍ଷା ହାସଲ କରିବା ପାଇଁ ଆଶା ରଖିଛନ୍ତି ଓ ନିଜର ଜୀବନକୁ ୱ୍ୱକଫ୍ କରିବା ପାଇଁ ମଧ୍ୟ ମନୋ ବଳାଇଛନ୍ତି ।

ମେକ୍‌ସିକୋ ର ସେହି ଷ୍ଟେଟ୍‌ରୁ ଜଣେ ଜର୍ନାଲିଷ୍ଟ୍ ରାଉଲ୍ ୱ୍ୱେରା ସାହେବ୍ ମଧ୍ୟ ଗୋଟେମାଲାର ପ୍ରତିନିଧି ମଣ୍ଡଳରେ ସାମିଲ୍ ଥିଲେ । ସେ ମଧ୍ୟ ମେକ୍‌ସିକୋ ମିଡିଆରେ ଖବର ପଠାଇଛନ୍ତି, ଯାହା ପ୍ରକାଶ ମଧ୍ୟ ହୋଇଛି ।

ଗୋଟେମାଲାରୁ ଆସିଥିବା ୱ୍ୱଫଦ୍‌ର ସଦସ୍ୟମାନେ ବତାଇଲେ ଯେ ଏ ଜଲ୍‌ସାର ବ୍ୟବସ୍ଥା ଗୁଡିକ ବହୁତ ଉଚ୍ଚକୋଟୀର ଥିଲା । ଏହା ପୂର୍ବରୁ ଆମେ ଏପରି ଉତମ ବ୍ୟବସ୍ଥା ଆଉ କେଉଁଠାରେ ଦେଖିନାହୁଁ । ମିଡ଼ିଆରେ ଇସ୍‌ଲାମ୍ ସମ୍ବନ୍ଧରେ ଯେଉଁ ପ୍ରପୋଗଣ୍ଡା ହେଉଛି, ତାହା ସବୁ ଭୁଲ୍ ଅଟେ । ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଆମକୁ ଏଠାରେ ଦୃଷ୍ଟିଗୋଚର ହୋଇଛି ଯାହା ଅତ୍ୟନ୍ତ ଶାନ୍ତିପ୍ରିୟ ଓ ସଲାମତିର ଶିକ୍ଷା ଅଟେ । ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ- ଆପଣ ଡେବିଡ୍ ଗୋଜାଲେସ୍ ସାହେବ୍ ଯିଏ ଯମାତ୍‌ର ଜେନେରାଲ୍ ସେକ୍ରେଟାରୀ ଅଛନ୍ତି, ତାଙ୍କୁ ଦେଖନ୍ତୁ । ଅହେମଦୀୟତ୍ ଗ୍ରହଣ କରିବା ପରେ ତାଙ୍କ ଭିତରେ ବିରାଟ ପରିବର୍ତନ ଆସିଛି । ସେ ସଠିକ୍ ଧର୍ମକୁ ଗ୍ରହଣ କରିଛନ୍ତି ।

ଆଉଜଣେ ଅତିଥି କହିଲେ ଯେ ଏ ଜଲ୍‌ସା ସମୟରେ ପ୍ରତ୍ୟେକ ବ୍ୟକ୍ତି ଯିଏ ମୋ ସହିତ ମିଶିଲେ, ସେ ଏପରି ଲାଗୁଥିଲେ ଯେପରି ସେ ମୋ ବନ୍ଧୁ ଅଟନ୍ତି । ପ୍ରତ୍ୟେକ ବ୍ୟକ୍ତି ବହୁତ ପ୍ରେମ ଓ ସ୍ନେହର ସହିତ ମିଶୁଥିଲା । ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଆମେ ସମସ୍ତେ ହେଉଛୁ ମନୁଷ୍ୟ । ଲୋକମାନେ ବିଭିନ୍ନ ଧର୍ମ ସହିତ ସମ୍ପର୍କ ରଖିଛନ୍ତି । କିନ୍ତୁ ଅସଲ କଥା ହେଉଛି ଯେ ଆମକୁ ମାନବିକତାର ସମ୍ମାନକୁ ପ୍ରତିଷ୍ଠା କରିବା ଉଚିତ୍ । ଆପଣ ଯେକୌଣସି ଧର୍ମର ହୋଇଥାଆନ୍ତୁ ନା କାହିଁକି । ଯଦି ଖୁଦାଙ୍କ ସହିତ ପ୍ରେମଭାବ ଅଛି ତେବେ ପୁଣି ତାର ସୃଷ୍ଟଜ ପ୍ରାଣୀମାନଙ୍କ ସହିତ ମଧ୍ୟ ପ୍ରେମଭାବ ରହିବା ଉଚିତ୍ ।

ଆଉଜଣେ ଅତିଥି କହିଲେ ଯେ ଯେବେଠାରୁ ଯମାତ୍ ସହିତ ଆମର ସମ୍ପର୍କ ହେଲାଣି ଆମକୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଓ ଅସଲ ଶିକ୍ଷା ବିଷୟରେ ଜଣାପଡ଼ିଲା । ଏଠି ଜଲ୍‌ସା ସାଲାନରେ ସାମିଲ୍ ହୋଇ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ବିଷୟରେ ବିସ୍ତାର ରୂପେ ଜ୍ଞାନ ହାସଲ ହୋଇଛି ।

ଗୋଟେମାଲାର ଅମୀର ସାହେବ୍ କହିଲେ ଯେ ସୁଲେମାନ୍ ରୋଡ୍ରୀଗୁଏଜ୍ ସାହେବ୍ ହେଉଛନ୍ତି ଜଣେ ଅହେମଦୀ ଖାଦିମ୍ ଏବଂ କିଛି ବର୍ଷ ପୂର୍ବେ ସେ ଅହେମଦୀ ହୋଇଛନ୍ତି । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ସୁଲେମାନ୍ ସାହେବ୍‌ଙ୍କୁ ନିଜ ସାଥିରେ ରଖି ଧର୍ମୀୟ ଶିକ୍ଷା ଦିଅନ୍ତୁ ଏବଂ ତାଙ୍କର ତର୍‌ବିୟତ୍ କରନ୍ତୁ । ଫଳତଃ ସେ ଜଣେ ମୁଅଲ୍ଲିମ୍ ହିସାବରେ କାର୍ଯ୍ୟ କରିପାରିବେ । ପୁଣି କହିଲେ ତାଙ୍କ ପାଇଁ କୌଣସି ଛୋଟିଆ କୋର୍ସ ଯାମିଆ କେନେଡ଼ା ବା ଯାମିଆ ଘାନା ରେ ପ୍ରସ୍ତୁତ କରାଯାଇପାରିବ । ଇଏ ସେଠାରେ ସ୍ପେଶାଲ୍ କୋର୍ସ କରିପାରିବେ । ଆପଣ ତାଙ୍କ ପାଇଁ କୌଣସି ସ୍ୱଳ୍ପମିଆଦି କୋର୍ସ ତିଆରି କରନ୍ତୁ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ-ଡୋମିଙ୍ଗ ସାହେବ୍ ହେଉଛନ୍ତି ନିଜ ଇଲାକାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିୟୋଜିତ ଜଜ୍ । ତେବେ ନିଷ୍ପତି କରିବା ସମୟରେ ସମ୍ପୂର୍ଣ୍ଣ ରୂପେ ନ୍ୟାୟ ଆଚରଣ କରନ୍ତୁ । ନିଜ ଫଇସଲାରେ ନ୍ୟାୟର ସ୍ତରକୁ କାଏମ୍ ରଖନ୍ତୁ । ସେଠିକାର ଲୋକମାନଙ୍କ ମଧ୍ୟରେ ଏହି ସ୍ତରକୁ କାଏମ୍ ରଖିବା ପାଇଁ ଚେଷ୍ଟା କରନ୍ତୁ ।

ଗୋଟେମାଲାରୁ ଆସିଥିବା ଏହି ୱ୍ୱଫଦ୍‌ଙ୍କ ସହିତ ହୋଇଥିବା ସାକ୍ଷାତ୍‌କାର୍ ୧୨:୨୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱ୍ୱଫଦ୍‌ର ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁୱ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

## ଗିନି କନାକରି ରୁ ଆସିଥିବା ୱ୍ୱଫଦ୍‌ଙ୍କ ସହିତ ସାକ୍ଷାତ୍‌କାର୍

ଏହାପରେ ଗିନି କନାକରି ଦେଶରୁ ଆସିଥିବା ପ୍ରତିନିଧିମାନେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଗିନି କନାକରି ରୁ ୪ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା, ଯେଉଁମାନଙ୍କ ଭିତରେ ଅନରେବୁଲ୍ ଅଲ୍‌ହାଜ୍ ମାମାଦୁ ସଲିମ୍‌ବାହ୍ ସାହେବ୍ ଭାଇସ୍ ପ୍ରେସିଡେଂଟ୍ ଅଫ୍ ନ୍ୟାସ୍‌ନାଲ୍ ଆସେମ୍ବ୍ଲି ଗିନି କନାକରି, ଅନରେବୁଲ୍ ନୁରୁଦ୍ଦିନ୍ ଫାଦିଗା ସାହେବ୍ ଡିରେକ୍ଟର୍ ଜେନେରାଲ୍ ଅଫ୍ ରିଲିଜିଅସ୍ ଆଫେୟାର୍‌ଜ୍ ଓ ନ୍ୟାସ୍‌ନାଲ୍ ଡିରେକ୍ଟର୍ ଅଫ୍ ପୋଲିସ୍ ହସନ୍ କିଟା ସାହେବ୍ ସାମିଲ୍ ହୋଇଥିଲେ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ଙ୍କ ପଚାରିବାରେ ୱ୍ୱଫଦ୍‌ର ମେମ୍ବର୍‌ମାନେ କହିଲେ କି ଏହି ଜଲ୍‌ସାସାଲାନାର ବ୍ୟବସ୍ଥାଗୁଡିକ ଅତି ସୁନ୍ଦର ଥିଲା । ଏବଂ ବହୁତ ଡିସିପ୍ଲିନ୍ ଥିଲା । ଏପରି ଥିଲା ଯେପରି ସମସ୍ତେ ଗୋଟିଏ ସୂତାରେ ଗୁନ୍ଥା ହୋଇଛନ୍ତି । ସୁରକ୍ଷା ବ୍ୟବସ୍ଥା ମଧ୍ୟ ଅସାଧାରଣ ଥିଲା । ବହୁ ସଂଖ୍ୟାରେ ଲୋକ ଥିଲେ ମଧ୍ୟ କୌଣସି ପ୍ରକର ଝଗଡ଼ା ବା ବିଶୃଙ୍ଖଳା ନଥିଲା ।

ଅଲ୍‌ହାଜ୍ ମାମାଦୁ ସଲିମ୍ ବାହ୍ ସାହେବ୍, ଭାଇସ୍ ପ୍ରେସିଡେଂଟ୍ ଅଫ୍ ନ୍ୟାସ୍‌ନାଲ୍ ଆସେମ୍ବ୍ଲି ଗିନି କନାକରି ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ଏ ଜଲ୍‌ସାର ପ୍ରୋଗ୍ରାମ୍ ଓ ବ୍ୟବସ୍ଥା ଓ ଡିସିପ୍ଲିନ୍ ଇତ୍ୟାଦିକୁ ଦେଖି ଆମେ ବହୁତ ପ୍ରଭାବିତ ହୋଇଅଛୁ । ଖୋଜିବା ସତ୍ତ୍ୱେ ମଧ୍ୟ କୌଣସି ବିଭାଗରେ କୌଣସି ପ୍ରକାରର ଦୋଷ ଓ ତୃଟି ଦୃଷ୍ଟିଗୋଚର ହେଲାନାହିଁ । ବହୁ ସଂଖ୍ୟାରେ ଲୋକମାନେ ଏ ଜଲ୍‌ସାରେ ସାମିଲ୍ ହେବା ସତ୍ତ୍ୱେ ମଧ୍ୟ କୌଣସି ପ୍ରକାର ଲଢ଼ାଇ ଝଗଡ଼ା ନଥିଲା । ପୁଣି ସେ କହିଲେ-ମୋତେ ହଜ୍ କରିବା ପାଇଁ ମଧ୍ୟ ଅବସର ମିଳିଛି ଏବଂ ବହୁତ ଗୁଡିଏ ଇସ୍‌ଲାମୀୟ ଦେଶଗୁଡିକରେ ଧାର୍ମିକ ପ୍ରୋଗ୍ରାମ୍‌ରେ ମୁଁ ସାମିଲ୍ ହୋଇସାରିଛି କିନ୍ତୁ ଏତେ ସୁନ୍ଦର୍ ଓ ପ୍ରଶଂସନୀୟ ବ୍ୟବସ୍ଥା ମୁଁ କେଉଁଠାରେ ଦେଖିନାହିଁ । ଏହା ଇସ୍‌ଲାମ୍‌ର ବାସ୍ତବିକ ଆତ୍ମା ଯାହାକୁ ଆମେ ଏଠାରେ ଦେଖିବାକୁ ପାଇଛୁ । ଛୋଟ ଛୋଟ ପିଲାମାନଙ୍କର୍ ତର୍‌ବିୟତ୍ ମଧ୍ୟ ଅସାଧାରଣ । ପିଲାମାନେ ପଚାରୁଛନ୍ତି ଯେ କୌଣସି ଜିନିଷର ଆବଶ୍ୟକତା ତ ନାହିଁ ? ପୁଣି ଆମେ ଯାହା ଚାହୁଁଛୁ ତାହା ଆମକୁ ହସି ହସି ଯୋଗାଇ ଦେଉଛନ୍ତି । କେବଳ ଥରେ ନୁହେଁ ବାରମ୍ବାର ଆମକୁ ପଚାରୁଛନ୍ତି । ଏଠାରେ ବିଭିନ୍ନ ଦେଶରୁ ଲୋକମାନେ ଆସିଥିଲେ । ପ୍ରତ୍ୟେକ ବ୍ୟକ୍ତି ଜଣେ ଅନ୍ୟ ଜଣଙ୍କ ସହିତ ଏପରି ମିଶୁଥିଲା ଯେପରି ସେମାନେ ଆପୋଷରେ ଭାଇ ଭାଇ ଅଟନ୍ତି । ଏବଂ ଜଣେ ଅନ୍ୟଜଣଙ୍କର ସମ୍ପର୍କୀୟ ଅଟନ୍ତି । ଆପଣମାନେ ନିଜ କାର୍ଯ୍ୟରେ ସମସ୍ତଙ୍କ ଠାରୁ ଆଗରେ ଅଛନ୍ତି ଓ ଆପଣମାନେ ହିଁ ସଠିକ୍ ମାର୍ଗରେ ପରିଚାଳିତ ହେଉଛନ୍ତି । ମୋର ଏ ବିଶ୍ୱାସ ଯେ ଆପଣମାନଙ୍କ ପଛରେ ଖୁଦାତାଲାଙ୍କର ହାତ ଅଛି । ଆମେ ଇନ୍‌ଶାଆଲା ନିଜ ଦେଶରେ ଯାଇ ସରକାରଙ୍କୁ ଏ ବିଷୟରେ ଧ୍ୟାନ ଆକର୍ଷଣ କରାଇବୁ ଯେ ସେ ଯମାତ୍‌ର ପ୍ରତ୍ୟେକ କାର୍ଯ୍ୟରେ ସାହାଯ୍ୟ କରୁ । ଯଦ୍ୱାରା ଆପଣଙ୍କ ଯମାତ୍ ଆମ ଦେଶରେ ମଧ୍ୟ ପ୍ରକୃତ ଇସ୍‌ଲାମୀୟ ଶିକ୍ଷା ଆଡକୁ ଆମର ମାର୍ଗ ଦର୍ଶନ କରିପାରିବ । ସେ ପୁଣି ମଧ୍ୟ କହିଲେ- ଆମର ସେଠାରେ ନବେପ୍ରତିଶତ ମୁସଲ୍‌ମାନ୍ ଅଛନ୍ତି । ଆମେ ସମସ୍ତେ ମିଳିମିଶି ରହୁଅଛୁ ଏବଂ ଆମେ ଶାନ୍ତିରେ ରହିବା ପାଇଁ ମଧ୍ୟ ଚାହୁଁଛୁ । ଓ ଯମାତ୍ ଅହେମଦୀୟା ଆମର ଅଂଶବିଶେଷ ହେଉ । ଯମାତ୍

*ଅବଶିଷ୍ଟାଂଶ ପୃଷ୍ଠା-୫ ରେ ଦେଖନ୍ତୁ.......*

# ଖୁତ୍‌ବା ଜୁମା

★ହଜରତ ମସିହ ମଉଦ ଆ.ସ କୁହନ୍ତି ମନେରଖ ଅଲ୍ଲାଃଙ୍କର କଦାପି ଏହା ଉଦ୍ଦେଶ୍ୟ ନୁହେଁ କି ତୁମେ ବୈରାଗୀ ହୋଇଯାଅ ବରଂ ତାଙ୍କର ଉଦ୍ଦେଶ୍ୟ **କଦ୍ ଅଫ୍‌ଲାହା ମନ୍ ଯକ୍‌କାହା** ଅର୍ଥାତ ଯେ ନିଜକୁ ପବିତ୍ର କରିନେଲା ସେ ନିଜ ଲକ୍ଷ ପ୍ରାପ୍ତ କରିନେଲା । ଆପଣ କୁହନ୍ତି ବ୍ୟବସାୟ କର ଅବା ଚାଷବାସ କର ଅବା ଚାକିରୀ କର ଅବା କାରିଗରୀ (କାର୍ଯ୍ୟ) ଯାହା ଇଚ୍ଛା କର କିନ୍ତୁ ନିଜକୁ ଅଲ୍ଲାଃଙ୍କ ଅମାନ୍ୟ କରିବାରୁ ନିବୃତ ରଖ ଏବଂ ନିଜର ଏଭଳି ସୁଧାର କର କି ଏସବୁ (ସାଂସାରିକ) ମାମଲା ତୁମକୁ ଅଲ୍ଲାଃଙ୍କୁ ସ୍ମରଣ କରିବାରୁ କଦାପି ଭ୍ରମିତ ନକରିଦେଉ ।

★ଆଜିକାଲି ମୁସଲମାନ ଦେଶମାନଙ୍କରେ ବିଭ୍ରାଟର ଯେପରି ଅବସ୍ଥା ତାହା ଏଥିପାଇଁ କି ଅଲ୍ଲାଃତାଲା ଧର୍ମରୁ ଦୂରେଇ ଯାଇଥିବା ଓ ସାଂସାରିକତାରେ ମାତିବା ଦର୍ଶାଇଛନ୍ତି, ଏମାନେ ସେହିପରି ଅଟନ୍ତି । ନେତୃବୃନ୍ଦମାନେ ଧନ ଅର୍ଜନ କରିବା ପାଇଁ ଜନସାଧାରଣଙ୍କ ସେବା କରିବାର ଶ୍ଳୋଗାନ ଦେଇ କ୍ଷମତା ହାସଲ କରିଥାନ୍ତି । ପୁଣି ଦୁଇ ହାତରେ ସବୁକିଛି ଏଭଳି ଲୁଟିଥାନ୍ତି ଯାହାକି କଳ୍ପନା କରିହେବ ନାହିଁ । ମୌଲବିମାନଙ୍କୁ ଲୋକମାନଙ୍କ ଧାର୍ମିକତାରେ ଉନ୍ନତି କରିବା ଚିନ୍ତା ତ ନାହିଁ କିନ୍ତୁ ଧର୍ମ ନାମରେ ଜନସାଧାରଣଙ୍କୁ ମତାଇ କିଭଳି ନିଜ ଅନୁଗାମୀ କରିବା ଓ କ୍ଷମତା ହାସଲ କରିବା ତଥା ସେଥିରୁ ନିଜର ସ୍ୱାର୍ଥ ହାସଲ କରିବା ଅର୍ଥାତ ଅର୍ଥ ଜମା କରି ସମ୍ପତି ବଢାଇବା ମୁଖ୍ୟ ଉଦ୍ଦେଶ୍ୟ ଥାଏ । ଏମାନେ ଅଲ୍ଲାଃଙ୍କ ନାମ ନେଇଥାନ୍ତି କିନ୍ତୁ ସେମାନଙ୍କ ଅମଲରୁ ତାହା ତିଳେ ମାତ୍ର ପ୍ରକାଶ ପରିଲକ୍ଷିତ ହୋଇନଥାଏ ।

★ଆଜିକାଲି ଏକଥା ବେଶ ଉଚ୍ଚ ଶ୍ୱରରେ ଶୁଣିବାକୁ ମିଳୁଅଛି କି ଆମେରିକାର ରାଷ୍ଟ୍ରପତି ନିଜର ପ୍ରତିନିଧି କେନ୍ଦ୍ର ଯୁରୋଶିଲମ୍‌କୁ ସ୍ଥାନାନ୍ତରିତ କରିବାକୁ କହିଛନ୍ତି ଏବଂ ତାହାକୁ ରାଜଧାନୀ (ସ୍ୱୀକାର) କରିବାର ଘୋଷଣା କରିଛନ୍ତି । ପ୍ରଥମରୁ ସେଠାରେ ଇସ୍ରାଇଲର ସମସ୍ତ କାର୍ଯ୍ୟାଳୟ ରହିଛି କିନ୍ତୁ ବାହାର ଲୋକେ ଏହାକୁ ସ୍ୱୀକାର କରୁନଥିଲେ । ବର୍ତମାନ ଆମେରିକାର ଏପରି ଘୋଷଣା ପରେ ବାହାର ଦୁନିଆରେ ଏହି ଶ୍ୱର ବେଶ ପ୍ରତିଧ୍ୱନିତ ହେଉଅଛି । ପ୍ରଶାସନ ଏହାର ପ୍ରତିବାଦ କରୁଅଛି କିନ୍ତୁ ଏସବୁକିଛି ମୁସଲମାନମାନଙ୍କ ଦୁର୍ବଳତା ଯୋଗୁଁ ଘଟୁଅଛି ।

★ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଜଣେ ମୋମିନ୍‌ର କର୍ତବ୍ୟ କି ସଂସାର (ପ୍ରାପ୍ତ କରିବା) ଚିନ୍ତାରେ ରହିବା ପରିବର୍ତେ ନିଜର ପରକାଳକୁ ସୁନ୍ଦର କରିବା ଓ ଅଲ୍ଲାଃଙ୍କ ପ୍ରୀତିଭାଜନ ହାସଲ କରିବାରେ ମନଯୋଗ କରିବା ଉଚିତ୍ । ଏଥିରେ କନାଅତ୍ ଭାବନା ଉତ୍ପନ୍ନ ହୋଇଥାଏ । ସାଂସାରିକ ବସ୍ତୁକୁ ଅଲ୍ଲାଃଙ୍କ ପୁରସ୍କାର ମଣି ବ୍ୟବହାର କରିବା ନା କି ତାହାକୁ ଉପାସ୍ୟ କରିନେବା । ଆମର ପ୍ରକୃତ ଉପାସ୍ୟ ଆମର ସୃଷ୍ଟିକର୍ତା ଅଟନ୍ତି ଯାହାଙ୍କ ସହିତ ପ୍ରେମ କଲେ ମଣିଷ ହୃଦୟରେ ଧର୍ମପରାୟଣତା ଓ କନାଅତ୍ ଉତ୍ପନ୍ନ ହୋଇଥାଏ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୮ ଡିସେମ୍ବର ୨୦୧୭ ଅନୁଯାୟୀ ୮ ଫତାଃ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ ନିମ୍ନ ପଙ୍କ୍ତି ପାଠ କଲେ- **ଯୁଇନା ଲିନ୍ନାସି ହୁବ୍‌ବୁ ଶହଓ୍ୱାତି ମିନ୍‌ନିସାଇ ଓ୍ୱଲ୍ ବନିନା ଓ୍ୱଲ୍ କନାତିରିଲ୍ ମୁକନ୍‌ତରାତି ମିନଜ୍‌ଜହବି ଓ୍ୱଲ୍ ଫିଜ୍‌ଜତି ଓ୍ୱଲ୍ ଖୈଲିଲ୍ ମୁସୱ୍ୱମତି ଓ୍ୱଲ୍ ଅନ୍‌ଆମ ଓ୍ୱଲ୍‌ହର୍‌ସ । ଜାଲିକା ମତାଉଲ୍ ହୟାତିଦ୍‌ଦୁନିୟା । ଓ୍ୱଲ୍ଲାହୁ ଇନ୍‌ଦହୁ ହୁସନୁଲ୍ ମାଆବ୍** । (ଆଲେ ଇମ୍ରାନ- ୧୫)

ଅର୍ଥାତ ଲୋକମାନଙ୍କୁ ପସନ୍ଦ ଯୋଗ୍ୟ ବସ୍ତୁ ଯଥା- ନାରୀ, ପୁତ୍ର ସନ୍ତାନ, ସୁନା ଓ ରୂପାର ସୁରକ୍ଷିତ ଭଣ୍ଡାର, ସୁନ୍ଦର ଘୋଡ଼ା, ଗୃହପାଳିତ ପଶୁ ଓ ଶସ୍ୟ କ୍ଷେତ୍ରର ଲାଳସା ଶୋଭନୀୟ କରି ଦର୍ଶାଇ ଦିଆଯାଇଛି । ଏଗୁଡ଼ିକ ପାର୍ଥିବ ଜୀବନର ସମ୍ପଦ କିନ୍ତୁ ସେ ହିଁ ଅଲ୍ଲାଃ ଯାହାଙ୍କ ନିକଟରେ ସର୍ବୋତ୍କୃଷ୍ଟ ଆଶ୍ରୟସ୍ଥଳ ଅଛି ।

ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃତାଲା ଏହି ନକ୍ସା ସେହି ଲୋକମାନଙ୍କର ଟାଣିଛନ୍ତି ଯେ ଅଲ୍ଲାଃତାଲାଙ୍କୁ ପାସୋରି ସଂସାର ପ୍ରାପ୍ତିକୁ ନିଜର ମୂଳମନ୍ତ୍ର ମଣିନେଇଛନ୍ତି । ଯେତେବେଳେ ମଣିଷ ଅଲ୍ଲାଃଙ୍କୁ ପାସୋରି ବସେ ସେତେବେଳେ ଶଇତାନ ତାହାକୁ ନିଜ ଅଧିନସ୍ଥ କରିନେଇଥାଏ । ଯଦିଓ ଏସବୁ ଅଲ୍ଲାଃଙ୍କର ସୃଷ୍ଟି ଏବଂ ଅଲ୍ଲାଃଙ୍କ ପୁରସ୍କାର ମଧ୍ୟରେ ଅନ୍ତର୍ଭୁକ୍ତ ଓ ସେଥିରୁ (ମଣିଷ) ଉପକୃତ ହେବା ଉଚିତ୍ । ହଜରତ ମସିହ ମଉଦ ଆ.ସ ଆମକୁ ବେଶ ସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି କି ସାଂସାରିକ କାରବାରରୁ ସମ୍ପର୍କ ତୁଟାଇଦେବା ମଧ୍ୟ ଭୁଲ ଅଟେ । ବିବାହ କରିବା ମଧ୍ୟ ଜରୁରୀ ଏବଂ ଏହା ସୁନ୍ନତ ଅଟେ । ସାହାବାମାନେ ମଧ୍ୟ କାମଧନ୍ଦା କରୁଥିଲେ, ଅନେକ ସାହାବାଙ୍କ ନିକଟରେ କୋଟି କୋଟି ଟଙ୍କାର ସମ୍ପତି ଥିଲା କିନ୍ତୁ ସେମାନେ କଦାପି ସଂସାରରେ ମାତି ରହୁନଥିଲେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି ମନେରଖ ଅଲ୍ଲାଃଙ୍କର କଦାପି ଏହା ଉଦ୍ଦେଶ୍ୟ ନୁହେଁ କି ତୁମେ ବୈରାଗୀ ହୋଇଯାଅ ବରଂ ତାଙ୍କର ଉଦ୍ଦେଶ୍ୟ **କଦ୍ ଅଫ୍‌ଲାହା ମନ୍ ଯକ୍‌କାହା** ଅର୍ଥାତ ଯେ ନିଜକୁ ପବିତ୍ର କରିନେଲା ସେ ନିଜ ଲକ୍ଷ ପ୍ରାପ୍ତ କରିନେଲା । ଆପଣ କୁହନ୍ତି ବ୍ୟବସାୟ କର ଅବା ଚାଷବାସ କର ଅବା ଚାକିରୀ କର ଅବା କାରିଗରୀ (କାର୍ଯ୍ୟ) ଯାହା ଇଚ୍ଛା କର କିନ୍ତୁ ନିଜକୁ ଅଲ୍ଲାଃଙ୍କ ଅମାନ୍ୟ କରିବାରୁ ନିବୃତ ରଖ ଏବଂ ନିଜର ଏଭଳି ସୁଧାର କର କି ଏସବୁ (ସାଂସାରିକ) ମାମଲା ତୁମକୁ ଅଲ୍ଲାଃଙ୍କୁ ସ୍ମରଣ କରିବାରୁ କଦାପି ଭ୍ରମିତ ନକରିଦେଉ । ଗୋଟିଏ ସ୍ଥାନରେ ଆପଣ କୁହନ୍ତି- ମଣିଷର ଅଧିକାର (ହାସଲ) କରିବା ବୈଧ ଅଟେ କିନ୍ତୁ ଏହି (କାମନା) ପୂରଣ କରିବାରେ ସୀମା ଲଂଘନ କରିବା ଆଦୌ ବୈଧ ନୁହେଁ । ସୁତରାଂ ଏସବୁ ଜଣେ ମୋମିନକୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ କି ସାଂସାରିକ (ବସ୍ତୁ)ର ପ୍ରେମ ତାହା ହୃଦୟରେ ଏପରି ବସା ବାନ୍ଧେ କି ଅଲ୍ଲାଃଙ୍କୁ ସ୍ମରଣ କରିବାରୁ ତାହାକୁ ଭ୍ରମିତ କରିଦେବ ଯେପରିକି ଅଲ୍ଲାଃତାଲା କୁହନ୍ତି **ଜୁଇନା ଲିନ୍‌ନାସି ହୁବ୍‌ବୁଶ୍ ଶହଓ୍ୱାତି** ଅର୍ଥାତ ଲୋକମାନଙ୍କୁ ଯୌନ ଲାଳସାର ପ୍ରେମ ସୁନ୍ଦର କରି ଦେଖାଯାଇଛି ଏବଂ ଆଗକୁ ଏହାର ବ୍ୟାଖ୍ୟା କରି କହିଲେ କେଉଁ କେଉଁ ଜିନିଷ ଏହାର ଅନ୍ତର୍ଭୁକ୍ତ । ଏଠାରେ ସେହି ଲୋକମାନଙ୍କ ଚର୍ଚ୍ଚା ରହିଛି ଯେ ସଂସାର ପ୍ରେମରେ ମାତି ରହିଛନ୍ତି ଏବଂ କେବଳ ସେହି ଜିନିଷ ହାସଲ କରିବା ଚିନ୍ତାରେ ରହିଥାନ୍ତି ।

ମୁସଲମାନମାନଙ୍କୁ ଅଲ୍ଲାଃ ଏଭଳି ସୁନ୍ଦର ଓ ପବିତ୍ର ଶିକ୍ଷା ଦେଇ ସଚେତନ କରିଛନ୍ତି କି ଏସବୁ ଜିନିଷରୁ ବର୍ତୀ ରୁହ ଅର୍ଥାତ ସେହି ସୀମାର ନିକଟକୁ ଯାଅ ନାହିଁ ଯଦ୍ୱାରା ତାହା ତୁମ ଜୀବନର ଲକ୍ଷ ହୋଇଯିବ କାରଣ ଏସବୁ ସଂସାରର କ୍ଷଣସ୍ଥାୟୀ ଜିନିଷ ଅଟେ । ନିଜ ଅବସ୍ଥା ପ୍ରତି ଚିନ୍ତିତ ହୁଅ କାରଣ ଶେଷରେ ତୁମେ ଅଲ୍ଲାଃଙ୍କ ନିକଟକୁ ହିଁ ଫେରିଯିବ । ପୁଣି ମୁସଲମାନମାନଙ୍କ ମଧ୍ୟରୁ ଅଧିକାଂଶ ଏହି ସାଂସାରିକ କାମନା ପୂରଣ ପଛରେ ପଡ଼ିଛନ୍ତି ଏବଂ ନିଜ ଜୀବନର ପ୍ରକୃତ ଲକ୍ଷକୁ ପାସୋରି ବସିଛନ୍ତି । ମୌଲବି, ଧାର୍ମିକ ମାର୍ଗଦର୍ଶକ ଏବଂ ପ୍ରତ୍ୟେକ ବ୍ୟକ୍ତି ଯାହାକୁ ମଧ୍ୟ କୌଣସି ସୁଯୋଗ ମିଳିଲେ ସେ ସାଂସାରିକ କାମନା ପୂରଣ କରିବାର ଯଥା ସମ୍ଭବ ଉଦ୍ୟମ କରିଥାଏ । ଯେତେବେଳେ ଏଭଳି କାମନା ପୂରଣ କରିବା (ଲାଳସା) ଧର୍ମର ନେତୃବୃନ୍ଦମାନଙ୍କ ମଧ୍ୟରେ ଉତ୍ପନ୍ନ ହୁଏ ସେତେବେଳେ ଦେଶ ଓ ସମ୍ପ୍ରଦାୟର ଅବନତି ହେବା ଆରମ୍ଭ ହୋଇଯାଇଥାଏ ।

ଆଜିକାଲି ମୁସଲମାନ ଦେଶମାନଙ୍କରେ ବିଭ୍ରାଟର ଯେପରି ଅବସ୍ଥା ତାହା ଏଥିପାଇଁ କି ଅଲ୍ଲାଃତାଲା ଧର୍ମରୁ ଦୂରେଇ ଯାଇଥିବା ଓ ସାଂସାରିକତାରେ ମାତିବା ଦର୍ଶାଇଛନ୍ତି, ଏମାନେ ସେହିପରି ଅଟନ୍ତି । ନେତୃବୃନ୍ଦମାନେ ଧନ ଅର୍ଜନ କରିବା ପାଇଁ ଜନସାଧାରଣଙ୍କ ସେବା କରିବାର ଶ୍ଳୋଗାନ ଦେଇ କ୍ଷମତା ହାସଲ କରିଥାନ୍ତି । ପୁଣି ଦୁଇ ହାତରେ ସବୁକିଛି ଏଭଳି ଲୁଟିଥାନ୍ତି ଯାହାକି କଳ୍ପନା କରିହେବ ନାହିଁ । ମୌଲବିମାନଙ୍କୁ ଲୋକମାନଙ୍କ ଧାର୍ମିକତାରେ ଉନ୍ନତି କରିବା ଚିନ୍ତା ତ ନାହିଁ କିନ୍ତୁ ଧର୍ମ ନାମରେ ଜନସାଧାରଣଙ୍କୁ ମତାଇ କିଭଳି ନିଜ ଅନୁଗାମୀ କରିବା ଓ କ୍ଷମତା ହାସଲ କରିବା ତଥା ସେଥିରୁ ନିଜର ସ୍ୱାର୍ଥ ହାସଲ କରିବା ଅର୍ଥାତ ଅର୍ଥ ଜମା କରି ସମ୍ପତି ବଢାଇବା ମୁଖ୍ୟ ଉଦ୍ଦେଶ୍ୟ ଥାଏ । ଏମାନେ ଅଲ୍ଲାଃଙ୍କ ନାମ ନେଇଥାନ୍ତି କିନ୍ତୁ ସେମାନଙ୍କ ଅମଲରୁ ତାହା ତିଳେ ମାତ୍ର ପ୍ରକାଶ ପରିଲକ୍ଷିତ ହୋଇନଥାଏ । ପାକିସ୍ତାନରେ ଆମେ ସାଧାରଣତଃ ଏହି ଅବସ୍ଥା ଦେଖିଥାଉ

। ମୁସଲମାନ ଲିଡ଼ରମାନେ ସାଧାରଣ ଲୋକମାନଙ୍କୁ ମୁଳାଗାଜର ପରି ହତ୍ୟା କରାଉଛନ୍ତି । ଯେପରି ଲୋକମାନଙ୍କ ଜୀବନର କୌଣସି ମୂଲ୍ୟ ହିଁ ନାହିଁ, ଅପରପକ୍ଷେ ଲିଡ଼ରମାନେ ନିଜର ଚୌକି ଛାଡ଼ୁ ନାହାନ୍ତି । କେତେକ ଦେଶରେ ଏଭଳି ହରକତ ହେଉଅଛି ଏବଂ ସେମାନଙ୍କ ଚେଷ୍ଟା ଏହା ରହିଥାଏ କି ଆମେ କ୍ଷମତାରେ ସେହିପରି ବସିରହିଥାଉ ଏବଂ ନିଜ କ୍ଷମତାର ପ୍ରଦର୍ଶନ କରି ଅର୍ଥ ଜମା କରିଚାଲିଥାଉ । କିନ୍ତୁ କୌଣସି ମତେ ସେମାନଙ୍କ ଉଦର ପୂରଣ ହୋଇନଥାଏ । ମୁସଲମାନ ଦେଶମାନେ ଅର୍ଥ ଓ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଥିବା ସତ୍ୱେ ସେମାନଙ୍କ ଅବସ୍ଥା ଏଭଳି ଶୋଚନୀୟ କି ସାଧାରଣ ଲୋକେ ଗରୀବରୁ ଗରୀବ ହୋଇଚାଲିଛନ୍ତି । ଏପରିକି ସେମାନଙ୍କୁ ଗୋଟିଏ ବେଳାର ଖାଦ୍ୟ ମଧ୍ୟ ବହୁ କଷ୍ଟରେ ମିଳୁଅଛି । ବର୍ତମାନ ସାଉଦି ଆରବକୁ ଧନଶାଳୀ ରାଷ୍ଟ୍ର କୁହାଯାଉଅଛି କିନ୍ତୁ ସେଠାରେ ମଧ୍ୟ ଦାରିଦ୍ର୍ୟତା ବଢିଚାଲିଛି । ପ୍ରଥମେ ମଧ୍ୟ ଦାରିଦ୍ର୍ୟତା ଥିଲା କିନ୍ତୁ ବର୍ତମାନ ଏହା ବଢିବାକୁ ଲାଗିଛି । ତୈଳର ଭୂସମ୍ପତି ଥିବା ସତ୍ୱେ ଦାରିଦ୍ର୍ୟତା ଶେଷ ସୀମାରେ ପହଂଚିଗଲାଣି କେବଳ ଯୁବରାଜ ଓ ଲିଡ଼ରମାନଙ୍କ ଅବସ୍ଥା କୁଶଳ ରହିଛି । ଯେ ଗୋଟିଏ ଗୋଟିଏ ଦିନରେ ଅନେକ ଅନେକ ମିଲିୟନ୍ ଡ଼ଲାର ଖର୍ଚ୍ଚ କରୁଛନ୍ତି । ଏମାନେ ଧନ ମଧ୍ୟ ଅବୈଧ ରୂପେ ଗରୀବ ଲୋକଙ୍କ ଅଧିକାର ଆତ୍ମସାତ କରିଅର୍ଜନ କରୁଛନ୍ତି ଏବଂ ଖର୍ଚ୍ଚ ମଧ୍ୟ ଅବୈଧ ମାର୍ଗରେ କରୁଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ, ସେମାନଙ୍କ ପ୍ରଶାସନ, ରାଜା ତଥା ସ୍ୱାର୍ଥ ଲୋଭିମାନଙ୍କୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ଧନ ଜମା କରିବା ପରିବର୍ତେ ଧନର ସଦୁପଯୋଗ କରନ୍ତୁ । ଏତତ୍ ଦ୍ୱାରା ଯେଉଁସ୍ଥଳେ ଏମାନେ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବେ ସେହିସ୍ଥଳେ ସାଂସାରିକ ସ୍ତରରେ ମଧ୍ୟ ସେମାନଙ୍କୁ ସମ୍ମାନ ଓ ଶକ୍ତି ହାସଲ ହେବ । ଅଣମୁସଲମାନ ଶକ୍ତିମାନେ ସେମାନଙ୍କୁ ନିଜ ଅନୁଗାମୀ କରିବା ଓ ଆଖି ଦେଖାଇବା ପତିବର୍ତେ ମୁସଲମାନମାନଙ୍କ କଥା ଶୁଣିବାକୁ ବାଧ୍ୟ ହେବେ ।

ଆଜିକାଲି ଏକଥା ବେଶ ଉଚ୍ଚ ଶ୍ୱରରେ ଶୁଣିବାକୁ ମିଳୁଅଛି କି ଆମେରିକାର ରାଷ୍ଟ୍ରପତି ନିଜର ପ୍ରତିନିଧି କେନ୍ଦ୍ର ୟୁରୋଶିଲମ୍‌କୁ ସ୍ଥାନାନ୍ତରିତ କରିବାକୁ କହିଛନ୍ତି ଏବଂ ତାହାକୁ ରାଜଧାନୀ (ସ୍ୱୀକାର) କରିବାର ଘୋଷଣା କରିଛନ୍ତି । ପ୍ରଥମରୁ ସେଠାରେ ଇସ୍ରାଇଲ୍‌ର ସମସ୍ତ କାର୍ଯ୍ୟାଳୟ ରହିଛି କିନ୍ତୁ ବାହାର ଲୋକେ ଏହାକୁ ସ୍ୱୀକାର କରୁନଥିଲେ । ବର୍ତମାନ ଆମେରିକାର ଏପରି ଘୋଷଣା ପରେ ବାହାର ଦୁନିଆରେ ଏହି ଶ୍ୱର ବେଶ ପ୍ରତିଧ୍ୱନିତ ହେଉଅଛି । ପ୍ରଶାସନ ଏହାର ପ୍ରତିବାଦ କରୁଅଛି କିନ୍ତୁ ଏସବୁକିଛି ମୁସଲମାନମାନଙ୍କ ଦୁର୍ବଳତା ଯୋଗୁଁ ଘଟୁଅଛି । ମୁସଲମାନମାନଙ୍କ ପାରସ୍ପରିକ ଯୁଦ୍ଧ ଓ ନିଜ ଆଭ୍ୟନ୍ତରିଣ ଅଶାନ୍ତି ଅନ୍ୟମାନଙ୍କୁ ଏଭଳି ପରିସ୍ଥିତି ଉତ୍ପନ୍ନ କରିବା ଏବଂ ଏପରି ଘୋଷଣା କରିବାର ସାହଶ ଓ ସୁଯୋଗ ପ୍ରଦାନ କରୁଅଛି । ଆମେରିକାର ରାଷ୍ଟ୍ରପତି ଏହା ଚାହୁଁଛନ୍ତି କି ମୁସଲମାନମାନଙ୍କ ମଧ୍ୟରେ କଦାପି ଶାନ୍ତି ପ୍ରତିଷ୍ଠା ନହେଉ ଏବଂ ସେମାନେ ଏହିପରି ନିଜର ମନମୁଖି କାର୍ଯ୍ୟ କରିଚାଲିଥାନ୍ତୁ । ସାଉଦି ଆରବ ବର୍ତମାନ ଘୋଷଣା କରୁଅଛି କି ଆମେରିକାର ଏହି ନିଷ୍ପତି କଦାପି ସ୍ୱୀକାର ଯୋଗ୍ୟ ନୁହେଁ । କିନ୍ତୁ କିଛି ଦିନ ପୂର୍ବେ ସେ ହିଁ ଆମେରିକାର ହଁ ରେ ହଁ ଭରୁଥିଲା । ସେତେବେଳେ ତାହାକୁ ରୋକିବା ଉଚିତ୍ ଥିଲା କି ଆମେ ପ୍ରତ୍ୟେକ ମୁସଲମାନ ରାଷ୍ଟ୍ର ସହିତ ସମ୍ମିଳିତ ତେଣୁ କୌଣସି ଶକ୍ତିଶାଳୀ ରାଷ୍ଟ୍ରର ମୁସଲମାନମାନଙ୍କ ବିରୁଦ୍ଧରେ କୌଣସି ପ୍ରକାରର ପଦକ୍ଷେପକୁ ଆମେ କଦାପି ବରଦାସ୍ତ କରିବୁ ନାହିଁ । ଏହିପରି ୟମନ୍ ବିରୋଧରେ ଯେଉଁ ସଡ଼ଯନ୍ତ୍ର ଛାଲିଛି ଏଥିପାଇଁ ମଧ୍ୟ ଶକ୍ତଶାଳୀ ରାଷ୍ଟ୍ରମାନଙ୍କଠାରୁ ସାହାଯ୍ୟ ନିଆଯାଉଅଛି ଏବଂ ଆମେରିକାଠାରୁ ସାହାଯ୍ୟ ନେଇ ତାହାର ହଁ ରେ ହଁ ମିଳାଉଛନ୍ତି । ସଂସାରର ଅସ୍ଥାୟୀ ବସ୍ତୁ (ହାସଲ) କରିବା ପାଇଁ ଅଲ୍ଲାଃଙ୍କ ଆଦେଶରୁ ଦୂରେଇ ଚାଲିଛନ୍ତି । ବର୍ତମାନ ଅଲ୍ଲାଃଙ୍କ ଆଦେଶ ଉଲଂଘନ କରିବାର ପରିଣାମ ଯାହା ପ୍ରକାଶିତ ହେବା କଥା ତାହା ଆମେ ଦେଖୁଅଛେ । ପୁଣି ଅଣମୁସଲମାନମାନେ ମୁସଲମାନ (ରାଷ୍ଟ୍ରଙ୍କ) ମୁଣ୍ଡ ଉପରେ ବସିଛନ୍ତି । ହଜରତ ମସିହ ମଉଦ ଆ.ସ **ଏଭଳି ଲୋକ ଯେ କେବଳ ସଂସାର ଲାଭ କରିବା ଓ ସାଂସାରିକ କାମନା ପୂରଣ କରିବା ଚିନ୍ତାରେ ରହିଥାନ୍ତି, ତାଙ୍କ ଉଦାହରଣ କୁଣ୍ଡେଇ ହେଉଥିବା (ଯାଦୁ) ରୋଗୀ ସଦୃଶ ଦର୍ଶାଇଛନ୍ତି** । ଯାହାକୁ କୁଣ୍ଡେଇବାରେ ଆନନ୍ଦ ମିଳିଥାଏ ଏବଂ ସେ ନିଜ ଶରୀରକୁ କୁଣ୍ଡେଇ ମନେକରିଥାଏ କି ବହୁତ ଆନନ୍ଦ ମିଳୁଅଛି କିନ୍ତୁ ଏପରି ସେ ନିଜ ଶରୀରକୁ କ୍ଷତବିକ୍ଷତ କରିଦେଇଥାଏ ।

ଏଥିସମ୍ବନ୍ଧରେ ଅଲ୍ଲାଃତାଲା ଗୋଟିଏ ସ୍ଥାନରେ କୁହନ୍ତି- **ଇଲମୁ ଅନ୍ନମଲ୍ ହୟାତୁଦ୍ ଦୁନୟା ଲଇବୁଉଁ ୱ ଲହ୍‌ଉଁ ୱଯିନତୁଉଁ ୱତଫାଖୁରୁମ୍ ବୈନକୁମ୍ ୱ ତକାସୁରୁନ୍ ଫିଲ୍ ଅମ୍‌ୱାଲେ ୱଲ୍‌ଅୱଲାଦ୍ । କମସଲି ଗାଏସିନ୍ ଆଜବାଲ୍ କୁଫ୍‌ଫାରା ନବାତୁହୁ ସୁମ୍ମା ୟହିଜୁ ଫତରାହୁ ମୁସ୍‌ଫରାନ୍ ସୁମ୍ମା ୟକୁନୁ ହୁତାମା । ୱଫିଲ୍ ଆଖିରତି ଅଜାବୁନ୍ ଶଦିଦୁଉଁ ୱ ମଗ୍‌ଫିରତୁମ୍ ମିନଲ୍ଲାହି ୱ ରିଜୱାନ୍ । ୱମଲ୍ ହୟାତୁଦ୍ ଦୁନ୍‌ୟା ଇଲ୍ଲା ମତାଉଲ୍ ଗୁରୁର୍** । (ସୁରେ ହଦିଦ୍-୨୧) ଅର୍ଥାତ ହେ ଲୋକମାନେ ! ଜାଣିରଖ ଯେ ସାଂସାରିକ ଜୀବନ କେବଳ ଏକ କ୍ରୀଡ଼କୌତୁକ ଓ ଚିତବିନୋଦନର ବିଷୟ ଅଟେ ଏବଂ ଏହା ଚାକଚକ୍ୟ ତଥା ପରସ୍ପର ମଧ୍ୟରେ ଅହଙ୍କାର ପ୍ରଦର୍ଶନ ଏବଂ ଧନସମ୍ପତି ଓ ସନ୍ତାନ ସନ୍ତତି ସଂକ୍ରାନ୍ତରେ ବଡ଼ିମା ପ୍ରଦର୍ଶନ କରିବାର ମାଧ୍ୟମ ଅଟେ । ଏହାର ଅବସ୍ଥା ବୃଷ୍ଟି ଦ୍ୱାରା ଉତ୍ପାଦିତ ହୋଇଥିବା ଶସ୍ୟ ଶ୍ୟାମଳ ଶସ୍ୟ କ୍ଷେତ୍ର ସଦୃଶ ଯାହାର ଉଦ୍‌ଗମ କୃଷକକୁ ଖୁବ୍ ସନ୍ତୋଷ ପ୍ରଦାନ କରେ । କିନ୍ତୁ ପରିଶେଷରେ ତୁମ୍ଭେ ତାହାକୁ ହଳଦିଆ ଅବସ୍ଥାରେ ଦେଖ, ପୁଣି ତାହା ପଚିସଢି ଖଣ୍ଡଖଣ୍ଡ ହୋଇଯାଏ ଏବଂ ପରକାଳରେ (ଏପରି ଲୋକମାନଙ୍କ) ନିମନ୍ତେ କଠିନ ଶାସ୍ତି ନିୟତ ଅଛି ଏବଂ ସାଂସାରିକ ଜୀବନ କେବଳ ଏକ ପ୍ରତାରଣାପୂର୍ଣ୍ଣ ଉପଭୋଗ୍ୟ ବସ୍ତୁ । ଯେତେବେଳେ କି ଅଲ୍ଲାଃ କ୍ଷମା ଆଚରଣ କରିବା ଓ ତାଙ୍କ ପ୍ରସନ୍ନତା ଲାଭ କରିବାର ଦ୍ୱାର (ଆମ) ପାଇଁ ଉନ୍ମୁକ୍ତ କରିରଖିଛନ୍ତି । ସୁତରାଂ ଜଣେ ମୋମିନ ସାଂସାରିକ ବସ୍ତୁରେ ଗର୍ବ କରିବା ଓ ତାହାକୁ ହାସଲ କରିବା ପାଇଁ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରିବା ପରିବର୍ତେ ଅଲ୍ଲାଃଙ୍କ କ୍ଷମା ଓ ତାଙ୍କ ପ୍ରୀତିଭାଜନ ଲାଭ କରିବାକୁ ଚେଷ୍ଟା କରିବା ଉଚିତ୍ । ଚର୍ମରୋଗରେ ଆକ୍ରାନ୍ତ ବ୍ୟକ୍ତି ପରି ନିଜ ଇହ ଓ ପରକାଳ ନଷ୍ଟ କରିବା ଉଚିତ୍ ନୁହେଁ ।

ଏହି ସାଂସାରିକ ଜୀବନ ଓ ତାହାର ଅବସ୍ଥାର ନକ୍ସା ଟାଣି ହଜରତ ମସିହ ମଉଦ ଆ.ସ ଗୋଟିଏ ବୈଠକରେ କୁହନ୍ତି- **ଯେଭଳି ମଣିଷ ଦୁବିଧାରେ ପଡ଼ିବାରୁ ବର୍ତୀ ରହିଥାଏ, ସେହିପରି ତାହାର ଅଭିଳାଷାଗୁଡ଼ିକ ପୂରଣ ହୋଇଥାଏ** । ଆପଣ କହିଲେ ଦୁବିଧାରେ ପଡ଼ିଥିବା ବ୍ୟକ୍ତିର ହୃଦୟରେ ଅଗ୍ନି (ଭରି) ରହିଥାଏ ଏବଂ ସେ କରିବା ନକରିବାର ଦୁବିଧାରେ କବଳିତ ହୋଇ ରହିଥାଏ । ଏହି ସାଂସାରିକ ଜୀବନରେ ପ୍ରକୃତ ଆରାମ ଦୁବିଧାରୁ ମୁକ୍ତି ପାଇବା ଅଟେ । ଆପଣ କୁହନ୍ତି ଏକଦା ଜଣେ ବ୍ୟକ୍ତି ଘୋଡ଼ାରେ ବସିଯାଉଥିବା ବେଳେ ରାସ୍ତାରେ ବସିଥିବା ଜଣେ ଦୀନହୀନ ବ୍ୟକ୍ତିକୁ ଦେଖିଲା ଯାହା ଶରୀରରେ ଗୁପ୍ତାଙ୍ଗ ଢାଙ୍କିଲାଠାରୁ ବଳି ଅଧିକ ବସ୍ତ୍ର ନଥିଲା । ଉକ୍ତ ବ୍ୟକ୍ତି ଜଣକ ପଚାରିଲା ସାଇଁ କିପରି ଅଛନ୍ତି ? ଦୀନହୀନ ବ୍ୟକ୍ତିଜଣକ ଉତର ଦେଲେ ଯାହାର ସମସ୍ତ କାମନା ପୂରଣ ହୋଇଯାଇଥାଏ, ସେ କିପରି ଥାଏ । ଉକ୍ତ ବ୍ୟକ୍ତି ଆଚମ୍ଭିତ ହୋଇ କହିଲେ ତୁମର ସମସ୍ତ ଅଭିଳାଷା କିଭଳି ପୂରଣ ହୋଇଯାଇଛି । ସେ ଉତର ଦେଲା ଯେତେବେଳେ ସମସ୍ତ ମନବାଂଛାକୁ ପରିହାର କରିଦେଲି ସେତେବେଳେ ସବୁକିଛି ହିଁ ପୂରଣ ହୋଇଗଲା । ହଜୁର ଆ.ସ କୁହନ୍ତି ଉକ୍ତ କଥନରୁ ଆମେ ଉପନିତ ହେଲୁ ଯେ, ଯେତେବେଳେ ଆମେ ସବୁକିଛି ହାସଲ କରିବାକୁ ଚେଷ୍ଟାକରୁ ସେତେବେଳେ ଦୁଃଖ ଓ କଷ୍ଟ ହିଁ ବଢିଥାଏ । କିନ୍ତୁ ଯେତେବେଳେ ଅଳ୍ପକେ ସନ୍ତୁଷ୍ଟ ହେବା (କନାଅତ୍)ମନବୃତିରେ ସବୁକିଛି ପରିତ୍ୟାଗ କରିଦେଉ ସେତେବେଳେ (ଯେପରି) ସବୁକିଛି ହାସଲ କରିନେଇଥାଉ । **ଆପଣ କୁହନ୍ତି ମୋକ୍ଷ ଓ ମୁକ୍ତି ଏହି କି ଯେ, (ମଣିଷ) ସନ୍ତୁଷ୍ଟି ପ୍ରାପ୍ତ କରିବା ନା କି ଦୁଃଖ** । ଦୁଃଖଦ ଜୀବନ ନା ଏହି ଜଗତରେ ଭଲ ନା ସେପୁରେ । ହଜୁର ଆ.ସ କୁହନ୍ତି ଏହି ଜୀବନ ତ ଶେଷ ହୋଇଯିବ କାରଣ ଏହା ବରଫ ଟୁକୁଡ଼ା ସଦୃଶ ଏହାକୁ ଯେଭଳି ସିନ୍ଦୁକ ଓ କପଡ଼ାରେ ଆଚ୍ଛାଦିତ କରିରଖିଲେ ମଧ୍ୟ ତାହା ତରଳି ଯାଇଥାଏ । ଅତଃ ଏହି ଯୁବାବସ୍ଥାକୁ ମୂଲ୍ୟବାନ ମଣିବା ଉଚିତ୍ । ବିଗତ ଆରାମରୁ କୌଣସି ଉପକାର ମିଳିବ ନାହିଁ ତାହାକୁ ମନେପକାଇଲେ କଷ୍ଟ ବଢିଥାଏ । ଯେତେବେଳେ ମଣିଷ ପୂର୍ବ ଆରାମକୁ ଅତିକ୍ରମ କରିନିଏ । ଆପଣ କୁହନ୍ତି କେତେକ ସମୟରେ ମଣିଷ ଦୁଃଖରୁ ପଳାୟନ କରିବାକୁ ଚେଷ୍ଟାକରେ ଏବଂ ହଠାତ୍ ତାହାର ଶିକାର ହୁଏ । ପୁଣି ଯଦି ସନ୍ତାନ ଠିକ୍ ନଥାନ୍ତି ସେତେବେଳେ ସେ ଆହୁରି ଦୁଃଖ ଭୋଗ କରିଥାଏ । ସେତେବେଳେ ବୁଝିଥାଏ ଯେ, ମୁଁ ଭୂଲ କଲି ଓ ନିଜର ସମ୍ପୂର୍ଣ୍ଣ ଜୀବନ ବ୍ୟର୍ଥ କରିଦେଲି । ସେତେବେଳେ ମନେପଡ଼ିଥାଏ କି ଅଲ୍ଲାଃଙ୍କ ଆଦେଶ ପାଳନ କରିଥିଲେ ଭଲ ହୋଇଥାନ୍ତା, ସେଥି ମୁତାବକ ଜୀବନ ଅତିବାହିତ କରିବା ପରିବର୍ତେ ସଂସାରରେ ମାତି ଅଲ୍ଲାଃଙ୍କୁ ପାଶୋରିବା ଉଚିତ୍ ନଥିଲା

ହଜୁର ଅନୱର ଅ.ବ କହିଲେ- ସୁତରାଂ ଜଣେ ମୋମିନ୍‌ର କର୍ତବ୍ୟ କି ସଂସାର (ପ୍ରାପ୍ତ କରିବା) ଚିନ୍ତାରେ ରହିବା ପରିବର୍ତେ ନିଜର ପରକାଳକୁ ସୁନ୍ଦର କରିବା ଓ ଅଲ୍ଲାଃଙ୍କ ପ୍ରୀତିଭାଜନ ହାସଲ କରିବାରେ ମନଯୋଗ କରିବା ଉଚିତ୍ । ଏଥିରେ କନାଅତ୍ ଭାବନା ଉତ୍ପନ୍ନ ହୋଇଥାଏ । ସାଂସାରିକ ବସ୍ତୁକୁ ଅଲ୍ଲାଃଙ୍କ ପୁରସ୍କାର ମଣି ବ୍ୟବହାର କରିବା ନା କି ତାହାକୁ ଉପାସ୍ୟ କରିନେବା । ଆମର ପ୍ରକୃତ ଉପାସ୍ୟ ଆମର ସୃଷ୍ଟିକର୍ତା ଅଟନ୍ତି ଯାହାଙ୍କ ସହିତ ପ୍ରେମ କଲେ ମଣିଷ ହୃଦୟରେ ଧର୍ମପରାୟଣତା ଓ କନାଅତ୍ ଉତ୍ପନ୍ନ ହୋଇଥାଏ । ଅଲ୍ଲାଃତାଲା ମୋମିନ୍‌ର ଏହି ଚିହ୍ନ ଦର୍ଶାଇଛନ୍ତି କି ସେମାନେ ଅଲ୍ଲାଃଙ୍କୁ ସବୁଠାରୁ ଅଧିକ ଭଲ ପାଇଥାନ୍ତି । ଯେପରି ଅଲ୍ଲାଃ କୁହନ୍ତି **ୱଲ୍‌ଲଜିନା ଆମନୁ ଅଶାଦ୍‌ଦୁ ହୁବ୍‌ବାଲ୍‌ଲିଲ୍ଲାହ୍** ଏବଂ ଯେ ମୋମିନ୍ ଅଟନ୍ତି ସେମାନେ ସବୁଠାରୁ ଅଧିକ ଅଲ୍ଲାଃଙ୍କୁ ପ୍ରେମ କରିଥାନ୍ତି । ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରେ କନାଅତ୍ ଓ ଧର୍ମପରାୟଣତା

ଉତ୍ପନ୍ନ କରି ଦିଅନ୍ତୁ । ସାଂସାରିକ ବସ୍ତୁଗୁଡ଼ିକୁ ଭଲ ପାଇବା ପରିବର୍ତ୍ତେ ଅଲ୍ଲାଃଙ୍କ ପ୍ରେମ ଲାଭ କରିବା ଆମର ଲକ୍ଷ ହେଉ ଏବଂ ଆମେ ଅଲ୍ଲାଃଙ୍କ କ୍ଷମା ଓ ପ୍ରୀତିଭାଜନ ହାସଲକାରୀ ହେଉ ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ ମୁଁ ଏହି ଦୁଆ ପ୍ରତି ମଧ୍ୟ ଆପଣମାନଙ୍କ ଧ୍ୟାନ ଆକର୍ଷିତ କରିବାକୁ ଚାହେଁ ଯେପରିକି ମୁଁ ସଂକ୍ଷିପ୍ତ ଭାବରେ ଚର୍ଚ୍ଚା କରିଥିଲି ମୁସଲମାନ ଦେଶମାନଙ୍କର ମୁଖ୍ୟମାନେ ଯେ ସାଂସାରିକ କାମନା ପଛରେ ପଡ଼ିଛନ୍ତି ଏବଂ ଯେ ଅଲ୍ଲାଃଙ୍କ ପରିବର୍ତ୍ତେ ଶକ୍ତିଶାଳୀ ଦେଶମାନଙ୍କୁ ନିଜର ଈଶ୍ୱର ମଣିନେଇଛନ୍ତି ଏବଂ ମନେକରୁଛନ୍ତି କି ସେମାନଙ୍କ ସହ ବନ୍ଧୁତା ତାଙ୍କୁ ସୁରକ୍ଷା ଓ ଉନ୍ନତିର ମୂଳମନ୍ତ୍ର ସାବ୍ୟସ୍ତ ହୋଇପାରେ । ଯେତେବେଳେ କି ଆମେରିକା ସମ୍ବନ୍ଧରେ ଜର୍ମାନୀର ଜଣେ ଗାଳ୍ପିକ ଲେଖିଲେ କି ସମଗ୍ର ବିଶ୍ୱ ଓ୍ୱାସିଙ୍ଗଟନ୍‌କୁ ନିଜର ଆଦର୍ଶ ମନେକରୁଥିଲା । କିନ୍ତୁ ସମ୍ଭବତଃ ତାହାର ସେହି ସ୍ଥିତି ଆଉ ରହି ନାହିଁ କାରଣ ତାହା ସ୍ଥାନରେ ବର୍ତ୍ତମାନ ବେଜିଙ୍ଗ୍ ଯାହାକି ଚୀନର ରାଜଧାନୀ ଅଟେ, ଆଦର୍ଶ ସାଜୁଅଛି । ଆମେରିକା ନିଜର ଅସ୍ତିତ୍ୱ ଓ ମର୍ଯ୍ୟାଦା ହଜାଇ ବସିଲାଣି । ସୁତରାଂ ସାଂସାରିକ ଆଶ୍ରୟ ତ କ୍ଷଣସ୍ଥାୟୀ ଆଜି ଆସି କାଲି ଚାଲିଯାଇଥାଏ, ମୁସଲମାନମାନଙ୍କୁ ଏସବୁ ବୁଝିବା ଉଚିତ୍ । ବର୍ତ୍ତମାନ ୟୁରୋଶିଲମ୍‌ରେ (ଆମେରିକା) ନିଜର ପ୍ରତିନିଧି କେନ୍ଦ୍ର ସ୍ଥାପନ କରିବାର ଯେଉଁ ଘୋଷଣା କରିଛି ତାହା ମଧ୍ୟ ଏଥିପାଇଁ କି ଏପରି ଇସ୍ରାଇଲ୍ ସହିତ ସମ୍ପର୍କ ସୁନ୍ଦର ଓ ସୁଦୃଢ ହେଲେ ତାହା ନୂତନ ବାଟ ଉନ୍ମୁକ୍ତ କରିବ । କିନ୍ତୁ ଯେତେବେଳେ ଅଲ୍ଲାଃତାଲାଙ୍କ ତରଫରୁ ଅର୍ଦ୍ଧପତନ ହେବାର ନିଷ୍ପତି ହୋଇଯାଏ ସେତେବେଳେ ସାଂସାରିକ ବନ୍ଧୁତା ଓ ଚୁକ୍ତିପତ୍ର (କୌଣସି ପ୍ରକାର ସାହାଯ୍ୟ) କରିପାରିନଥାଏ । ମନେହେଉଛି ସେହି ବଡ଼ ଶକ୍ତି ବିଶେଷକରି ଆମେରିକାର (ଅବନତି) ହେବା ଆରମ୍ଭ ହୋଇଗଲାଣି ତେବେ ଫଳ କେବେ କାହାରିବ ତାହା ଅଲ୍ଲାଃ ହିଁ ଜାଣନ୍ତି । କିନ୍ତୁ ମୁସଲମାନମାନଙ୍କୁ ପରସ୍ପର ମଧ୍ୟରେ ଲଢାଇବାର (ସେମାନଙ୍କ) ଚେଷ୍ଟ ବର୍ତ୍ତମାନ ତିବ୍ର ରୂପ ନେବ । ସୁତରାଂ ମୁସଲମାନ ଦେଶମାନଙ୍କ ପାଇଁ ଆମ୍ଭମାନଙ୍କୁ ଦୁଆ କରିବା ଉଚିତ୍ କି ସେମାନେ ଏକ ହୋଇଯାନ୍ତୁ ଏବଂ ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେବାର ଯେଉଁ ଆଶଙ୍କା ଦେଖିବାକୁ ମିଳୁଅଛି ତାହା ଦୂର ହେଉ ଏବଂ ମୁସଲମାନ ଦେଶମାନଙ୍କ ମଧ୍ୟରେ ଯେଉଁ ଯୁଦ୍ଧ ଚାଲିଅଛି ଏବଂ ଲକ୍ଷାଧିକ ଜୀବନ ନଷ୍ଟ ହେଉଅଛି, ଅଲ୍ଲାଃତାଲା ସେମାନଙ୍କୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ଗୋଟିଏ ସମ୍ପ୍ରଦାୟ ହୋଇ ରୁହନ୍ତୁ, ପାରସ୍ପରିକ ଝଗଡ଼ାର ଅନ୍ତ ଘଟୁ ଯଦ୍ୱାରା ଇସଲାମୀୟ ଶତ୍ରୁମାନେ ନିଜର ମନବାଂଛା ପୂରଣ କରିବାର ଯେଉଁ ସ୍ୱପ୍ନ ଦେଖୁଛନ୍ତି ତାହା ସ୍ୱପ୍ନରେ ରହିଯିବ । ସବୁଠାରୁ ବଳି (ଆମକୁ) ଏହି ଦୁଆ କରିବା ଉଚିତ୍ ଯେ ମୁସଲମାନମାନେ ଅଲ୍ଲାଃଙ୍କ ପ୍ରେରିତ ମସିହ ମଉଦ ଓ ମେହେଦି ମଉଦଙ୍କୁ ଚିହ୍ନନ୍ତୁ ଯାହା ସହ ମିଳିତ ହୋଇ ଏମାନେ ପରସ୍ପର ମଧ୍ୟରେ ଓ ସଂସାରରେ ଶାନ୍ତି ପ୍ରତିଷ୍ଠା କରିପାରିବେ ।

*ପୃଷ୍ଠା-୫ ର ଅବଶିଷ୍ଟାଂଶ.......*

ବହୁତ ଖୁସି ଲାଗିଲା ଯେ ବର୍ତ୍ତମାନ ଦୁନିଆରେ ଏପରି କୌଣସି ଯମାତ୍ ମଧ୍ୟ ଅଛି ଯିଏ ସଠିକ୍ ରୂପେ ମୁସଲ୍‌ମାନଙ୍କ ପରିଚୟକୁ ପୁରଣ କରୁଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ନ୍ୟାସ୍‌ନାଲ୍ ଡିରେକ୍ଟର୍ ଅଫ୍ ପୋଲିସ୍‌କୁ ସମ୍ବୋଧନ କରି କହିଲେ ଯେ ଆପଣ ଏଠାରେ ଦେଖିସାରିଛନ୍ତି ଏଠାରେ ଆମ ଫଙ୍କ୍‌ସନ୍‌ରେ ପୋଲିସ୍‌ର କୌଣସି ଆବଶ୍ୟକତା ନାହିଁ । ଏଠି ପୋଲିସ୍ ବିଭାଗର ଯେଉଁ ପୂର୍ବତନ ଅଫିସର୍‌ମାନେ ଆମ ଜଲ୍‌ସାକୁ ଆସୁଥିଲେ ସେମାନେ ମଧ୍ୟ ଏହା କହୁଥିଲେ ଯେ ଯମାତ୍‌ର ଖୁଦାମ୍ ଏତେ ସୁନ୍ଦର ଶୈଳୀରେ ଅର୍‌ଗାନାଇଜ୍ କରୁଛନ୍ତି ଯେ ଏଠାରେ ପୋଲିସ୍‌ର କୌଣସି ଆବଶ୍ୟକତା ଅନୁଭବ ହେଉନାହିଁ । ବର୍ତ୍ତମାନ ଯେଉଁ ନୁଆ ଅଫିସର୍ ଆସିଛନ୍ତି ସେ ମଧ୍ୟ ଏହି ଭାବନାକୁ ବ୍ୟକ୍ତ କରିଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପାଣିପାଗ ଅନୁରୂପ ନଥିଲା । ତେବେ ମଧ୍ୟ ପ୍ରତ୍ୟେକ କାର୍ଯ୍ୟ ଓ ଜଲ୍‌ସାର ସବୁ ପ୍ରୋଗ୍ରାମ୍ ଗୁଡିକ ସୁଚାରୁରୂପେ ଅନୁଷ୍ଠିତ ହେଲା ।

ହସନ୍ କିଟା ସାହେବ୍ ନ୍ୟାସ୍‌ନାଲ୍ ଡିରେକ୍ଟର୍ ଅଫ୍ ପୋଲିସ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଯେହେତୁ ମୋ ବିଭାଗ ପୋଲିସ୍ ସହିତ ସମ୍ପର୍କିତ ସେଥିଯୋଗୁ ମୁଁ ସିକ୍ୟୁରିଟି ପ୍ରସଙ୍ଗରେ ବିଶେଷ ରୂପେ ଅନୁଧ୍ୟାନ କଲି । ଏଠାରେ ସିକ୍ୟୁରିଟିର ଉତମ ସୁନ୍ଦର ବ୍ୟବସ୍ଥା କରାଯାଇଥିଲା, ଯେଉଁଥିରେ ମୋତେ କୌଣସି ପ୍ରକାରର ତୃଟି ଦୃଷ୍ଟିଗୋଚର ହେଲାନାହିଁ । ପୁଣି ଖଲିଫତୁଲ୍ ମସିହ୍‌ଙ୍କ ଅଭିଭାଷଣ ଗୁଡିକ ଅସାଧାରଣ ଥିଲା । ଯାହାଦ୍ୱାରା ନା କେବଳ ବିଶ୍ୱାସରେ ଉନ୍ନତି ଘଟିଲା ବରଂ ମୋତେ ଖଲିଫାଙ୍କର ଅଭିଭାଷଣ ଶୁଣିବା ପରେ ନିଜକୁ ମୁସଲ୍‌ମାନ୍ ହୋଇଥିବା ଯୋଗୁ ଗର୍ବ ଅନୁଭବ ହେଉଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଯେଉଁ କଥା କହିଲେ ତା ଉପରେ ପରିଚାଳିତ ହୋଇ ଆମେ ଏ ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିପାରିବା । ଆମ୍ଭେ ଏଠାରେ ବହୁତ କିଛି ଶିଖିବାକୁ ପାଇଲୁ । ଆମେ ହୃଦୟରୁ ଆପଣମାନଙ୍କ ସହିତ ଅଛୁ ।

ଗିନି କନାକରିର ଏହି ପ୍ରତିନିଧିମଣ୍ଡଳଙ୍କ ସହିତ ସାକ୍ଷାତ୍‌କାର୍ ୧୨:୪୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଓ୍ୱଫଦ୍‌ର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ବିଭିନ୍ନ ଦେଶରୁ ଆସିଥିବା ଇଲୋକ୍‌ଟ୍ରୋନିକ୍ ଓ ପ୍ରିଂଟ୍ ମିଡିଆର ପ୍ରତିନିଧିମାନଙ୍କ ସହିତ ପ୍ରେସ୍ କନ୍‌ଫରେନ୍‌ସ**

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମେହ୍‌ମୁଦ୍ ହଲ୍‌ରେ ପଦାର୍ପଣ କଲେ, ଯେଉଁଠାରେ ପ୍ରେସ୍ କନ୍‌ଫରେନ୍‌ସର ଆୟୋଜନ କରାଯାଇଥିଲା । ବିଭିନ୍ନ ଦେଶରୁ ଆସିଥିବା ଇଲୋକ୍‌ଟ୍ରୋନିକ୍ ଓ ପ୍ରିଂଟ୍ ମିଡିଆର ଜର୍ନାଲିଷ୍ଟ୍‌ମାନେ, ପ୍ରତିନିଧିଗଣ ଓ ଟେଲିଭିଜନ୍‌ର କ୍ୟାମେରା ମ୍ୟାନ୍ ପୂର୍ବରୁ ସେଠାରେ ଉପସ୍ଥିତ ଥିଲେ ।

ମେକ୍‌ସିକୋରୁ ଆସିଥିବା ଜଣେ ଜର୍ନାଲିଷ୍ଟ୍ ଫ୍ଲୋର୍ ଡେଲ୍ ରୋଜାରିଓ ଯିଏ ଜାତୀୟ ଖବରକାଗଜ Excelsior ସହିତ ଯୋଡ଼ି ହୋଇ ରହିଛନ୍ତି, ସେ ପ୍ରଶ୍ନ କଲେ ଯେ ମ୍ୟାକ୍‌ସିକୋର ଉତର ସୀମା ସହିତ ୟୁ.ଏସ୍.ଏ ଅବସ୍ଥିତ । ଏହା ମେକ୍‌ସିକୋ ର ସମାଜ ପାଇଁ ଭଲ ଅଟେ । କିନ୍ତୁ ଏହା ସହିତ ଅନେକ ନେଗେଟିଭ୍ ପାର୍ଶ୍ୱ ମଧ୍ୟ ଅଛି । ଲୋକେ ଯିବା ଆସିବା କରୁଛନ୍ତି । ଡର୍‌ଗଜ୍ ଓ ହତିଆର ର କାରବାର ହେଉଛି । ବର୍ତ୍ତମାନ ଡୋନାଲ୍‌ଡ୍ ଟ୍ରମ୍ପ୍ ଙ୍କ ସରକାର ଅଛି । ଆପଣ ଏହି ସବୁ ମାମଲା ଗୁଡିକୁ କିପରି ଦେଖୁଛନ୍ତି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ବର୍ତ୍ତମାନ ଟ୍ରମ୍ପ୍ ଙ୍କ ସରକାର ଆସିବା ପରେ ଏ ନିଷ୍ପତି ନିଆଯାଇଛି ଯେ ଏହି ସୀମାରେ ସମ୍ପୂର୍ଣ୍ଣ ରୂପେ ପ୍ରାଚୀର ପ୍ରତିଷ୍ଠା କରିଦିଆଯାଉ । ନେଗେଟିଭ୍ ଓ ପଜେଟିଭ୍ ଦୁଇଟି ପାର୍ଶ୍ୱ ଅଛି, ଯେପରି ଆପଣ କହିଲେ ଯେ ବେପାର ମଧ୍ୟ ହେଉଛି । ତତ୍ ସହିତ ସ୍ମଗ୍‌ଲିଂ ମଧ୍ୟ ହେଉଛି । ମୋ ମତରେ ସମ୍ପୂର୍ଣ୍ଣ ରୂପେ ବଡର୍‌କୁ ବନ୍ଦ୍ କରିଦେବା ପରିବର୍ତ୍ତେ ସଠିକ୍ ରୂପେ ଅନୁଧ୍ୟାନ କରିବା ଉଚିତ୍ । ଯଦ୍ୱାରା ପ୍ରତ୍ୟେକ କାର୍ଯ୍ୟ କାନୁନ୍ ମୁତାବକ ହେବ । ଯଦି କିଏ ବର୍ଡର୍ ପାର୍ ହେବାକୁ ଚାହେଁ ତେବେ କାନୁନ୍ ଅନୁସାରେ କରୁ । ଯେଉଁସବୁ ବାଣିଜ୍ୟ ବ୍ୟବସାୟ ହେଉଛି ତାହା କାନୁନ୍ ମୁତାବକ ହେଉ । ଏହିପରି ଦୁଇଟିଯାକ ଦେଶ ଜଣେ ଅନ୍ୟଏକ ଠାରୁ ଲାଭ ଉଠାଇପାରିବେ ।

ଗୟାନା ଦେଶରୁ ଆସିଥିବା ଜଣେ ଜର୍ନାଲିଷ୍ଟ୍ ବିବି ଶେହ୍‌ନାଜ୍ ଖାନ୍ ସାହିବା (ଯିଏ ଏମ୍.ଟି.ଏ ଚ୍ୟାନେଲ୍ ୧୪ ସହିତ ଯୋଡି ହୋଇ ରହିଛନ୍ତି) ସେ ପ୍ରଶ୍ନ କଲେ ଯେ ଆପଣ କଣ ମୋତେ ବତାଇପାରିବେ କି ଆପଣଙ୍କ ନିକଟରେ ମୁସଲ୍‌ମାନ୍ ଜାତିଙ୍କ ଏକତ୍ରୀକରଣ ପାଇଁ କୌଣସି ସମାଧାନ ଅଛି ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହାର ସମାଧାନ ତ ଆମକୁ ଖୁଦାତାଲାଙ୍କ ତରଫରୁ ମିଳିସାରିଛି ଏବଂ ଏହି ସମାଧାନର ଚର୍ଚ୍ଚା ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ କରିଛନ୍ତି ଯେ ଶେଷ ଯୁଗରେ ମୁସଲ୍‌ମାନ୍ ମାନେ ବିଭିନ୍ନ ଫିର୍‌କା (ଗୋଷ୍ଠୀ) ରେ ବାଂଟି ହୋଇଯିବେ । ଏବଂ ପ୍ରତ୍ୟେକ ଗୋଷ୍ଠୀର ନିଜସ୍ୱ ମାର୍ଗ ହେବ । ଏମାନେ ନିଜ ମନ ମୁତାବକ ପବିତ୍ର କୋରାନ୍‌କୁ ବ୍ୟାଖ୍ୟା କରିବେ । ଏହି ସମୟରେ ଜଣେ ମୁସ୍‌ଲେହ ଆସିବେ ଯିଏ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ହେବେ । ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ ଯେତେବେଳେ ଏହି ବ୍ୟକ୍ତିଜଣକ ପ୍ରକଟ ହେବେ ସେତେବେଳେ ତୁମେ ଯାଇ ତାଙ୍କୁ ମୋର ସଲାମ୍ ପହଂଚାଇବ । ଏହାର ଅର୍ଥ ଏପରି ଥିଲା ଯେ ମୁସଲ୍‌ମାନଙ୍କ ମଧ୍ୟରେ ଆପୋଷରେ ଶାନ୍ତି, ସୌହାର୍ଦ୍ଦ୍ୟ, ଭାଇଚାରା ଓ ପ୍ରେମଭାବ ଯୋଗୁ ତାଙ୍କ ସହିତ ଯାଇ ସାମିଲ୍ ହୋଇଯାଓ, ଆମେ ଏ ବିଶ୍ୱାସ ରଖିଛୁ ଯେ ସେହି ବ୍ୟକ୍ତିଜଣକ ଆସିସାରିଛନ୍ତି, ଯିଏ ହେଉଛନ୍ତି ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହାର ଅର୍ଥ ନୁହେଁ ଯେ କେହି ଜଣେ ଦାବି କରିଲା କି ସେ ମସିହ୍ ମେହେଦୀ ଅଟନ୍ତି ଓ ଆମେ ତାକୁ ମାନିନେଲୁ । ଆସିବାକୁ ଥିବା ବ୍ୟକ୍ତିଙ୍କ ସହିତ ଆକାଶୀୟ ନିଦର୍ଶନ ମଧ୍ୟ ଥିଲା, ଯେଉଁଗୁଡିକର ଖବର ଆଁ ହଜ୍‌ରତ୍ ସ:ଆ:ସ ପୂର୍ବରୁ ଦେଇଥିଲେ । ଏହି ଆକାଶୀୟ ନିଦର୍ଶନ ମାନଙ୍କ ମଧ୍ୟରୁ ଗୋଟିଏ ଚିହ୍ନ ହେଉଛି ସୂର୍ଯ୍ୟକୁ ଗ୍ରହଣ ଲାଗିବାର ଥିଲା ଯେ ସେ ଦୁଇଟିଯାକ ଗୋଟିଏ ବିଶେଷ ମାସରେ ଓ ବିଶେଷ ତାରିଖରେ ଗ୍ରହଣ ଲାଗିବ । ପୁଣି କହିଲେ ଯେ ରମ୍‌ଯାନ୍ ମାସରେ ଚନ୍ଦ୍ର ଗ୍ରହଣର ତାରିଖ ମାନଙ୍କ ମଧ୍ୟରୁ ପ୍ରଥମ ତାରିଖ ଦିନ ଚନ୍ଦ୍ରରେ ଗ୍ରହଣ ଲାଗିବ ଓ ସୂର୍ଯ୍ୟକୁ ତାର ଗ୍ରହଣ ଦିନ ଗୁଡିକ ମାନଙ୍କରୁ ଦ୍ୱିତୀୟ ଦିନ ଗ୍ରହଣ ଲାଗିବ । ସୁତରାଂ ଏହି ଦୁଇଟି ଚିହ୍ନଁ ଥରେ ପୃଥିବୀର ପୂର୍ବ ଭାଗରେ ଓ ପୁଣିଥରେ ପୃଥିବୀର ପଶ୍ଚିମ ଭାଗରେ ପ୍ରକଟ ହୋଇ ପୁରଣ ହେଲା । କ୍ରମଶଃ...

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ପୃଷ୍ଠା-୨ ର ଅବଶିଷ୍ଟାଂଶ.......

ଜଣାଇଲେ । ଏବଂ ନିଜ ଦେଶ ନିମନ୍ତେ ପ୍ରାର୍ଥନାକ କରିବା ପାଇଁ ନିବେଦନ କଲେ ।

ଜଣେ ଅତିଥି ଜର୍ନାଲିଷ୍ଟ୍ 'ଅଲହାଜି ଅଲଫା ବଙ୍ଗୁରା' ସାହେବ୍ ଜଲସା ପ୍ରସଙ୍ଗରେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ:- ହଜ୍‌ରତ୍ ଅମିରୁଲ୍ ମିମିନିନ୍‌ଙ୍କୁ ମୁଁ ପ୍ରଥମ ଥର ଦେଖିଲି । ଏହା ମୋ ପାଇଁ ଏକ ନିଆରା ଅନୁଭବ ଥିଲା । ମୁଁ ଭାବନାକୁ ଅଟକାଇ ରଖିପାରିଲି ନାହିଁ । ଜଲସାରେ ଯେଉଁସବୁ ବ୍ୟବସ୍ଥା ଗୁଡିକ ଥିଲା ଏବଂ ସ୍ୱେଚ୍ଛାସେବକମାନେ ଯେଉଁ ସବୁ ନମୁନା ଦେଖାଇଲେ ତାହା ବହୁତ ଦୁର୍ଲଭ ଅଟେ । ପୁଣି ଯାମିଆର ପରିବେଶ ମଧ୍ୟ ବହୁତ ଉଚ୍ଚକୋଟୀର ଥିଲା । ଯାମିଆକୁ ଯିବା ପରେ ଆଉ କୌଣସି ହୋଟେଲ୍‌କୁ ଯିବା ପାଇଁ ମନ ଚାହୁଁନାହିଁ । ମୋତେ ଏବେ ବହୁତ ଦୁଃଖ ଲାଗୁଛି ଯେ ମୁଁ କାହିଁକି ପୂର୍ବରୁ ଏ ଜଲସାରେ ଯୋଗ ଦେଇପାରିଲିନାହିଁ ।

ଅଲହସନ୍ ବି କୁମାରା ସାହେବ୍ ସିରିଆଲିଓନ୍‌ରେ କଷ୍ଟମ୍ ଅଫିସର୍ ଅଛନ୍ତି । ସେ ପ୍ରଥମ ଥର ଏହି ଜଲସାରେ ଯୋଗ ଦେଇଛନ୍ତି । ସେ କହୁଛନ୍ତି:- ମୋତେ ନିଜର ଚାକିରି ଓ ପରିବାରକୁ ଛାଡ଼ି ଆସିବା ପାଇଁ ବହୁତ କଷ୍ଟ ଲାଗୁଥିଲା । କିନ୍ତୁ ଏଠାକୁ ଆସି ମୋତେ ଏହା ଜଣାପଡ଼ିଲା ଯେ ମୁଁ ଏଠାକୁ ଆସିବା ପାଇଁ ଯେଉଁ ଫଇସଲା କରିଥିଲି ତାହା ବିଲ୍‌କୁଲ୍ ଠିକ୍ ଥିଲା । ଏଠାକୁ ଆସି ମୋତେ ଇସ୍‌ଲାମ୍‌ର ପ୍ରକୃତ ଚେହେରା ଦେଖିବାକୁ ମିଳିଲା । ପ୍ରତ୍ୟେକ ମୁସଲମାନଙ୍କ ନିମନ୍ତେ ଏହା ଜରୁରୀ ଅଟେ ଯେ ସେମାନେ ଇସ୍‌ଲାମ୍‌ର ପ୍ରକୃତ ଚେହେରାକୁ ଦେଖନ୍ତୁ । ଯମାତ୍ ଅହେମଦୀୟାର ଇମାମ୍‌କୁ ଲୋକମାନଙ୍କ ସହିତ ମିଳାମିଶା କରିବାର ଦେଖି ମୋ ମନରେ କେବଳ ଗୋଟିଏ କଥା ଆସୁଛି ଯେ ଏ ବ୍ୟକ୍ତି ଜଣକ ମହବତ୍ ସବ୍ କେଲିଏ, ନଫରତ୍ କିସି ସେ ନେହିଁ ର ବାସ୍ତବିକ କାର୍ଯ୍ୟକାରୀ ସ୍ୱରୂପ ଅଟନ୍ତି ।

ସିରିଆଲିଓନ୍‌ର ପାରାମାଂଉଟ୍ ଚିଫ୍‌ସ ସାଫା ମୋଙ୍କା ଟାମୁ ସାହେବ ନିଜର ଭାବନାକୁ ବ୍ୟକ୍ତ କରି କହିଲେ:- ଅହେମଦୀୟତ୍ ପ୍ରତ୍ୟେକ ଦେଶରୁ ବିଭିନ୍ନ ଜାତି ଓ ଭାଷାଭାଷି ଲୋକମାନଙ୍କୁ ଗୋଟିଏ ଯାଗାରେ ଏକତ୍ରିତ କରାଇ ଏହା ପ୍ରମାଣିତ କରିଦେଇଛି ଯେ ଯମାତ୍ ଅହେମଦୀୟା ସବୁପ୍ରକାର ଜାତିଆଣଭାବ ଠାରୁ ପବିତ୍ର ଅଟେ । ମୁଁ ପ୍ରଥମଥର ଯେତେବେଳେ ଖଲିଫତୁଲ୍ ମସିହ୍‌ଙ୍କୁ ଦେଖିଲି ସେତେବେଳେ ମୋତେ ଏହା ଅନୁଭବ ହେଲା ଯେ ଏହି ବ୍ୟକ୍ତି ଜଣକ ବାସ୍ତବରେ ଚମ୍ପିଆନ୍ ଅଫ୍ ପିସ୍ ଅଟନ୍ତି ଏବଂ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଅହରହ ଚେଷ୍ଟା ଚଳାଇଛନ୍ତି । ମୁଁ ଏହି ଜଲସାକୁ ବାରମ୍ୱାର ଆସିବା ପାଇଁ ଇଚ୍ଛା କରିବି ।

ସିରିଆଲିଓନ୍‌ର ଜଣେ ପାରାମାଂଉଟ୍ ଚିଫ୍‌ସ ଓ୍ୱରା ଓ୍ୱରା ଯଗାଲା କିଡାଲା ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ମୁଁ ପ୍ରଥମ ଥର ଏହି ଜଲସା ସାଲାନାରେ ଯୋଗ ଦେଇଛି । ପୂର୍ବରୁ ମୋତେ ମଧ୍ୟ ଏଥିରେ ଯୋଗଦେବା ପାଇଁ ନିମନ୍ତ୍ରଣ ମିଳୁଥିଲା କିନ୍ତୁ ସମୟ ଅଭାବରୁ ମୁଁ ଯୋଗଦେଇ ପାରୁନଥିଲି । କିନ୍ତୁ ଏଠାରେ ଜଲସା ସାଲାନାର ପରିବେଶକୁ ଦେଖି ମୋତେ ବହୁତ ଅନୁଭବ ହେଲା ଯେ ମୋତେ ଏହି ଜଲସା ସାଲାନାରେ ବହୁତ ପୂର୍ବରୁ ଯୋଗ ଦେବାର ଥିଲା । ଏହି ଜଲସା ସାଲାରେ ହୋଇଥିବା ବ୍ୟବସ୍ଥା ଗୁଡିକ ଏବଂ ଲୋକମାନଙ୍କର ଉତମ ଚରିତ୍ର ଗୁଡିକ ସ୍ପଷ୍ଟ ବାରି ହୋଇଯାଉଥିଲା । ପ୍ରତ୍ୟେକ ବ୍ୟକ୍ତି କୌଣସି ଜାତି ପାତ ବିନା ଜଣେ ଅନ୍ୟ ଜଣଙ୍କୁ ସଲାମ୍ ପ୍ରେରଣ କରୁଥିଲା । ଖଲିଫତୁଲ୍ ମସିହ୍‌ଙ୍କୁ ଦେଖି ଏହା ଲାଗୁଥିଲା ଯେ ଖୁଦାତାଲା ତାଙ୍କ ଉପରେ ବିଶେଷ ଅନୁଗ୍ରହ କରିଛନ୍ତି । ଘଂଟା ଘଂଟା ଭାଷଣ ଦେବା ସତ୍ତ୍ୱେ ମଧ୍ୟ ତାଙ୍କ ଚେହେରାର ପ୍ରଫୁଲ୍ଲତାକୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି ।

ସିରିଆଲିଓନ୍‌ର ଆଉଜଣେ ଅତିଥି ଅବ୍‌ଦୁଲ୍ କାବା କାର୍‌ଗୋବେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି ମୁଁ ଏହି ଜଲସା ସାଲାନାର ବ୍ୟବସ୍ଥାକୁ ଦେଖି ବହୁତ ପ୍ରଭାବିତ ହୋଇଛି । ଯଦି ମୁଁ ଏଠକୁ ଆସିନଥାନ୍ତି ଏବଂ ମୋତେ କେହିଜଣେ କହିଥାଆନ୍ତା ଯେ ଏଥିରେ ୩୭ ହଜାରରୁ ଅଧିକ ଲୋକ ଏକ ସ୍ଥାନରେ ତିନିଦିନ ପାଇଁ ଏକାଠି ହୋଇଛନ୍ତି ଓ ଏହ ସତ୍ତ୍ୱେ ମଧ୍ୟ କୌଣସି ପ୍ରକାରର ବିଶୃଙ୍ଖଳା ହୋଇନାହିଁ, ତେବେ ମୁଁ ବୋଧହୁଏ ଏହାକୁ ବିଶ୍ୱାସ କରିପାରିନଥାନ୍ତି । କିନ୍ତୁ ଏହା ସବୁକିଛି ନିଜେ ନିଜର ଆଖିରେ ଦେଖି ବହୁତ ଆଶ୍ଚର୍ଯ୍ୟ ଲାଗୁଛି ଯେ ମୁଁ ଏଠାରେ କାହାକୁ କୌଣସି ପ୍ରକାର ଅଭିଯୋଗ କରିବାର ଦେଖିନାହିଁ । ପ୍ରତ୍ୟେକ ଲୋକ ବହୁତ ବିନମ୍ରତାର ସହିତ ସେବା କରିଚାଲିଥିଲା । ହଜ୍‌ରତ୍ ଖଲିଫତୁଲ୍ ମସିହ୍‌ଙ୍କ ବ୍ୟକ୍ତିତ୍ୱ ଏକ ବିଶେଷ ମର୍ଯ୍ୟାଦାପୁର୍ଣ୍ଣ ଅଟେ । ଏତେ ସମ୍ମାନୀୟ ଓ ପଦମର୍ଯ୍ୟାଦା ଲାଭ କରିଥିବା ଖଲିଫତୁଲ୍ ମସିହ୍‌ଙ୍କୁ ମୁଁ ସବୁବେଳେ ନିଜର ବିନମ୍ରତାକୁ ପ୍ରକାଶ କରୁଥିବାର ଦେଖିବାକୁ ପାଇଲି । ସିରିଆଲିଓନ୍‌କୁ ଫେରିଯିବା ପାଇଁ ମୋର ସ୍ଥାନ ସଂରକ୍ଷଣ ଥିଲା । କିନ୍ତୁ ଯେତେବେଳେ ମୁଁ ଜାଣିବାକୁ ପାଇଲି ଯେ ଖଲିଫତୁଲ୍ ମସିହ୍‌ଙ୍କ ସହିତ ମୋର ସାକ୍ଷାତ୍‌କାର୍ ମଧ୍ୟ ହୋଇପାରିବ ବୋଲି ସେତେବେଳେ ମୁଁ ମୋ ଫ୍ଲାଇଟ୍‌କୁ ଆଗକୁ ବଢ଼ାଇଦେଲି । କାରଣ ମୁଁ ଏହି ଜୀବନ ପ୍ରଦାନକାରୀ ଅବସରକୁ ହାତଛଡା କରିବାପାଇଁ ଚାହୁଁନଥିଲି ।

ସିରିଆଲିଓନ୍‌ରୁ ଜଣେ ମେମ୍ୱର୍ ଅଫ୍ ପାର୍ଲିଆମେଂଟ୍ Sallieu Osmas Sesay ସାହେବ୍ ମଧ୍ୟ ଏହି ଜଲସାରେ ସାମିଲ୍ ହୋଇଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି:- ମୁଁ ପ୍ରଥମ ଥର ଯମାତ୍‌ର କୌଣସି ଜଲସାରେ ସାମିଲ୍ ହୋଇଛି । ପ୍ରଥମେ ମୁଁ ଭାବୁଥିଲି ଯେ ଅହେମଦୀୟତ୍ 'କୁଫର' (ଅମାନ୍ୟକାରୀ) ର ଦ୍ୱିତୀୟ ନାମ ଅଟେ ବୋଲି । ଏବଂ ଏମାନେ ଲୋକମାନଙ୍କର ବ୍ରେନ୍ ଓ୍ୱାସ୍ କରିଦେଉଛନ୍ତି ବୋଲି । କିନ୍ତୁ ଏହି ଜଲସାରେ ସାମିଲ୍ ହେବା ପରେ ଅହେମଦୀୟତ୍ ବିଷୟରେ ମୋର ଧାରଣା ସମ୍ପୂର୍ଣ୍ଣ ରୂପେ ବଦଳିଗଲା । ଖଲିଫତୁଲ୍ ମସିହ୍‌ଙ୍କ ବ୍ୟକ୍ତିତ୍ୱରେ ଯେଉଁ ବିନମ୍ରତା ଓ ବିନୟଭାବ ଅଛି, ତାହାର ଦୃଷ୍ଟାନ୍ତ ବହୁତ କମ୍ ମିଳେ । ଲୋକମାନେ ତାଙ୍କୁ ଏତେ ପ୍ରେମ ଓ ଶ୍ରଦ୍ଧା କରୁଛନ୍ତି ଯେ ଯଦି ଖଲିଫତୁଲ୍ ମସିହ୍ ଇଚ୍ଛା କରନ୍ତେ ତେବେ ଲଣ୍ଡନ୍‌ର ମହଙ୍ଗା ଇଲାକାରେ ପ୍ରତ୍ୟେକ ପ୍ରକାରର ସୁବିଧା ଓ ସୁଗମତାର ସହିତ ରହିପାରନ୍ତେ କିନ୍ତୁ ସେ ତ ଗୋଟିଏ ସାଧାରଣ ଇଲାକାରେ ଏବଂ ଗୋଟିଏ ମାମୁଲି ଘରେ ବସବାସ କରୁଛନ୍ତି । ଖଲିଫତୁଲ୍ ମସିହ୍‌ଙ୍କ ସହିତ ମିଶିବା ପରେ ମୁଁ ପୁର୍ଣ୍ଣ ବିଶ୍ୱାସର ସହିତ ଏହା କହିପାରିବି ଯେ ସେ ପ୍ରତ୍ୟେକ କାର୍ଯ୍ୟ କରିବା ପାଇଁ ସକ୍ଷମ ।

ସିରିଆଲିଓନ୍‌ରୁ ଆସିଥିବା ଆଉଜଣେ ମେମ୍ୱର୍ ଅଫ୍ ପାର୍ଲିଆମେଂଟ୍ Alie Kaloko ସାହେବ୍ ମଧ୍ୟ ଏହି ଜଲସାରେ ଯୋଗ ଦେଇଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ:- ଅହେମଦୀୟତ୍ ହିଁ ଇସ୍‌ଲାମ୍‌ର ବାସ୍ତବିକ ରୂପ ଅଟେ । ଅହେମଦୀ ମୁସଲମାନ୍ ମାନେ ଶାନ୍ତିକୁ ପ୍ରୋତ୍ସାହନ ଦେବାପାଇଁ ଯେଉଁ ଚେଷ୍ଟା ଚଳାଇଛନ୍ତି ତାହା ବହୁତ ପ୍ରଶଂସନୀୟ । ଆଜିକାଲି ଇସ୍‌ଲାମ୍‌ର ନାମକୁ ଚାରିଆଡ଼େ ସନ୍ତ୍ରାସବାଦ ସହିତ ଯୋଡ଼ି ଦିଆଯାଇଛି । କିନ୍ତୁ ଅହେମଦୀମାନେ ଏହି ଭାବନାକୁ ଭୁଲ୍ ପ୍ରମାଣିତ କରୁଛନ୍ତି । ଜଲସାର ପ୍ରତ୍ୟେକ ବ୍ୟବସ୍ଥା ବହୁତ ଉଚ୍ଚକୋଟୀର ଥିଲା । ଛୋଟ ଛୋଟ ପିଲାମାନେ ମଧ୍ୟ ଲୋକମାନଙ୍କର ସେବା କରୁଥିଲେ । ଏହା ବହୁତ ଆଧାତ୍ମିକ ଦୃଶ୍ୟ ଥିଲା । ଏବଂ ମୋ ଭାବନାରେ ଯମାତ୍ ଅହେମଦୀୟାର ସତ୍ୟତାକୁ ପ୍ରମାଣିତ କରିବା ପାଇଁ ଏହି ଦୃଶ୍ୟ ହିଁ ଯଥେଷ୍ଟ ହେବ ।

ସିରିଆଲିଓନ୍‌ରୁ ଆସିଥିବା ଓ୍ୱଫଦ୍‌ଙ୍କ ସହିତ ଏହି ସାକ୍ଷାତ୍‌କାର ଦିନ ୧:୧୫ ପର୍ଯ୍ୟନ୍ତ ଜାରି ରହିଲା । ସାକ୍ଷାତ୍‌କାର୍‌ର ଶେଷରେ ପ୍ରତିନିଧି ମଣ୍ଡଳର ପ୍ରତ୍ୟେକ ସଦସ୍ୟ ଜଣ ଜଣ କରି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫୋଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

**ମିଡ୍‌ଗାସ୍କର୍ ରୁ ଆସିଥିବା ପ୍ରତିନିଧିଙ୍କ ସାକ୍ଷାତ୍‌କାର ।**

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଫେରିଗଲେ ଓ ମିଡ୍‌ଗାସ୍କର୍ ରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ମିଡ୍‌ଗାସ୍କର୍ ରୁ ଆସିଥିବା ଜଣେ ପୂର୍ବତନ ମିନିଷ୍ଟର୍ ଅଫ୍ ନ୍ୟାସ୍‌ନାଲ୍ ପୋଲିସ୍ Rakonondrazaka Arsena ସାହେବ୍ ଆସିଥିଲେ । ତାଙ୍କର ୨୦୧୪ ଠାରୁ ଯମାତ୍ ସହିତ ନିକଟତମ ସମ୍ପର୍କ ଅଛି ଏବଂ ବହୁତ ଗୁଡିଏ କାର୍ଯ୍ୟରେ ସେ ବହୁତ ସହଯୋଗ କରିଛନ୍ତି । ସେ କହିଲେ ମୁଁ ଏଠାକୁ ଆସି ବହୁତ ଆନନ୍ଦିତ ମିଡ୍‌ଗାସ୍କର୍‌ରେ ମଧ୍ୟ ଯମାତ୍‌ର ପ୍ରୋଗ୍ରାମ୍ ଗୁଡିକରେ ମୋତେ ଯୋଗ ଦେବା ପାଇଁ ଅବସର ମିଳୁଛି । ମୁଁ ମିନିଷ୍ଟର୍ ଅଫ୍ ନ୍ୟାସ୍‌ନାଲ୍ ପୋଲିସ୍ ହିସାବରେ ଯମାତ୍‌ର କାର୍ଯ୍ୟକଳାପ ଗୁଡିକୁ ଦେଖିସାରିଛି । ଯମାତ୍ ଅହେମଦୀୟା ଅନ୍ୟ ମୁସଲମାନ୍ ମାନଙ୍କ ଠାରୁ ଏକ ଭିନ୍ନ ଗୋଷ୍ଠୀ ଓ ଶାନ୍ତିପ୍ରିୟ ଗୋଷ୍ଠୀ ଅଟେ । ଯମାତ୍ ଅହେମଦୀୟା କୌଣସି ପ୍ରକାରର କଠିନତା ସୃଷ୍ଟି କରେ ନହିଁ, କୌଣସି ଫସାଦ୍ କରେନାହିଁ । ପ୍ରେମ, ସ୍ନେହ ଓ ଭାଇଚାରା ସହିତ ରହିଥାଏ । ଏବଂ ଏହାର ଶିକ୍ଷା ମଧ୍ୟ ଦେଇଥାଏ । ଅନ୍ୟମାନଙ୍କ ପାଇଁ ସହଜତା ଓ ସୁଗମତାର ମାର୍ଗ ସୃଷ୍ଟି କରେ । ମିଡ୍‌ଗାସ୍କର୍‌ରେ ଯମାତ୍ ଅହେମଦୀୟା ବିଭିନ୍ନ କ୍ଷେତ୍ରରେ ସେବା କରିଚାଲିଛି । ହ୍ୟୁମାନିଟି ଫାଷ୍ଟ୍ ଅନ୍ତର୍ଗତ ଆଖି ଅପରେସନ୍ ମଧ୍ୟ କରାଯାଇଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସାହାଯ୍ୟ କରିବା ଓ ମାନବ ଜାତିର ସେବା କରିବା ଆମର ପରମ କାର୍ଯ୍ୟ ଅଟେ । ଆପଣମାନଙ୍କୁ ଧନ୍ୟବାଦ ଯେ ଆପଣ ବିଭିନ୍ନ ଅବସରରେ ଯମାତ୍‌କୁ ସାହାଯ୍ୟ କରୁଛନ୍ତି ଏବଂ କାର୍ଯ୍ୟ କରିବା ପାଇଁ ଅବସର ସୃଷ୍ଟି କରୁଛନ୍ତି । ଜଲସା ପ୍ରସଙ୍ଗରେ ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଯେ ମୁଁ ବହୁତ ଆଶ୍ଚର୍ଯ୍ୟ

ହୋଇଛି ଯେ ସମଗ୍ର ଦୁନିଆରୁ ତିରିଶି ହଜାରରୁ ଅଧିକ ଲୋକ ଏଠାକୁ ଆସିଛନ୍ତି । ଏହା ସତ୍ୱେ ମଧ୍ୟ କୌଣସି ପ୍ରକାରର ବିଶୃଙ୍ଖଳା ବା ଅସୁବିଧା ହୋଇନାହିଁ । ସମଗ୍ର ସଂସାରରେ ପ୍ରେମ ଓ ଭାଇଚାରାର ଏହା ଏକମାତ୍ର ଉଦାହରଣ ଅଟେ, ଯାହାକୁ ମୁଁ ଏଠାରେ ଦେଖିବାକୁ ପାଇଲି । ସାରା ଦୁନିଆରୁ ବିଭିନ୍ନ ଜାତି, ବର୍ଣ୍ଣ ଓ ରଙ୍ଗ ର ଲୋକେ ଏଠାକୁ ଆସିଛନ୍ତି । କିନ୍ତୁ ସମସ୍ତେ ଜଣେ ନେତାଙ୍କ ଇଙ୍ଗିତରେ ପରିଚାଳିତ ହେଉଛନ୍ତି । ଏହି କଥାଟି ମୋ ଉପରେ ଗଭୀର ପ୍ରଭାବ ପକାଇଛି । ମୋତେ ଏପରି ଲାଗୁଛି ଯେପରି କେବଳ ଏହି ଗୋଟିଏ ଧର୍ମ ଓ ଯମାତ୍ ଅଛି ଯାହାର ସାହାଯ୍ୟ ଖୁଦାତାଲା ସ୍ୱୟଂ କରୁଛନ୍ତି । ଏବଂ ମୋର ଏହା ବିଶ୍ୱାସ ଅଛି ଯେ ସାରା ଦୁନିଆ ଆପଣଙ୍କୁ ଗ୍ରହଣ କରିନେବେ ଏବଂ ପରିଶେଷରେ ଆପଣ ହିଁ ଜିତିବେ ।

ତାଙ୍କ ଦେଶର ବର୍ତ୍ତମାନ ପରିସ୍ଥିତି ବିଷୟରେ ପଚାରିବାରୁ ସେ କହିଲେ-ବହୁତ ଦିନ ହେବ ସମସ୍ୟା ରହିବା ପରେ ବର୍ତ୍ତମାନ ଦେଶର ପରିସ୍ଥିତି ଭଲ ହେବା ଆରମ୍ଭ ହୋଇଛି । ସେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କୁ ମିଡ଼ଗାସ୍କର୍ ଗସ୍ତ କରିବା ପାଇଁ ନିମନ୍ତ୍ରଣ ଦେଲେ । ଏହାର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ:- ''ଯଦି ଦେଶର ପଲିଟିକାଲ୍ ପରିସ୍ଥିତି ଷ୍ଟେବଲ୍ ଅଛି ତେବେ ପୁଣି ମୋ ଆସିବାରେ କୌଣସି ଅସୁବିଧା ହେବନାହିଁ'' ।

ମିଡ଼ଗାସ୍କର୍ ର ଏହି ୱଫଦ୍‌ଙ୍କ ସହିତ ସାକ୍ଷାତ୍‌କାର୍ ଦିନ ୧:୨୫ ରେ ଶେଷ ହେଲା । ଶେଷରେ ସମସ୍ତେ ହଜୁରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟପ୍ରାପ୍ତ କଲେ ।

**ଲାଇବେରିଆର ୱଫଦ୍‌ଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ଲାଇବେରିଆ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଲାଇବେରିଆରୁ ଆସିଥିବା ପ୍ରତିନିଧିମାନଙ୍କ ମଧ୍ୟରେ ଜଣେ ଅତିଥି ହେଉଛନ୍ତି- Hon Senator Jonathan Lambert Kaipay ସାମିଲ୍ ଥିଲେ । ସେ ଆସନ୍ତାକୁ ଲାଇବେରିଆରେ ହେବାକୁ ଥିବା ଇଲେକ୍‌ସନ୍ ପ୍ରସଙ୍ଗରେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସେବାରେ ଦୁଆ କରିବା ପାଇଁ ଦରଖାସ୍ତ କଲେ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଅଲ୍ଲାହତାଲା ଦୟା କରନ୍ତୁ ଯେ ଏହି ନିର୍ବାଚନ କିପରି ଠିକ୍ ଠାକ୍ ହୋଇଯାଉ । ସେ ପୁଣି ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି- ଜଲ୍‌ସା ସାଲାନା ବ୍ରିଟେନ୍ ର ଆୟୋଜନ କରିବା ଏବଂ ମୋତେ ଏଥିରେ ଯୋଗଦେବା ପାଇଁ ଅବସର ଦେଉଥିବା ଲୋକମାନଙ୍କର ମୁଁ କୃତଜ୍ଞତା ଜ୍ଞାପନ କରୁଅଛି । ମୁଁ ଏହି ଜଲ୍‌ସାର ବ୍ୟବସ୍ଥାପକ ଏବଂ କର୍ମୀମାନଙ୍କର ନିଷ୍ଠାକୁ ଦେଖି ବହୁତ ପ୍ରଭାବିତ ହୋଇଛି । ମୁଁ ଜଣେ ଖ୍ରୀଷ୍ଟିୟାନ୍ ହୋଇଥିବା ଯୋଗୁ ଖୁଦାଙ୍କ ସହିତ ପ୍ରେମ କରିବାର ବହୁତ ଗୁଡିଏ ଅନୁଭବ ଓ ମାର୍ଗକୁ ନିଜେ ଦେଖିସାରିଛି କିନ୍ତୁ ଆପଣଙ୍କର ଖୁଦାଙ୍କ ସହିତ ପ୍ରେମ କରିବା ଓ ଖୁଦାଙ୍କ ସାନିଧ୍ୟ ହାସଲ କରିବାର ମାର୍ଗ ମୋ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା, ଯାହା ମୋତେ ବହୁତ ପ୍ରଭାବିତ କରିଛି । ଦୁନିଆରେ ଥିବା ସମସ୍ତ ଅହେମଦୀମାନଙ୍କୁ ମୋ ତରଫରୁ ଶୁଭେଚ୍ଛା ଏବଂ ମୁଁ ସେମାନଙ୍କ ପାଇଁ ପ୍ରାର୍ଥନା ମଧ୍ୟ କରୁଛି ।

ସାକ୍ଷାତ୍‌କାର୍‌ର ଶେଷରେ ସେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ଗୌରବ ହାସଲ କଲେ । ଲାଇବେରିଆ ୱଫଦ୍‌ର ସାକ୍ଷାତ୍‌କାର୍ ୧:୩୩ ପର୍ଯ୍ୟନ୍ତ ଜାରି ରହିଲା ।

**କ୍ୟାମେରୁନ୍ ରୁ ଆସିଥିବା ପ୍ରତିନିଧି ମାନଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ କ୍ୟାମେରୁନ୍ ଦେଶରୁ ଆସିଥିବା ୱଫଦ୍ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

କ୍ୟାମେରୁନ୍ ରୁ ଏବର୍ଷ ଜଲ୍‌ସା ସାଲାନା ୟୁ.କେ ରେ ସାମିଲ୍ ହୋଇଥିବା ଜଣେ ଜର୍ନାଲିଷ୍ଟ ମହମ୍ମଦ୍ ଅଜିଜ୍ ସାହେବ ଅଛନ୍ତି । ସେ ଜଲ୍‌ସା ସାଲାନା ବିଷୟରେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହିପରି ଇଂଟର୍ ନ୍ୟାସ୍‌ନାଲ୍ କନ୍‌ଫରେନ୍‌ସ ମୁଁ ମୋ ଜୀବନରେ କେବେ ଦେଖିନାହିଁ, ଯେଉଁଠି ଦୁନିଆର ପ୍ରତ୍ୟେକ କୋଣରୁ ଲୋକମାନେ ଆସି ଯୋଗ ଦେଇଛନ୍ତି । ଜଲ୍‌ସାର ବ୍ୟବସ୍ଥା ଗୁଡିକ ମୋତେ ଆଶ୍ଚର୍ଯ୍ୟ କରିଛି । ପ୍ରତ୍ୟେକ କର୍ମୀ ନିଜର ଡ୍ୟୁଟିକୁ ହସି ହସି ବିନା କୌଣସି ଲଢ଼ାଇ ଝଗଡ଼ାରେ କରିଚାଲିଥିଲେ । ଏହା ମଧ୍ୟ ମୋ ପାଇଁ ବହୁତ ଆଶ୍ଚର୍ଯ୍ୟର କଥା ଥିଲା ଯେ ଏପରି ଶହ ଶହ କର୍ମୀମାନେ ବିନା ପାରିଶ୍ରମିକରେ ଦିନ ରାତି କାମ କରୁଛନ୍ତି । ଜଲ୍‌ସାରେ ଯେଉଁ ଭାଷଣ ଗୁଡିକ ଥିଲା, ସେ ସବୁ ବର୍ତ୍ତମାନ ଦୁନିଆର ପରିସ୍ଥିତିର ଅନୁରୂପ ଥିଲା । ଏହି ସବୁ ଭାଷଣ ଦ୍ୱାରା ମୋ ଜ୍ଞାନରେ ବହୁତ ବୃଦ୍ଧି ଘଟିଛି । ବିଶେଷ କରି ଯମାତ୍‌ର ଇମାମ୍‌ଙ୍କ ଅଭିଭାଷଣ ଗୁଡିକ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହି ଅଭିଭାଷଣ ଗୁଡିକ ଦୁନିଆର ବର୍ତ୍ତମାନ ପରିସ୍ଥିତିକୁ ବଦଳାଇ ଦେବାପାଇଁ ଅତ୍ୟନ୍ତ ଜରୁରୀ ଅଟେ । ତାଙ୍କର ମହିଳାମାନଙ୍କ ନିମନ୍ତେ ଯେଉଁ ଭାଷଣ ଥିଲା ତାହା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଭାଷଣ ଥିଲା । ଯଦି ଘରେ ପିଲାମାନଙ୍କର ତରବିୟତ୍ ଠିକ୍ ହେବ ତେବେ ଦୁନିଆର ଭବିଷ୍ୟତ ମଧ୍ୟ ଠିକ୍ ରହିବ ନଚେତ୍ ଆମ ପିଲାମାନେ ସନ୍ତ୍ରାସବାଦର ହାତରେ ନଷ୍ଟ ହୋଇଯିବେ । ଆମକୁ ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ପ୍ରତ୍ୟେକ ଉପଦେଶ ଉପରେ ଅମଲ କରିବାକୁ ହେବ । ତେବେ ଯାଇ ଆମେ ଦୁନିଆରେ ଉତମ ପରିବେଶ ଓ ଶାନ୍ତି ସୌହାର୍ଦ୍ଦ୍ୟ ସୃଷ୍ଟି କରିପାରିବା ।

ଏହି ସାକ୍ଷାତ୍‌କାର୍ ଦିନ ୧:୪୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ଗୌରବ ହାସଲ କଲେ ।

**ହଣ୍ଡୁରାସ୍ ରୁ ଆସିଥିବା ପ୍ରତିନିଧିଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ହଣ୍ଡୁରାସ୍ ଦେଶରୁ ଆସିଥିବା ପ୍ରତିନିଧି ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ହଣ୍ଡୁରାସ୍ ଦେଶରୁ ପାଂଚଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା । ସେମାନଙ୍କ ମଧ୍ୟରେ ନିମ୍ନଲିଖିତ ତିନିଜଣ ନୂତନ ଅହେମଦୀ ମଧ୍ୟ ସାମିଲ୍ ଥିଲେ । (୧)Nelson Rafael Nunez ସାହେବ୍ । ସେ ହଣ୍ଡୁରାସ୍ ଦେଶର ସର୍ବପ୍ରଥମ ଅହେମଦୀ ଅଟନ୍ତି । (୨)Maurillo Osorio Persy Daniel ସାହେବ୍ । ସେ ପ୍ରଥମ ଅହେମଦୀ ମାନଙ୍କ ମଧ୍ୟରୁ ଜଣେ ଓ ସେ ନିଜ ସହରର ପ୍ରଥମ ଅହେମଦୀ ଅଟନ୍ତି । (୩) ଶ୍ରୀମତୀ Blancalidia Antunez Flores ସାହିବା । ସେ ହଣ୍ଡୁରାସ୍‌ର ପ୍ରଥମ ଅହେମଦୀ ମହିଳା ଅଟନ୍ତି ।

ଏହି ସମସ୍ତ ନୌ ମୁବାଇନ୍ ଏହି ଜଲ୍‌ସାରେ ସାମିଲ୍ ହୋଇ ବହୁତ ଖୁସି ହୋଇଛନ୍ତି ଏବଂ ନିଜର ପୁଣ୍ୟ ଭାବନା ପ୍ରକାଶ କରିଛନ୍ତି ଏବଂ ସେମାନେ କହିଲେ ଯେ ଏହା ଆମ ଜୀବନର ପ୍ରଥମ ଅବସର ଥିଲା ଯେ ଆମ୍ଭେ ଏତେ ଗୁଡିଏ ଭିନ୍ନ ଭିନ୍ନ ଜାତିର ଲୋକମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ ହେବାର ଦେଖିନୁ ଏବଂ ସମସ୍ତେ ଜଣେ ଅନ୍ୟ ଜଣକୁ ପ୍ରେମ କରୁଛନ୍ତି ଏବଂ ଜଣେ ଅନ୍ୟ ଜଣକୁ ସାହାଯ୍ୟ ମଧ୍ୟ କରୁଛନ୍ତି । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆପଣ ମାନେ ଏଠାରେ ଦେଖିସାରିଛନ୍ତି ଯେ ଇସ୍‌ଲାମ୍‌ର ଶିକ୍ଷାଗୁଡିକ କେତେ ଶାନ୍ତିପ୍ରିୟ ଅଟେ । ବର୍ତ୍ତମାନ ଆପଣମାନେ ଏଠାକୁ ଆସି ରିଚାର୍ଜ ହୋଇସାରିଛନ୍ତି । ଏବେ ଆପଣମାନେ ଏଠାରୁ ଫେରିଯାଇ ଇସ୍‌ଲାମ୍‌ର ବାର୍ତାଗୁଡିକୁ ଅନ୍ୟମାନଙ୍କୁ ପହଂଚାନ୍ତୁ ।

ଆଉଜଣେ ନୌ ମୁବାଇନ୍ ମହିଳା Antunez Blanca Libia ସାହିବା ନିଜର ଭାବନାକୁ ବ୍ୟକ୍ତ କରି କହିଲେ:- ଜଲ୍‌ସାର ଆତିଥ୍ୟତା ବହୁତ ଉତମ ଥିଲା । ମୋତେ ଏପରି ଅନୁଭବ ହେଉଥିଲା ଯେ ଯେପରି ମୁଁ ମୋ ନିଜ ଘରେ ଅଛି । ହଜୁର୍ ଅନୁୱର୍‌ଙ୍କ ଅଭିଭାଷଣ ବହୁତ ପସନ୍ଦ ହେଲା । ବିଶେଷ କରି ହଜୁର୍‌ଙ୍କର ସେହି ଅଭିଭାଷଣ ଯାହା ସେ ମହିଳାମାନଙ୍କ ନିମନ୍ତେ ପ୍ରଦାନ କରିଛନ୍ତି । ଯେଉଁଥିରେ ସେ ମହିଳାମାନଙ୍କର ଦାୟିତ୍ୱ ଓ ପିଲାମାନଙ୍କର ତରବିୟତ୍ ଓ ଲାଳନପାଳନ ବିଷୟରେ ମୁଲ୍ୟବାନ୍ ଉପଦେଶ ଦେଇଛନ୍ତି । ବୟତ୍‌ର ଉତ୍ସବକୁ ଦେଖି ମଧ୍ୟ ମୁଁ ବହୁତ ପ୍ରଭାବିତ ହୋଇଛି ଯେ ପ୍ରତ୍ୟେକ ଲୋକ କିପରି ଏକତ୍ରିତ ହୋଇ ଗୋଟିଏ ମୁଠାରେ ବାନ୍ଧି ହୋଇ ରହିଛନ୍ତି । ମୁଁ ମୋ ଜୀବନରେ ଏହିଭଳି ଦୃଶ୍ୟ କଦାପି ଦେଖିନାହିଁ । ହଜୁର୍ ଅନୁୱର୍‌ଙ୍କ ପାଇଁ ଲୋକମାନଙ୍କର ସ୍ନେହ ଓ ପ୍ରେମ ଓ ସମ୍ମାନର ଦୃଷ୍ଟାନ୍ତ ଏକ ବିଶେଷ ସ୍ଥାନ ରଖିଛି । ସେହିପରି ଯମାତ୍‌ର ଲୋକମାନଙ୍କ ଭିତରେ ପ୍ରେମଭାବ ଓ ଭାଇଚାରା ମଧ୍ୟ ଖୁବ୍ ପ୍ରତିଫଳିତ ହେଉଥିଲା । ମୋତେ ଠିକ୍ ମନେଅଛି ଯେ ଗୋଟିଏ ଦିନ ଜଣେ ମହିଳା ରାତ୍ରଭୋଜନରେ ମାଛ ଖାଇବା ପାଇଁ ଇଚ୍ଛା ପ୍ରକାଶ କଲେ । ସୁତରାଂ ତା ଆରଦିନ ରାତ୍ର ଭୋଜନରେ ମାଛ ମିଳିଗଲା । ଏଥିରୁ ମୁଁ ଜାଣିପାରିଲି ଯେ ଏ ଯମାତ୍ ଅତିଥିମାନଙ୍କର ଭରପୁର୍ ଧ୍ୟାନ ରଖୁଅଛି । ମୁଁ ବହୁତ ବଡ଼ ସୌଭାଗ୍ୟଶାଳୀ ଅଟେ ଯେ, ହଜୁରଙ୍କ ସହିତ ସାକ୍ଷାତ୍‌କାର୍‌ର ମୋତେ ହାସଲ ହେଲା । ସାକ୍ଷାତ୍‌କାର୍ ପୂର୍ବରୁ ମୁଁ ବହୁତ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲି କିନ୍ତୁ ଯେଉଁ କ୍ଷଣି ମୁଁ ଘର ଭିତରେ ପ୍ରବେଶ କଲି ହଜୁର୍ ଅନୁୱର୍ ବହୁତ ସ୍ନେହପୂର୍ବକ ଆମକୁ ବସିବା ପାଇଁ କହିଲେ । ଏଥିରେ ମୋର ବ୍ୟତିବ୍ୟସ୍ତତା ସମ୍ପୂର୍ଣ୍ଣ ରୂପେ ଉଭେଇଗଲା ଓ ମୋତେ ସନ୍ତୋଷ ଲାଭ ହେଲା । କାରଣ ମୋତେ ହଜୁର୍‌ଙ୍କର ସ୍ନେହପୂର୍ଣ୍ଣ ବ୍ୟବହାର ସ୍ପଷ୍ଟ ରୂପେ ଅନୁଭବ ହେଲା । ମୋ ବ୍ୟତୀତ ଆମ ୱଫଦ୍‌ରେ ଆଉ ଦୁଇଜଣ ପୁରୁଷ ମଧ୍ୟ ଥିଲେ । ହଜୁର୍ ଆମ ସମସ୍ତଙ୍କ ସହିତ ସମାନ ବ୍ୟବହାର କଲେ । ଏହା ଏପରି କଥା ଅଟେ ଯାହା ସାଧାରଣତଃ ନୀତିଦିନିଆ ସଂସାରରେ ଦୃଷ୍ଟିଗୋଚର ହୁଏନାହିଁ । ସାକ୍ଷାତ୍‌କାର୍ ପରେ ମୁଁ ଆତ୍ମସନ୍ତୋଷ ଲାଭ

କଲି । ମୁଁ ପ୍ରାର୍ଥନା କରୁଛି ଓ ମୋର ଆନ୍ତରିକ ଇଚ୍ଛା ଏହା ଯେ ଅଲ୍ଲାଃତାଲା ହଜୁର୍‌ଙ୍କୁ ନିରୋଗ ସ୍ୱାସ୍ଥ୍ୟ ପ୍ରଦାନ କରି ଦୀର୍ଘାୟୁ କରନ୍ତୁ ।

ହଣ୍ଡୁରାସ୍ ଦେଶରୁ ଆସିଥିବା ଏହି ୱ୍ଫଦ୍‌ଙ୍କ ସାକ୍ଷାତ୍‌କାର୍ ଦିନ ୧:୫୫ ପର୍ଯ୍ୟନ୍ତ ଜାରି ରହିଲା । ସାକ୍ଷାତ୍‌କାର ଶେଷରେ ୱ୍ଫଦ୍‌ର ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

### ଗୟାନା ଦେଶରୁ ଆସିଥିବା ପ୍ରତିନିଧିଙ୍କ ସହିତ ସାକ୍ଷାତ୍‌କାର୍

ଏହାପରେ ଗୟାନା ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଗୟାନା ଦେଶରୁ ପାଂଚଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲେ । ଏହି ୱ୍ଫଦ୍‌ରେ ଜଣେ ପଣ୍ଡିତ Deodatt Muridall Tillack ସାହେବ୍ ମଧ୍ୟ ସାମିଲ୍ ଥିଲେ ଓ ଜଣେ ଜର୍ନାଲିଷ୍ଟ୍ ମୋହତରମା ବିବି ଶେହ୍‌ନାଜ୍ ଖାନ୍ ସାହିବା ମଧ୍ୟ ଥିଲେ ।

ଅତିଥିମାନେ କହିଲେ ଯେ ଆମ୍ଭେ ଜଲ୍‌ସାର ବ୍ୟବସ୍ଥା ଦ୍ୱାର ବହୁତ ପ୍ରଭାବିତ ହୋଇଅଛୁ । ଏତେ ସଂଖ୍ୟାରେ ଲୋକେ ଏହି ଜଲ୍‌ସାରେ ସାମିଲ୍ ହେଲେ କିନ୍ତୁ ପ୍ରତ୍ୟେକ କାର୍ଯ୍ୟ ବହୁତ ସୁନ୍ଦର ରୂପେ ଚାଲିଥିଲା । ଏବଂ କେଉଁଠାରେ ମଧ୍ୟ କୌଣସି ପ୍ରକାରର ବ୍ୟତିକ୍ରମ ହେଲାନାହିଁ । ଏକଥା ଆମକୁ ବହୁତ ଆଶ୍ଚର୍ଯ୍ୟ କରିଛି । ଏକଥା ଯମାତ୍ ଅହେମଦୀୟା ବ୍ୟତୀତ ଆଉ କେଉଁଠାରେ ଦେଖିବାକୁ ମିଳେନହିଁ ।

ପଣ୍ଡିତ୍ Deodatt Muridall Tillack ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି:- ମୁଁ ଯମାତ୍ ଅହେମଦୀୟାର ମୋଟୋ ‘‘ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ’’ ର ପ୍ରତିନିଧିତ୍ୱ କରିବା ପାଇଁ ନିଜକୁ ଗର୍ବିତ ଅନୁଭବ କରୁଛି । ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ଜିନିଷ ଯାହା ବିଷୟରେ ମୁଁ ଆପଣମାନଙ୍କୁ ଜଣାଇବାକୁ ଚାହୁଁଛି ତାହା ହେଉଛି ଶରାୟତେ ବୟତ୍‌ର ନବମ ସର୍ତ । ଏହା ମୋ ହୃଦୟର ଧ୍ୱନୀ ଅଟେ ଓ ମୁଁ ଏହି ସର୍ତ ଉପରେ ଚାଲିବା ପାଇଁ ଚେଷ୍ଟା କରିବି । କାରଣ ଜଲ୍‌ସା ସାଲାନାର ଆତିଥ୍ୟତା ଏହି ସର୍ତର ଫଳାଫଳ ଅଟେ । ମୁଁ ପ୍ରାର୍ଥନା କରୁଛି ଯେ ଖୁଦାତାଲା ତାର ସଲାମତି ଓ ବରକତ୍ ଗୁଡିକ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ ଓ ତାଙ୍କ ଯମାତ୍ ଉପରେ ପ୍ରକଟ କରନ୍ତୁ । ଖୁଦା କରନ୍ତୁ ଯେ ଯମାତ୍ ଅହେମଦୀୟା ଖୁଦାଙ୍କ ବରକତ୍ ଫଳରେ ଦିନକୁ ଦିନ ଉନ୍ନତି କରିଚାଲୁ ଓ ଖୁଦାତାଲା ଆପଣମାନଙ୍କର ମାର୍ଗଦର୍ଶନ କରାନ୍ତୁ ଓ ଆପଣମାନଙ୍କର ସୁରକ୍ଷା କରି ଚାଲନ୍ତୁ ।

ଜର୍ନାଲିଷ୍ଟ୍ ଶେହ୍‌ନାଜ୍ ଖାନ୍ ସାହିବା ନିଜର ଭାବନାକୁ ବ୍ୟକ୍ତ କରି କହିଲେ:- ଏ ଜଲ୍‌ସା ସାଲାନା ବହୁତ ସୁନ୍ଦର ଥିଲା । ମୁଁ ପୂର୍ବରୁ ଏତେ ସଂଖ୍ୟକ ମୁସଲ୍‌ମାନଙ୍କୁ ଏକାଠି ଗୋଟିଏ ହାତରେ ବାନ୍ଧି ରହିଥିବା ଦେଖିନାହିଁ । ବୟତ୍‌ର ଦୃଶ୍ୟ ବହୁତ ମନୋରମ ଥିଲା । ଲୋକମାନେ ଏକ ନୁଆ ଶକ୍ତି ହାସଲ କରୁଥିଲେ ଏବଂ ଖୁଦାତାଲାଙ୍କୁ ନିକଟରେ ପାଇପାରୁଥିଲେ । ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣ ଗୁଡିକ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ରହିବା ସ୍ଥଳୀ ଇତ୍ୟାଦି ସବୁକିଛି ଉତମ ଥିଲା । ତିଲାଓ୍ୱତ୍‌ର ଶବ୍ଦ ଶୁଣି ମୋତେ ମୋ ଜେଜେ ବାପାଙ୍କ କଥା ମନେପଡ଼ିଗଲା । ବହୁତ ଉତମ ବ୍ୟବସ୍ଥା କରାଯାଇଥିଲା । ଛୋଟ ଛୋଟ ପିଲାଙ୍କୁ କାମ କରୁଥିବାର ଦେଖି ବହୁତ ଖୁସି ଲାଗିଲା ।

ଗୟାନ୍‌ର ଏହି ପ୍ରତିନିଧି ମଣ୍ଡଳଙ୍କ ସହିତ ସାକ୍ଷାତ୍‌କାର୍ ଦିନ ୨:୦୫ ପର୍ଯ୍ୟନ୍ତ ଜାରି ରହିଲା । ସାକ୍ଷାତ୍‌କାର୍ ପରେ ପ୍ରତିନିଧି ମଣ୍ଡଳର ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ଗୌରବ ପ୍ରାପ୍ତ କଲେ ।

### ଆଫ୍ରିକାର ୫ଟି ଦେଶରୁ ଆସିଥିବା ନ୍ୟାସ୍‌ନାଲ୍ ଟି.ଭି ଚ୍ୟାନେଲ୍ ଗୁଡିକର ଡିରେକ୍ଟର୍, ପ୍ରତିନିଧି ଏବଂ ଜର୍ନାଲିଷ୍ଟ୍ ମାନଙ୍କ ସହିତ ସାକ୍ଷାତ୍‌କାର

ଏହାପରେ ପ୍ରୋଗ୍ରାମ୍ ମୁତାବକ ଏମ୍.ଟି.ଏ ଆଫ୍ରିକା ଅନ୍ତର୍ଗତ ୫ଟି ଆଫ୍ରିକୀୟ ଦେଶ ଘାନା, ଗାମ୍ବିଆ, ସିରିଆଲିଓନ୍, ରୱାଣ୍ଡା ଏବଂ ବେନିନ୍ ରୁ ଆସିଥିବା ବିଭିନ୍ନ ଜାତିୟ ଟି.ଭି ଚ୍ୟାନେଲ୍ ଗୁଡିକର ଡିରେକ୍ଟର୍, ପ୍ରତିନିଧି ଓ ଜର୍ନାଲିଷ୍ଟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ଡିରେକ୍ଟର୍ ଓ ପ୍ରତିନିଧି ମଣ୍ଡଳର ମୋଟ ସଂଖ୍ୟା ୧୩ ଥିଲା । ଏହି ପ୍ରତିନିଧିମାନେ ଏଠାରୁ ଜଲ୍‌ସାସାଲାନାର ଲାଇଭ୍ କଭରେଜ୍ ନିଜ ନିଜ ଦେଶମାନଙ୍କ ପାଇଁ କରିଥିଲେ ।

ଏହି ପ୍ରତିନିଧିମାନଙ୍କ ସହିତ ହୋଇଥିବା ସାକ୍ଷାତ୍‌କାର୍ ୨:୧୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ହାସଲ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍ ଚାଲିଗଲେ ଓ ସେଠାରେ ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଆବାସସ୍ଥଳୀକୁ ଚାଲିଗଲେ ।

### ଜଣକିଆ ଓ ଫ୍ୟାମିଲି ସାକ୍ଷାତ୍‌କାର୍

ପ୍ରୋଗ୍ରାମ୍ ମୁତାବକ ଆଜି ସଂନ୍ଧ୍ୟା ୫:୧୫ ରେ ବିଭିନ୍ନ ଦେଶରୁ ଆସିଥିବା ଯମାତ୍‌ର ଲୋକମାନେ ଓ ଫ୍ୟାମିଲି ଗୁଡିକ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ୪୬ ଫ୍ୟାମିଲିରୁ ୨୩୦ ଜଣ ସଦସ୍ୟ ଏତଦବ୍ୟତୀତ ଆଉ ୨୪ ଜଣ ଲୋକ ଜଣକିଆ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିପରି ସର୍ବମୋଟ୍ ୨୫୪ ଜଣ ଲୋକ ସାକ୍ଷାତ୍ କଲେ । ସାକ୍ଷାତ୍ କରିବା ପାଇଁ ଆସିଥିବା ଫ୍ୟାମିଲି ଗୁଡିକ ନିମ୍ନଲିଖିତ ୨୧ ଟି ଦେଶରୁ ଆସିଥିଲେ ।

ପାକିସ୍ତାନ୍, ଆମେରିକା, ବୁର୍କିନାଫାସୋ, କାନାଡ଼ା, ସାଉଦିଆରବ, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ନରଓ୍ୱେ, ଦୁବାଇ, ନାଇଜେରିଆ, ଅବୁଧାବି, ୟୁ.କେ, ଇଣ୍ଡିଆ, ସାର୍‌ଝା, ମୋରିସସ୍, ହଲାଣ୍ଡ୍, ଲାଇବେରିଆ, ଚାଇନା, ମାଲେସିଆ, ସ୍ୱିଡେନ୍, ଇଟାଲୀ ଓ ବଙ୍ଗଳାଦେଶ ।

ଏମାନଙ୍କ ଭିତରୁ ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଶିକ୍ଷା ହାସଲ କରୁଥିବା ପୁଅ ଝିଅମାନଙ୍କୁ ଉପହାର ସ୍ୱରୂପ କଲମ ପ୍ରଦାନ କଲେ ଓ ଛୋଟ ଛୋଟ ପୁଅ ଝିଅ ମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ସନ୍ଧ୍ୟା ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍ ଫଜଲ୍‌ରେ ପଦାର୍ପଣ କରି ନମାଜ ମଗରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ନିଜର ଆବାସସ୍ଥଳୀକୁ ଚାଲିଗଲେ ।

### ୨ ଅଗଷ୍ଟ ୨୦୧୭ (ବୁଧବାର)

ଆଜି ପ୍ରୋଗ୍ରାମ୍ ମୁତାବକ ବେନିନ୍, ଆଇଭରିକୋଷ୍ଟ, ମୋରିସସ୍, କିର୍‌ବାତି, ମାର୍ସଲ୍‌ଆଇଲାଣ୍ଡ, ମାଇକ୍ରୋନେସିଆ, ମରାକିସ୍, ଗୋଟୋମାଲା, ଗିନି କନାକରି, ମେକ୍‌ସିକୋ, ତୁର୍କ୍‌ମାନିସ୍ତାନ୍, କଜାକିସ୍ତାନ୍ ଓ ନାଇଜେରିଆରୁ ଆସିଥିବା ପ୍ରତିନିଧିମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ପ୍ରୋଗ୍ରାମ୍ ଥିଲା ।

ଏତଦବ୍ୟତୀତ ବିଭିନ୍ନ ଦେଶରୁ ଆସିଥିବା ଇଲେକ୍‌ଟ୍ରୋନିକ୍ ଓ ପ୍ରିଂଟ୍ ମିଡ଼ିଆର ଜର୍ନାଲିଷ୍ଟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ପ୍ରେସ୍ କନ୍‌ଫରେନ୍‌ସ କରିବାର ପ୍ରୋଗ୍ରାମ୍ ଥିଲା ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ସକାଳ ୧୦:୩୦ ରେ ଆରମ୍ଭ ହେଲା । ସର୍ବପ୍ରଥମେ ବେନିନ୍ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ଗୌରବ ହାସଲ କଲେ ।

### ବେନିନ୍‌ରୁ ଆସିଥିବା ପ୍ରତିନିଧି ମଣ୍ଡଳଙ୍କ ସହିତ ସାକ୍ଷାତ୍‌କାର୍

ବେନିନ୍‌ରୁ ଏବର୍ଷ ତିନିଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା । ସେମାନଙ୍କ ମଧ୍ୟରୁ ମରିୟମ୍ ବୁନି ଜିଆଲୁ ସାହିବା ପୂର୍ବତନ ବୈଦେଶିକ ମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କର ଉପଦେଷ୍ଟା ଓ ବର୍ତମାନ ସେ ଜଣେ ବରିଷ୍ଠ ମନ୍ତ୍ରୀଙ୍କର ଉପଦେଷ୍ଟା ମଧ୍ୟ ଅଛନ୍ତି, ସେ ଏହି ଜଲ୍‌ସାରେ ସାମିଲ୍ ହୋଇଥିଲେ । ଏହିପରି ବେନିନ୍‌ର ନ୍ୟାସ୍‌ନାଲ୍ ଟି.ଭି ର ଡିରେକ୍ଟର୍ Catray Jemima ସାହିବା ଏହି ୱ୍ଫଦ୍‌ରେ ସାମିଲ୍ ଥିଲେ ।

ମରିୟମ୍ ବୋନି ଜିଆଲୁ ସାହିବା କହିଲେ ଏଠାରେ ଦୁନିଆର ୧୧୫ଟି ଦେଶରୁ ପ୍ରତିନିଧି ଆସି ଏକତ୍ରିତ ହୋଇଛନ୍ତି । ୩୦ ହଜାର୍‌ରୁ ଅଧିକା ଲୋକେ ଏହି ଜଲ୍‌ସା ନିମନ୍ତେ ଗୋଟିଏ ସ୍ଥାନରେ ଏକାଠି ହୋଇଛନ୍ତି । କିନ୍ତୁ ଏହିଭଳି ପରିବେଶରେ ବିନ କୌଣସି ଝଗଡ଼ାଝାଟି ଓ ବିନା କୌଣସି ସମସ୍ୟାରେ ଜଲ୍‌ସା ସୁଚାରୁରୂପେ ହେବା ଆମପାଇଁ ଏକ ଆଶ୍ଚର୍ଯ୍ୟଜନକ କଥା ଥିଲା । ଏ ସଦୃଶ ଶାନ୍ତିପ୍ରିୟ, ପ୍ରେମପୁର୍ଣ୍ଣ ଓ ଭାଇଚାରାର ପରିବେଶ ଆମେ ପ୍ରଥମେ କେବେ ଦେଖିନାହୁଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ନ୍ୟାସ୍‌ନାଲ୍ ଟେଲିଭିଜନ୍‌ର ଡିରେକ୍ଟର୍‌ଙ୍କୁ ସମ୍ବୋଧନ କରି କହିଲେ ନ୍ୟୁଜ୍ ମିଡିଆ ଜଲ୍‌ସା ସାଲାନାର ବହୁତ ଭଲ କଭରେଜ୍ କରିଛି । ଏଠିକାର ନ୍ୟାସ୍‌ନାଲ୍ ଖବର କାଗଜ ଓ ଦୁନିଆର ବଡ଼ ବଡ଼ ଖବର କାଗଜ ଗୁଡିକରେ ମଧ୍ୟ କଭ୍‌ରେଜ୍ ଦେଇଛି । ତେବେ ବେନିନ୍ କାହିଁକି ପଛରେ ରହିଗଲା ? ଏହାର ଉତରରେ ସେ କହିଲେ ଯେ ବେନିନ୍‌ରେ ମଧ୍ୟ କଭ୍‌ରେଜ୍ ଦିଆଯିବ । ଆମର ଏହା ଇଛା ଯେ ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ଓ ବେନିନ୍ ଟି.ଭି. ଭିତରେ କୋର୍ଡିନେସନ୍ ରହିବ । ସେ ପୁଣି କହିଲେ ଯେ ରାଷ୍ଟ୍ରପତି ମହୋଦୟ ତାଙ୍କୁ ଏଠାକୁ ପଠାଇଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସେଥିଯୋଗୁଁ ଆପଣଙ୍କୁ ଧନ୍ୟବାଦ ଓ ରାଷ୍ଟ୍ରପତି ମହୋଦୟଙ୍କୁ ମଧ୍ୟ ଆମର ଧନ୍ୟବାଦ ପହଂଚାଇ ଦିଅନ୍ତୁ । ପୁଣି ସେ କହିଲେ ହଜୁର୍

ଅନୁୱର୍ ଅ:ବ:ଅ ଙ୍କ ଅଭିଭାଷଣ ଦ୍ୱାର ସେ ବହୁତ ପ୍ରଭାବିତ ହୋଇଛନ୍ତି । ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ବାର୍ତ୍ତା ଗୁଡିକୁ ଯଦି ଏ ଦୁନିଆ ବୁଝିନେବ ତେବେ ସବୁ ପ୍ରକାରର ଫସାଦ୍ ଶେଷ ହୋଇଯିବ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ପ୍ରଥମେ ଆପଣ ନିଜ ଦେଶର ଲୋକମାନଙ୍କୁ ବୁଝାନ୍ତୁ । ମହିଳା, ପିଲା ଏବଂ ଯୁବକ ଓ ବୁଢ଼ା ସମସ୍ତେ ମାନବ ଜାତିର ସେବା ପାଇଁ ୱକଫ୍ ହୋଇଛନ୍ତି । କେବଳ ବେନିନ୍‌ରେ ନୁହେଁ, ସାରା ଆଫ୍ରିକା ଦେଶଗୁଡିକରେ ଏହି ବାର୍ତ୍ତାକୁ ପ୍ରସାର କରନ୍ତୁ । ଅତି କମ୍‌ରେ ଫ୍ରାନ୍‌କୋଫୋନ୍ ଦେଶଗୁଡିକରେ ଏହାର ବ୍ୟାପକ ରୂପେ କଭରେଜ୍ ହେବା ଉଚିତ୍ ।

ବୋକୋ ହରାମ ତରଫରୁ ଆଫ୍ରିକାର କିଛି ଦେଶରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଅନୁଷ୍ଠିତ ହେଉଅଛି । ସେ ଏ ପ୍ରସଙ୍ଗରେ କହିଲେ ଯେ ବର୍ତ୍ତମାନ ପଡୋଶୀ ଦେଶ ବୁର୍କିନାଫାସୋରେ ମଧ୍ୟ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ହେଉଅଛି । ଏଥିରେ ହଜୁର୍ ଅନୁୱର ଅ:ବ:ଅ କହିଲେ ମାଲିରେ ମଧ୍ୟ ଏହିପରି ଘଟଣା ହେଉଅଛି । ଆପଣମାନେ ନିଜକୁ ବଂଚାଇବା ପାଇଁ ସମ୍ପୂର୍ଣ୍ଣ ରୂପେ ଚେଷ୍ଟା କରିବାକୁ ହେବ । ପୁଣି ସେ ହଜୁର୍ ଅନୁୱରଙ୍କ ମହିଳାଙ୍କ ନିମନ୍ତେ ଥିବା ଭାଷଣ ପ୍ରସଙ୍ଗରେ କହିଲେ ଏହା ଆମକୁ ବହୁତ ପ୍ରଭାବିତ କରିଛି । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମହିଳାମାନେ ହେଉଛନ୍ତି ଶିକ୍ଷୟିତ୍ରୀ ଦେଶ ଓ ଜାତିର ନିର୍ମାଣକାରିଣୀ ଆସନ୍ତା ପିଢ଼ୀର ଦାୟିତ୍ୱ ମହିଳାମାନଙ୍କ ଉପରେ ନ୍ୟସ୍ତ କରାଯାଇଛି । ଏଥିରେ ସେ କହିଲେ ଯେ ଆମ ଦେଶଗୁଡିକରେ ମହିଳାମାନଙ୍କୁ ତାଙ୍କର ଅଧିକାର ଦିଆଯାଉନାହିଁ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆମେ ତ ଏହା ଚାହୁଁଛୁ ଯେ ମହିଳାମାନେ ଅଲଗା ହୋଇ ନିଜର ପ୍ରୋଗ୍ରାମ୍ ବନାନ୍ତୁ ଓ ଆଗକୁ ବଢ଼ନ୍ତୁ ।

ମରିଅମ୍ ବୋନି ଜିଆଲୁ ସାହିବା ଯିଏ ପୂର୍ବତନ ବୈଦେଶିକ ମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଉପଦେଷ୍ଟା ଥିଲେ ଓ ବର୍ତ୍ତମାନ ବରିଷ୍ଠ ମନ୍ତ୍ରୀଙ୍କର ଉପଦେଷ୍ଟା ଅଛନ୍ତି ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି । ମୋତେ ଏହି ଜଲ୍‌ସା ମାଧ୍ୟମରେ ଯମାତ୍ ଅହେମଦୀୟାକୁ ଗଭୀର ରୂପେ ବୁଝିବା ପାଇଁ ଅବସର ମିଳିଲା । ମୁଁ ଏ ଜଲ୍‌ସାର ବ୍ୟବସ୍ଥା ଗୁଡିକ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । କର୍ମୀମାନଙ୍କର ବ୍ୟବସ୍ଥାପକ ମାନ ବହୁତ ଉଚ୍ଚ ଥିଲା । କର୍ମୀମାନଙ୍କର ନିଷ୍ଠାକୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ମୁଁ ପ୍ରତ୍ୟେକ କ୍ଷେତ୍ରରୁ ଅନୁଧ୍ୟାନ କଲି । କିନ୍ତୁ ଏତେବଡ଼ ଜଲ୍‌ସାରେ କୌଣସି ପ୍ରକାରର ଦୁର୍ବଳତା ଦୃଷ୍ଟିଗୋଚର ହେଲାନାହିଁ । ପ୍ରତ୍ୟେକ ବିଭାଗକୁ ସମାଲୋଚନା ଦୃଷ୍ଟିରେ ଦେଖିଲି । କିନ୍ତୁ ପ୍ରତ୍ୟେକ ବିଭାଗର ବ୍ୟବସ୍ଥା ଗୁଡିକ ବହୁତ ଉଚ୍ଚକୋଟୀର ଥିଲା । ଯେତେବେଳେ ମୁଁ କର୍ମୀମାନଙ୍କ ଆଡକୁ ଦେଖୁଥିଲି ସେତେବେଳେ ଏହା ଅନୁଭବ ହେଉଥିଲା ଯେ ଛୋଟ, ବଡ଼, ବୃଦ୍ଧ ଯୁବକ, ପୁରୁଷ ଓ ମହିଳା, ପରିଶେଷରେ ପ୍ରତ୍ୟେକ ଆଚରଣର ଲୋକେ ଜଣେ ଅନ୍ୟକୁ ଆରାମ ପହଂଚାଇବା ପାଇଁ ଚେଷ୍ଟା କରୁଥିଲେ । ସମସ୍ତେ ନିଜର ଆରାମ୍‌କୁ ଭୁଲି ଅନ୍ୟଙ୍କୁ ସୁବିଧା ପହଂଚାଇବା ପାଇଁ ପ୍ରସ୍ତୁତ ଥିଲେ । ଏହି ହସ ହସ ଚେହେରା ଯାହା ଅତିଥିମାନଙ୍କ ସେବାରେ ଖୁସି ଅନୁଭବ କରୁଥିଲେ, ମୁଁ ନିଜେ ଏହି ସବୁ ମୁହୂର୍ତ୍ତକୁ କେବେ ଭୁଲିପାରିବି ନାହିଁ । ଏହି ସୁନ୍ଦର ସ୍ମୃତିଗୁଡିକ ମୋ ଜୀବନର ଅଙ୍ଗ ହୋଇ ରହିବେ । ମୋର ଆନ୍ତରିକ ଇଚ୍ଛା ଯେ ଏହିଭଳି ଜୀବନର ସ୍ତର ଆମ ଦେଶରେ ମଧ୍ୟ ପ୍ରତିଷ୍ଠା ହେଉ ଓ ଯମାତ୍ ଅହେମଦୀୟା ଗୋଟିଏ ଶିକ୍ଷଣୀୟ ଏକାଡେ଼ମୀ ଅଟେ, ଯେଉଁଥିରେ ମୋ ଦେଶର ଯୁବକମାନେ ମଧ୍ୟ ଶିକ୍ଷା ଅର୍ଜନ କରିବେ । ଯଦି ମୁଁ ଆଧ୍ୟାତ୍ମିକ ଦୃଷ୍ଟିରୁ ଦେଖୁଛି ତେବେ ଚାରିଆଡ଼େ ଗୋଟିଏ ଭାଇଚାରାର ପରିବେଶ ଦୃଷ୍ଟିଗୋଚର ହେଉଥିଲା । ଯାହାଦ୍ୱାରା ଆଧ୍ୟାତ୍ମିକତାରେ ଉନ୍ନତି ହୋଇଥାଏ । ଏହା ଏପରି ମାହୋଲ୍ ଥିଲା ଯାହାକୁ ମୋ ଜୀବନରେ ମୁଁ ପ୍ରଥମ ଥର ଅନୁଭବ କରିଥିଲି । ଏବଂ ବୋଧହୁଏ ସମସ୍ତ ଅତିଥିମାନେ ମଧ୍ୟ ପ୍ରଥମ ଥର ପାଇଁ ଏହିପରି ପରିବେଶ ଦେଖିଥିବେ । ବେନିନ୍‌ରେ ମୁଁ ଯମାତ୍ ଅହେମଦୀୟାକୁ ଜାଣିଥିଲି । ଏବଂ ତାର ଜନସେବା ମୂଳକ କାର୍ଯ୍ୟ ବିଷୟରେ ଅବଗତ ଥିଲି । କିନ୍ତୁ ଯମାତ୍‌ର ପ୍ରକୃତ ଫିଲୋସଫି ଓ ଶିକ୍ଷା ଗୁଡିକୁ ମୋତେ ଏ ଜଲ୍‌ସାରେ ସାମିଲ୍ ହେବା ପରେ ହିଁ ବୁଝିବା ପାଇଁ ଶକ୍ତି ମିଳିଲା । ତେଣୁ ବର୍ତ୍ତମାନ ମୁଁ କହୁଛି ଯେ ସେହି ଇସ୍‌ଲାମ୍ ଯାହାକୁ ଅହେମଦୀମାନେ ପରିବେଷଣ କରୁଛନ୍ତି, ତାହା ହିଁ ଏହି ଦୁନିଆକୁ ଶାନ୍ତି ଦେଇପାରିବ ଏବଂ ଏ ଦୁନିଆର ସମସ୍ୟା ଗୁଡିକର ସମାଧାନ ମଧ୍ୟ ଏଥିରେ ନିହିତ ଅଛି । ପୁଣି ସେ କହିଲେ ଖଲିଫତୁଲ୍ ମସିହ୍‌ଙ୍କର ଅଭିଭାଷଣ ଗୁଡିକ ମୋ ଉପରେ ଗଭୀର ପ୍ରଭାବ ପକାଇଛି । ବିଶେଷ ରୂପେ ମହିଳାମାନଙ୍କ ନିମନ୍ତେ ଯେଉଁ ଅଭିଭାଷଣ ଥିଲା ତାହା ଆମ ଭାବନା ଉପରେ ଗଭୀର ଛାପ ଛାଡ଼ିଯାଇଛି । ବାକି ଅନ୍ୟ ମୁସଲମାନ୍ ଗୋଷ୍ଠୀଙ୍କ ନିକଟରେ ମହିଳାମାନଙ୍କର ଅବସ୍ଥା ଜଣେ କ୍ରୀତଦାସଙ୍କ ଠାରୁ ଅଧିକା କିଛି ନୁହେଁ । କିନ୍ତୁ ଖଲିଫତୁଲ୍ ମସିହ୍ ମହିଳାମାନଙ୍କ ନିମନ୍ତେ ଦେଇଥିବା ଅଭିଭାଷଣରେ ମହିଳାମାନଙ୍କୁ ଶିକ୍ଷୟିତ୍ରୀ ରୂପେ ଅଭିହିତ କରିଛନ୍ତି । ଏବଂ ସେମାନଙ୍କ ନିମନ୍ତେ ଯେଉଁ କାର୍ଯ୍ୟ ଧାର୍ଯ୍ୟ କରାଯାଇଛି ତା ପରିସରରେ ସନ୍ତାନ ମାନଙ୍କର ତର୍‌ବିୟତ୍ ଓ ଶିକ୍ଷାକୁ ସାମିଲ୍ କରିଛନ୍ତି, ଯାହା ଦୁନିଆର ଭବିଷ୍ୟତ ଅଟେ । ଅର୍ଥାତ୍ ଦୀନ୍‌ର ଭବିଷ୍ୟତ ମହିଳାମାନଙ୍କ ହାତରେ ନିହିତ । ଏହା ବହୁତବଡ଼ ପଦବୀ ଅଟେ, ଯାହା ମହିଳାମାନଙ୍କୁ ପ୍ରଦାନ କରାଯାଇଛି । ଅର୍ଥାତ୍ ମହିଳାମାନଙ୍କୁ ଖୁଦାତାଲା ଗୋଟିଏ ସ୍ୱାସ୍ଥ୍ୟବାନ୍ ଓ ଶାନ୍ତିପ୍ରିୟ ସମାଜ ଗଠନ ନିମନ୍ତେ ବହୁତ ବଡ଼ ଭାର ପ୍ରଦାନ କରାଯାଇଛି ।

ବେନିନ୍‌ର ନ୍ୟାସ୍‌ନାଲ୍ ଟି.ଭି ର ଡିରେକ୍ଟର୍ Catray Jemima କହିଲେ ଯମାତ୍ ଅହେମଦୀୟାର ସଦସ୍ୟମାନେ ମୋତେ ସବୁବେଳେ ଭାଇଚାରା ଓ ମେଳାପି ଦ୍ୱାରା ପ୍ରଭାବିତ କରିଛନ୍ତି । କିନ୍ତୁ ଏଠାରେ ଏହି ଜଲ୍‌ସାରେ ସାମିଲ୍ ହୋଇ ମୁଁ ଜାଣିବାକୁ ପାଇଲି ଯେ ଏପରି କାହିଁକି ହେଉଛି । ଏହା ଏଥିପାଇଁ ହେଉଛି ଯେ ଯମାତ୍ ଅହେମଦୀୟାର୍ ପ୍ରତ୍ୟେକ ସଦସ୍ୟ ଏହି ଫିଲୋସଫି ଉପରେ ପରିଚାଳିତ ଏବଂ ପ୍ରତ୍ୟେକ ଅହେମଦୀଙ୍କ ଜୀବନ ଏହି ନୀତି ଉପରେ ପର୍ଯ୍ୟବେଶିତ ।

ବେନିନ୍‌ରୁ ଆସିଥିବା ୱଫଦ୍‌ଙ୍କର ଏହି ସାକ୍ଷାତ୍‌କାର୍ ୧୦:୪୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱଫଦ୍‌ର ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ଗୌରବ ହାସଲ କଲେ ।

**ଆଇଭରିକୋଷ୍ଟ୍‌ରୁ ଆସିଥିବା ପ୍ରତିନିଧି ମଣ୍ଡଳଙ୍କ ସହିତ ସାକ୍ଷାତ୍‌କାର**

ଏହାପରେ ଆଇଭରିକୋଷ୍ଟ୍‌ରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବା ସୌଭାଗ୍ୟ ପ୍ରାପ୍ତ କଲେ ।

ଆଇଭରିକୋଷ୍ଟ୍‌ରୁ ଜଣେ ଅତିଥି Zrakpa Dopeu ସାହେବ୍ ଆସିଥିଲେ । ସେ ଆଇଭରିକୋଷ୍ଟ୍‌ର ସହର Zouan-Hovien ର ମେୟର୍ ଅଟନ୍ତି । ସେ କହିଲେ ଯେ ମୁଁ ପ୍ରଥମ ଥର ଯମାତ୍ ଅହେମଦୀୟାର ଏହି ଜଲ୍‌ସାକୁ ଦେଖିବାକୁ ପାଇଲି । ବହୁତ ଭଲ ଶାନ୍ତିଶୃଙ୍ଖଳା ଥିଲା ଓ ବହୁତ ଭଲ ବ୍ୟବସ୍ଥା ଥିଲା । ହଜୁର୍ ଅନୁୱର୍ ଅ:ବ:ଅ କହିଲେ:- ଜଙ୍ଗଲରେ ଗୋଟିଏ ସହର ନିର୍ମାଣ କରି ଅସ୍ଥାୟୀ ରୂପେ ବ୍ୟବସ୍ଥା କରାଯାଇଥିଲା । ଅସ୍ଥାୟୀ ବ୍ୟବସ୍ଥାରେ କିଛି ଦୁର୍ବଳତା ରହିଯାଇଥାଏ । ଏଥିରେ ସେ କହିଲେ ପ୍ରତ୍ୟେକ ବ୍ୟବସ୍ଥା ବହୁତ ଉତ୍ତମ ଥିଲା । ହଜାର ହଜାର୍ ଲୋକଙ୍କୁ ଏକ ସମୟରେ ଟ୍ରାନ୍‌ସପୋର୍ଟ ଯୋଗାଇଦିଆଯାଉଥିଲା । ଖାଇବା ପିଇବାର ବ୍ୟବସ୍ଥା ବହୁତ ସୁସଂଗଠିତ ଥିଲା । ଏକ ସମୟରେ ହଜାର ହଜାର ଲୋକ ଖାଦ୍ୟ ଖାଉଥିଲେ । କୌଣସି ପ୍ରକାର ବିଶୃଙ୍ଖଳା ନଥିଲା । ଆମ ମାନଙ୍କର ବହୁତ ଉତ୍ତମ ରୂପେ ଧ୍ୟାନ ରଖାଗଲା । ଯାହା କିଛି ଆବଶ୍ୟକ ହେଉଥିଲା ତାହା ତତ୍‌କ୍ଷଣାତ୍ ପୁରଣ କରାଯାଉଥିଲା । ମୁଁ ଏହି ସ୍ୱେଚ୍ଛାସେବୀ କାମ ଦ୍ୱାରା ବହୁତ ପ୍ରଭାବିତ ହୋଇଛି ।

ଅମୀର୍ ସାହେବ୍ ବତାଇଲେ ଯେ ମେୟର୍ ସାହେବ୍ ନିଜ ଇଲାକାରେ ଖୁଦାମୁଲ୍ ଅହେମଦୀୟାର ତରବିୟତି କ୍ଲାସ୍‌ରେ ୨୦ଜଣ ଲୋକଙ୍କୁ ପଠାଇଥିଲେ । ଯଦ୍ଦ୍ୱାରା ସେଠିକାର ଜୁଲା ଇମାମ୍ ସେମାନଙ୍କର ବିରୋଧ କରିଥିଲେ କି ଲୋକମାନଙ୍କୁ କାହିଁକି ସେଠିକି ପଠାଯାଉଛି ? ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏଠାକୁ ଆସି ଆପଣମାନେ ଦେଖିଛନ୍ତି ଯେ ଆମେ ବାସ୍ତବିକ୍ ମୁସଲ୍‌ମାନ୍ ଅଟୁ ଓ ଅହେମଦୀୟତ୍ ହିଁ ଇସ୍‌ଲାମ୍‌ର ବାସ୍ତବିକ ସ୍ୱରୂପ ଅଟେ । ଆଇଭରିକୋଷ୍ଟ୍‌ର ଅମୀର୍ ସାହେବ୍ କହିଲେ ଯଦି ଯମାତ୍ ତାଙ୍କ ଇଲାକାରେ ସମାଜ ସେବାର କାମ କରେ ତେବେ ଏହା ତାଙ୍କ ଏରିଆ ନିମନ୍ତେ ବହୁତ ଭଲ ହେବ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଆମେ ମଡ଼େଲ୍ ଭିଲେଜ୍ ନିର୍ମାଣ କରିପାରିବା । ଏହାର ଅନୁଧ୍ୟାନ ନିଆଯାଇପାରିବ । ଆମ ଆର୍କିଟେକ୍ ଓ ଇଂଜିନିୟର୍ ଆସୋସିଏସନ୍ ଏହାକୁ ନିରୀକ୍ଷଣ ଓ ଅବଲୋକନ କରିପାରିବେ । ହଜୁର୍ ଅନୁୱର୍ ଅ:ବ:ଅ ଏହା ମଧ୍ୟ ନିର୍ଦ୍ଦେଶ ଦେଲେ ଯେ ଘାନାରୁ ଯେଉଁ ଲୋକାଲ୍ ମିଶ୍‌ନାରୀ ଶିକ୍ଷା ଗ୍ରହଣ କରି ଆସିଛନ୍ତି ସେମାନଙ୍କ ମଧ୍ୟରୁ ଜଣକୁ ସେଠାକୁ ତାଙ୍କ ଇଲାକାକୁ ପଠାନ୍ତୁ । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଆମେ ସମ୍ପୂର୍ଣ୍ଣ ସହଯୋଗ କରିବୁ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ । ମୁଁ ଯେତେବେଳେ ଇସ୍‌ଲାମେ ଅହେମଦୀୟତ୍ ଗ୍ରହଣ କଲି ସେତେବେଳେ ଲୋକମାନଙ୍କ ଠାରୁ ବହୁତ ନେଗେଟିଭ୍ କଥା ଶୁଣିବାକୁ ପାଇଲି । ମୋତେ ଇସ୍‌ଲାମ୍ ବିଷୟରେ ବହୁତ କିଛି ଜ୍ଞାନ ନଥିଲା । ତେଣୁ ମୁଁ ବ୍ୟସ୍ତ ହୋଇଗଲି ଯେ ମୁଁ କିପରି ଏହା ଜଜ୍ କରିପାରିବି ଯେ

ଅହେମଦୀମାନେ ମୁସଲମାନ ଅଟନ୍ତି ବା ନୁହେଁ ? ମୋତେ ଏ ଭାବନା ମଧ୍ୟ ଆସୁଥିଲା ଯେ ମୁଁ ଯମାତ୍ ଅହେମଦୀୟାରେ ସାମିଲ୍ ହୋଇ କୌଣସି ପାପ ତ କରିନି, ସୁତରାଂ ଯେତେବେଳେ ମୁଁ ଯମାତ୍ ସହିତ ସମ୍ପର୍କ ଯୋଡିଲି ସେମାନେ ମୋତେ ଜଲ୍ସାସାଲାନାରେ ସାମିଲ୍ ହେବାପାଇଁ ନିମନ୍ତ୍ରଣ ଦେଲେ ଯେ ମୁଁ ସେଠାକୁ ଯାଇ ଯମାତ୍କୁ ଖୁବ୍ ନିକଟରୁ ଦେଖିପାରିବି । ଯେବେ ମୁଁ ଏଠାକୁ ଆସିଲି ତେବେ ବାସ୍ତବରେ ମୁଁ ଇସ୍ଲାମ୍ର ଅସଲ ଚେହେରା ଦେଖିବାକୁ ପାଇଲି । ଇମାମ୍ ଯମାତ୍ ଅହେମଦୀୟାଙ୍କ ପ୍ରତ୍ୟେକ ଭାଷଣ ଅଲ୍ଲାଃ ଓ ତାର ରସୁଲଙ୍କ ନାମରୁ ହିଁ ଆରମ୍ଭ ହେଉଅଛି ଓ ଅଲ୍ଲା ଓ ତାଙ୍କ ରସୁଲଙ୍କ ନାମରେ ହିଁ ଶେଷ ହେଉଅଛି । ପୁଣି ଜଲ୍ସା ସାଲାନାର ପରିବେଶକୁ ଦେଖି ମୋତେ ମୋ ପ୍ରଶ୍ନର ଉତର ମିଳିଗଲା ଯେ ଅହେମଦୀମାନେ ହିଁ ମୁସଲମାନ୍ ଅଟନ୍ତି । ମୁଁ ଏବେ ଗର୍ବର ସହିତ କହିପାରିବି ଯେ ଯେଉଁ କାର୍ଯ୍ୟ ମୋ ଦ୍ୱାରା ହୋଇଛି ତାହା ସମ୍ପୂର୍ଣ୍ଣ ରୂପେ ଠିକ୍ ଥିଲା । ଅହେମଦୀମାନେ ହିଁ ପ୍ରକୃତ ମୁସଲମାନ୍ ଓ ମୁଁ ଏଥିରେ ଆତ୍ମସନ୍ତୋଷ ଲାଭ କରୁଛି । ଅହେମଦୀମାନଙ୍କର ପ୍ରତ୍ୟେକ କାର୍ଯ୍ୟ ପବିତ୍ର କୋରାନ୍ ଓ ହଜରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଙ୍କ ନିର୍ଦ୍ଦେଶାନୁସାରେ ହେଉଅଛି । ଏବେ ମୁଁ ଏଠାରୁ ଫେରିଯାଇ ଅହେମଦୀୟତ୍ ବିଷୟରେ ଲୋକମାନଙ୍କୁ ବତାଇବି ।

ଆଇଭରିକୋଷ୍ଟରୁ ଆସିଥିବା ଏହି ୱଫଦ୍ଙ୍କ ସହିତ ସାକ୍ଷାତ୍କାର୍ ୧୧ ଟା ପର୍ଯ୍ୟନ୍ତ ଜାରି ରହିଲା । ପରିଶେଷରେ ସେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇଲେ ।

ମୋରିସସ୍ ରୁ ଆସିଥିବା ୱଫଦ୍ଙ୍କ ସହିତ ସାକ୍ଷାତ୍କାର୍

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ମେହ୍ମୁଦ୍ ହଲ୍ରେ ପଦାର୍ପଣ କଲେ, ଯେଉଁଠି ମୋରିସସ୍ ଦେଶରୁ ଆସିଥିବା ଲୋକମାନେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ଗୌରବ ହାସଲ କଲେ । ଏବର୍ଷ ମୋରିସସ୍ରୁ ଶହେରୁ ଅଧିକା ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା ।

ହଜୁର୍ ଅନୁୱର୍ ଅ:ବ:ଅ ୱଫଦ୍ର ମେମ୍ବର୍ମାନଙ୍କୁ ଜଲ୍ସା ସାଲାନା ବିଷୟରେ ପଚାରି ବୁଝିଲେ । ସେମାନେ କହିଲେ ଏ ଜଲ୍ସା ସାଲାନା ଆମପାଇଁ ବହୁତ ବାବର୍କତ୍ ଥିଲା । ଜଲ୍ସାର ବ୍ୟବସ୍ଥା ଗୁଡିକ ବହୁତ ଭଲ ଥିଲା । ଜଲ୍ସା ଦିନ ଗୁଡିକରେ ବର୍ଷା ମଧ୍ୟ ହେଲା କିନ୍ତୁ ବର୍ଷା ଦ୍ୱାରା କୌଣସି କାର୍ଯ୍ୟରେ କିଛି ଅସୁବିଧା ହେଲାନାହିଁ । ପ୍ରତ୍ୟେକ କାମ ସୁଚାରୁରୂପେ ପରିଚାଳିତ ହେଲା । ଏ ଜଲ୍ସାର ବ୍ୟବସ୍ଥା ଗୁଡିକ ଆମକୁ ବହୁତ ପ୍ରଭାବିତ କରିଛି । ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଅଭିଭାଷଣ ଗୁଡିକ ଆମ ହୃଦୟକୁ ବହୁତ ପ୍ରଭାବିତ କରିଛି । ଆମ ଇମାନ୍ ଓ ଆଧ୍ୟାତ୍ମିକତା ବୃଦ୍ଧି ହୋଇଛି । ୱଫଦ୍ର ମେମ୍ବର୍ମାନେ ନିଜପାଇଁ ଓ ନିଜ ଫ୍ୟାମିଲି ଓ ପିଲାମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ପାଇଁ ଦରଖାସ୍ତ କଲେ ।

ହଜୁର୍ ଅନୁୱର୍ ଅ:ବ:ଅ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ୱଫଦ୍ର ପ୍ରତ୍ୟେକ ସଦସ୍ୟ ପରିବାର ସହିତ ହଜୁର ଅନୁୱର୍ଙ୍କ ସହିତ ଫଟୋ ଉଠାଇବାର ଗୌରବ ହାସଲ କଲେ ।

**କରିବାତି, ମାର୍ସଲ୍ ଆଇଲାଣ୍ଡ୍ ଓ ମାଇକ୍ରୋନେସିଆ ରୁ ଆସଥିବା ପ୍ରତିନିଧି ମଣ୍ଡଳଙ୍କ ସହିତ ସାକ୍ଷାତ୍କାର**

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଦଫ୍ତରକୁ ଗଲେ ଯେଉଁଠି ପ୍ରୋଗ୍ରାମ୍ ମୁତାବକ କରିବାତି, ମାର୍ସିଲ୍ ଆଇଲାଣ୍ଡ୍ ଓ ମାଇକ୍ରୋନେସିଆ ରୁ ଆସଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବା ସୌଭାଗ୍ୟ ପ୍ରାପ୍ତ କଲେ ।

କରିବାତିରୁ ଦୁଇଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ସେଠିକାର ସଦର ଯମାତ ଅବୁବକର୍ ସାହେବ୍ ଓ ଆଉଜଣେ ଅତିଥି ହେଉଛନ୍ତି Teiraui Tebiria ସାହେବ୍ ଥିଲେ, ଯିଏ ସେଠିକାର ପୂର୍ବତନ ମେମ୍ବର ଅଫ୍ ପାର୍ଲିଆମେଂଟ୍ ଓ ମିନିଷ୍ଟର ଅଫ୍ ଲେବର ଓ ମିନିଷ୍ଟର୍ ଅଫ୍ ଏଜୁକେସନ୍ ଅଛନ୍ତି ।

ମାର୍ସଲ୍ ଆଇଲାଣ୍ଡ ଦେଶରୁ ସେଠିକାର ମୋବୋଲିଗ୍ ସିଲ୍ସିଲା ଫିରୋଜ୍ ଅହେମଦ୍ ହନ୍ଦଲ୍ ସାହେବ୍ ଏବଂ ନ୍ୟାସ୍ନାଲ୍ ସେକ୍ରେଟାରୀ ମାଲ୍ ଜନ୍ ନେନା ସାହେବ୍ ସାମିଲ୍ ହୋଇଥିଲେ ।

ମାଇକ୍ରୋନେସିୟାରୁ ଆସିଥିବା ୱଫଦ୍ରେ ସେଠିକାର ମୋବୋଲିଗ୍ ସିଲ୍ସିଲା ଏହ୍ତେଶାମୁଲ୍ ହକ୍ ମେହ୍ମୁଦ୍ କୌଶର୍ ସାହେବ୍ ଏବଂ ଷ୍ଟେଟ୍ ସିନେଟର୍ Hon Ronson H.Edmond ସାହେବ୍ ସାମିଲ୍ ଥିଲେ । ହଜୁର୍ ଅନୁୱର୍ ଏହି ଅତିଥିମାନଙ୍କ ଠାରୁ ଜଲ୍ସା ସମ୍ବନ୍ଧରେ ପଚାରି ବୁଝିଲେ ।

ଏହି ଅତିଥିମାନେ କହିଲେ ଯେ ଆମେ ଏଠାରେ ଦେଖିଲୁ ଯେ ଜଲ୍ସାରେ ବିଭିନ୍ନ ଦେଶରୁ ଲୋକମାନେ ଆସି ଏକତ୍ର ହୋଇଛନ୍ତି । ସମସ୍ତଙ୍କ ନିମନ୍ତେ ବହୁତ ଉତମ ବ୍ୟବସ୍ଥା କରାଯାଇଥିଲା । ବହୁତ ସୁସଂଗଠିତ ଜଲ୍ସା ଥିଲା । ଏବଂ ଯେଉଁ କାମ କରିବା ବାଲା ଯୁବକ, ପିଲାମାନେ ଓ ବୃଦ୍ଧମାନେ ଥିଲେ ସେମାନେ ସମସ୍ତେ ବହୁତ ଆନନ୍ଦର ସହିତ କାର୍ଯ୍ୟ କରୁଥିଲେ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ । ଆପଣମାନେ ଦେଖିସାରିଛନ୍ତି ଯେ ବିଭିନ୍ନ ଦେଶରୁ ବିଭିନ୍ନ ଜାତିର ଲୋକମାନେ ଆସି ଏଠାରେ ବହୁତ ଶାନ୍ତିପୂର୍ଣ୍ଣ ଅବସ୍ଥାରେ ରହୁଥିଲେ । ମୁଁ ପ୍ରାର୍ଥନା କରୁଛି ଯେ ଆପଣଙ୍କ ଦେଶରେ ମଧ୍ୟ ଏହିପରି ଶାନ୍ତି ଓ ଡିସିପ୍ଲିନ୍ ପ୍ରତିଷ୍ଠା ହୋଇଯାଉ ।

ମାଇକ୍ରୋନେସିଆରୁ ଆସିଥିବା ଜଣେ ଅତିଥି ଷ୍ଟେଟ୍ ସିନେଟର୍ ରୋନ୍ସନ୍ ସାହେବ୍ଙ୍କ ସହିତ ସେଠିକା ଯମାତ୍ର ରେଜିଷ୍ଟ୍ରେସନ୍ ପ୍ରସଙ୍ଗରେ କଥାବାର୍ତା ହେଲା । ହଜୁର୍ ଅନୁୱର୍ ଅ:ବ:ଅ କହିଲେ:- ଆପଣ ଯମାତ୍ର ରେଜିଷ୍ଟ୍ରେସନ୍ ବିଷୟରେ ପୂର୍ବତନ ମେମ୍ବର୍ ଅଫ୍ ପାର୍ଲିମାମେଂଟ୍ ଓ ସିନେଟର୍ ହୋଇଥିବା ଯୋଗୁ କାମ କରନ୍ତୁ । ସେ ଜଲ୍ସା ସାଲାନା ବିଷୟରେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏତେ ସଂଖ୍ୟକ ଲୋକେ ସ୍ୱେଚ୍ଛାସେବକ ରୂପେ କାର୍ଯ୍ୟ କରୁଥିଲେ ସେମାନଙ୍କ ଭିତରୁ ଛୋଟ ବଡ଼ ସମସ୍ତେ ମନ ଲଗାଇ ପ୍ରେମପୂର୍ଣ୍ଣ ଭାବ ସହିତ କାର୍ଯ୍ୟ କରୁଥିଲେ ଏବଂ ଏହା ମଧ୍ୟ ଗୋଟିଏ ବହୁତ ଗୁରୁତ୍ୱପୂର୍ଣ୍ଣ କଥା ଥିଲା ଯେ ଆମ ମାନଙ୍କ ଭିତରୁ ଯେଉଁମାନେ ଏପର୍ଯ୍ୟନ୍ତ ମୁସଲମାନ୍ ହୋଇନାହାଁନ୍ତି, ସେମାନଙ୍କ ସହିତ ମଧ୍ୟ ବହୁତ ଉତମ ବ୍ୟବହାର କରୁଥିଲେ । ଆନ୍ତର୍ଜାତିକ ବୟତ୍ ର ଦୃଶ୍ୟ ମଧ୍ୟ ବହୁତ ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ ଥିଲା । ମୁଁ ଖ୍ରୀଷ୍ଟିଆନ୍ ହୋଇଥିବା ସତ୍ତ୍ୱେ ମଧ୍ୟ ଏହି ବୟତ୍ ଉତ୍ସବରେ ସାମିଲ୍ ହେଲି । ଏବଂ ଏଥିରେ ମୋତେ ଅତ୍ୟନ୍ତ ସନ୍ତୋଷଜନକ ଆଧ୍ୟାତ୍ମିକ ଭାବ ଅନୁଭବ ହେଲା ।

କରିବାତି ରୁ ଆସିଥିବା ଅତିଥି Teraoi Tebiria ସାହେବ୍ ଯିଏ ପୂର୍ବତନ ମେୟର୍, ପୂର୍ବତନ ମନ୍ତ୍ରୀ, ଶିକ୍ଷାବିଭାଗ କରିବାତି, ପୂର୍ବତନ ମନ୍ତ୍ରୀ ଶ୍ରମବିଭାଗ କରିବାତି ଓ ପୂର୍ବତନ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ କରିବାତି ଅଟନ୍ତି । ସେ ଜଲ୍ସା ସମ୍ବନ୍ଧରେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ । ଏଥିରେ କୌଣସି ଶଙ୍କା ନାହିଁ ଯେ ଦିନେ ସାରା ଦୁନିଆ ଏହି ଯମାତ୍ରେ ସାମିଲ୍ ହୋଇଯିବ । କାରଣ ଆଜି ଦୁନିଆ ଯେଉଁ ଶାନ୍ତିକୁ ଖୋଜୁଅଛି ସେହି ଶାନ୍ତି ଏହି ଜଲ୍ସାରେ ସ୍ପଷ୍ଟ ରୂପେ ଦେଖାଯାଉଅଛି । ବିଭିନ୍ନ ଦେଶରୁ ଲୋକମାନେ ଏପରି ଏକତ୍ରିତ ହେବା ଏକଥାର ସାକ୍ଷୀ ଦେଇଅଛି ଯେ ଏଠାରେ ହିଁ ଶାନ୍ତି ନିହିତ ଅଛି । ସେଥିଯୋଗୁ ମୋର ଅଟଳ ବିଶ୍ୱାସ ଯେ ଏ ଦୁନିଆ ଖୁବ୍ ଶିଘ୍ର ଏ ଯମାତ୍ରେ ସାମିଲ୍ ହୋଇଯିବ । ମୁଁ ଯେତେବେଳେ ଜଲ୍ସାରେ ପହଂଚିଲି ଦେଖିବାକୁ ପାଇଲି ଯେ ସ୍ୱଚ୍ଛତା ବିଷୟରେ ଯମାତ୍ର ସ୍ତର ବହୁତ ଉଚ୍ଚ ଅଟେ । ଯେଉଁକଥା ମୋତେ ଆଶ୍ଚର୍ଯ୍ୟ କରିଦେଇଥିଲା ତାହା ହେଉଛି ଏହା କେଉଁ ପ୍ରକାରର ଲୋକ ଅଟନ୍ତି ଯାହାଙ୍କ ନିକଟରେ ବଡ଼ ବଡ଼ ଚାକିରୀ ଓ ମୋଟା ଅଙ୍କର ଅର୍ଥ ହେବା ସତ୍ତ୍ୱେ ମଧ୍ୟ ଗାଧୁଆ ଘରର ସଫାଇ କାର୍ଯ୍ୟ କରିବା ନିମନ୍ତେ ଏପରି ମନ ଲଗାଇ କାମ କରୁଛନ୍ତି, ଯେପରି ଏହି କାମ ହିଁ ତାଙ୍କ ପାଇଁ ସବୁଠାରୁ ପ୍ରିୟତମ କାର୍ଯ୍ୟ ଅଟେ ।

ଯମାତ୍ ଅହେମଦୀୟା କରିବାତିର ମୋବୋଲିଗ୍ ସିଲ୍ସିଲା ତାଙ୍କ ବିଷୟରେ ବତାଇଲେ:- ଶ୍ରୀମାନ୍ ଟେରାଓଇ ସାହେବ୍ ଏହି ଜଲ୍ସା ଭିତରେ ହିଁ ଅହେମଦୀୟତ୍ରେ ସାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି । ଫେରିବା ସମୟରେ ନିଜକୁ ମୁସଲମାନ୍ ହୋଇଥିବା ଯୋଗୁ ଏତେ ଆନନ୍ଦ ଅନୁଭବ କଲେ ଯେ ନିଜର ପୁରା କୁଟୁମ୍ବଙ୍କୁ ତବ୍ଲିଗ୍ କରିବା କାର୍ଯ୍ୟରେ ବ୍ୟସ୍ତ ହୋଇଗଲେ । ଏପରିକି କାମ ପାଇଁ ତାଙ୍କୁ ଯେତେବେଳେ ଅନ୍ୟ ଦୀପ ଗୁଡିକୁ ଯିବାକୁ ପଡ଼ିଥାଏ ସେଠାରେ ମଧ୍ୟ ତବ୍ଲିଗ୍ କାର୍ଯ୍ୟରେ ଲାଗିରୁହନ୍ତି, ଯେଉଁଠାକୁ ବି ଯାଉଛନ୍ତି, ଏହି ଜଲ୍ସା ସାଲାନା ବ୍ରିଟେନ୍ର ବ୍ୟାଚ୍ ପିନ୍ଧି ଯାଉଛନ୍ତି । ଫଳତଃ ଲୋକମାନେ ଏହାକୁ ଦେଖି ପଚାରିବେ ଏ ଜିନିଷଟି କଣ ? ଏହାପରେ ସେ ଯମାତ୍ ବିଷୟରେ ତାଙ୍କୁ କିଛି ନା କିଛି ବତାଇବେ ଓ ତବ୍ଲିଗ୍ କରିପାରିବେ । ଅଲ୍ହମ୍ଦୋଲିଲ୍ଲାଃ ।

କରିବାତିର ସଦର ଯମାତ Angabeia Tataua ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ମୋ ପାଇଁ ସବୁଠାରୁ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଆନ୍ତର୍ଜାତିକ ବୟତ୍ର ଅବସର ଥିଲା, ଯେଉଁଥିରେ ଆମର ପ୍ରିୟ ହଜୁର୍ ଯେତେବେଳେ ହଲ୍ ଭିତରକୁ ପ୍ରବେଶ କଲେ ସେ ମଧ୍ୟ ଆସି ଆମ ସହିତ ଭୂମି ଉପରେ ବସିଲେ । ମୁଁ ଏହା ବିଶ୍ୱାସ କରିନଥିଲି ଯେ ଆମର ପ୍ରିୟ ଖଲିଫା ଯାହାଙ୍କର ପଦମର୍ଯ୍ୟାଦା ଏତେ ଉଚ୍ଚ ହେବା ସତ୍ତ୍ୱେ ମଧ୍ୟ ଆମ ସହିତ ଭୂମି ଉପରେ ବସିଗଲେ । ସରକାରୀ ପ୍ରତିନିଧିମାନେ ବରଂ ଧାର୍ମିକ ପ୍ରତିନିଧିମାନଙ୍କୁ ମଧ୍ୟ ମୁଁ କେବେ ଭୂମି ଉପରେ ବସିବାର

ଦେଖିନଥିଲି । କିନ୍ତୁ ଆମ ପ୍ରିୟ ଖଲିଫା ଏତେ ବିନମ୍ର ଅଟନ୍ତି ଯେ ସେ ଆମ ସହିତ ଭୂମି ଉପରେ ବସିଗଲେ । ଏଥିରେ ମୋ ଇମାନ୍ ଆହୁରି ବଢ଼ିଗଲା ।

ମାର୍ସଲ୍ ଆଇଲାଣ୍ଡରୁ ଆସିଥିବା ଅତିଥି ଜନ୍ ନେନା ସାହେବ୍ ଯିଏ ମାର୍ସଲ୍ ଆଇଲାଣ୍ଡ ଯମାତ୍‌ର ସେକ୍ରେଟାରୀ ମାଲ୍ ଅଛନ୍ତି, ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ । ଏ ବିଷୟକୁ ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ନାହିଁ, ଯାହାକୁ ମୁଁ ନିଜ ଆଖିରେ ଦେଖିପାରିଛି । ସାଧାରଣତଃ ଏହି ଭାବନା ଲୋକମାନଙ୍କ ମଧ୍ୟରେ ଅଛି ଯେ ମୁସଲମାନ୍ ମାନେ ମାରିଥାନ୍ତି, କିନ୍ତୁ ଏପରି କୌଣସି ଜିନିଷ ମଧ୍ୟ ନାହିଁ । ଏଠାରେ ସମସ୍ତେ ଏତେ ପ୍ରେମ ଭାବ ଦେଖାଉଥିଲେ, ଏତେ ସଂଖ୍ୟକ ଲୋକ ବିଭିନ୍ନ ଦେଶରୁ ଆସି ଏକାଠି ହୋଇଥିଲେ, ଯାହାକୁ ମୁଁ ପ୍ରଥମଥର ମିଶିଲି କିନ୍ତୁ ଏପରି ଅନୁଭବ କାହାଠାରୁ ମିଳିଲା ନାହିଁ ଯେ ଆମେ ପ୍ରଥମଥର ମିଶୁଛୁ ବୋଲି । ମୋର ରହିବାର ବ୍ୟବସ୍ଥା ଯାମିଆ ଅହେମଦୀୟାରେ କରାଯାଇଥିଲା । ସେଠାରେ ମୋର ଛୋଟ ଛୋଟ ଆବଶ୍ୟକତାର ଧ୍ୟାନ ରଖାଗଲା । ଆମେ ସମସ୍ତେ ଯେଉଁମାନେ ଏହି ଜଲ୍‌ସାରେ ଯୋଗଦେବାକୁ ଆସିଛୁ, ମିଳିମିଶି ଖାଉଥିଲୁ । ଏହା ଆମକୁ ବହୁତ ଆନନ୍ଦ ଦେଉଥିଲା । ଏବଂ ନମାଜ ମିଶିକରି ପଢୁଥିଲୁ । ମୁଁ ଏଠାରେ ସମସ୍ତଙ୍କୁ ଦେଖିଲି । ଯାମିଆରେ ଏବଂ ଜଲ୍‌ସାଗାଃରେ ମଧ୍ୟ ସମସ୍ତେ ବହୁତ ଶାନ୍ତିପୂର୍ବକ ଧ୍ୟାନର ସହିତ ନମାଜ ପଢୁଥିଲେ । ଏ ବିଷୟଟି ମୋତେ ବହୁତ ବିଶେଷ ଲାଗିଲା । ଏକଥା ମୁଁ ମୋ ନିଜ ପାଇଁ ମଧ୍ୟ ଚାହୁଁଛି ଯେ ମୁଁ ମଧ୍ୟ ନିଜ ନମାଜକୁ ଅତି ସୁନ୍ଦର ରୂପେ ପଢ଼ିଲି । ଏବଂ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କକୁ ବଢ଼ାଇବା ପାଇଁ ଚେଷ୍ଟା କରିବି । ପୁଣି ମୋତେ ହଜୁର୍ ଅନୁୱରଙ୍କ ସହିତ ସାକ୍ଷାତ୍ କରିବା ପାଇଁ ମୌକା ମିଳିଲା । ମୁଁ ମୁରବୀ ସାହେବ୍‌ଙ୍କୁ କହିଲି ଯେ ମୁଁ ଅମୁକ ଅମୁକ କଥା ସାକ୍ଷାତ୍‌କାର ସମୟରେ କହିବା ପାଇଁ ଚାହୁଁଛି । କିନ୍ତୁ ଯେଉଁକ୍ଷଣି ମୁଁ ଘର ଭିତରେ ପ୍ରବେଶ ହେଲି ମୁଁ କିଛି କହିପାରିଲି ନାହିଁ । ଏହା ଏକ ବିଶେଷ ଅବସ୍ଥା ମୋ ଜୀବନରେ ଥିଲା ଯେ ଯେତେବେଳେ ମୁଁ ହଜୁର୍ ଅନୁୱରଙ୍କ ଦଫ୍ତର୍ ରେ ପ୍ରବେଶ କଲି ମୋ ମନରେ ଏହି ଭାବନା ଆସିଲା ଯେ ଏ ଦୁନିଆରେ ଆଉ କେହି ଏପରି ଆଧ୍ୟାତ୍ମିକ ବ୍ୟକ୍ତି ନାହାଁନ୍ତି । ମୁଁ ବହୁତ ସୌଭାଗ୍ୟବାନ୍ ଥିଲି ଯେ ମୋତେ ମଧ୍ୟ ମୋ ଜୀବନରେ ଏପରି ମୌକା ମିଳିଗଲା । ମୋ ବାପା ସାମ୍ ନେନା ସାହେବ୍‌କୁ ମଧ୍ୟ ଅନେକ ବର୍ଷ ପୂର୍ବେ ହଜୁର୍ ଅନୁୱରଙ୍କ ସହିତ ମିଶିବାର ଅବସର ମିଳିଥିଲା । ମୋର ବି ଏହା ଆନ୍ତରିକ ଇଚ୍ଛା ଥିଲା ଯେ ମୁଁ ମଧ୍ୟ ମିଶିବି । ସୁତରାଂ ଅଲ୍ଲାଃତାଲା ଏପରି ହିଁ କଲେ ଯେ ମୋତେ ଏବର୍ଷ ମୌକା ମିଳିଗଲା । ସମଗ୍ର ଦୁନିଆରୁ ଅହେମଦୀ ଓ ଅତିଥିମାନେ ସାମିଲ୍ ହୋଇଥିଲେ । ଏବଂ ସମସ୍ତେ ଶାନ୍ତିର ସହିତ ଏଠାରେ ରହୁଥିଲେ । ବର୍ଷା ମଧ୍ୟ ହେଲା କିନ୍ତୁ ପ୍ରତ୍ୟେକ କାର୍ଯ୍ୟ ଠିକ୍ ଠିକ୍ ହୋଇଗଲା । ଆମକୁ ଲଣ୍ଡନ୍ ଦେଖିବା ପାଇଁ ମୌକା ମିଳିଲା । ଏହି ଜଲ୍‌ସାରେ ଅତିଥିମାନଙ୍କ ମଧ୍ୟରୁ ଅନେକଙ୍କ ସହିତ ମୋର ବନ୍ଧୁତ୍ୱ ସ୍ଥାପନ ହୋଇଗଲା, ଯେଉଁମାନଙ୍କୁ ମୁଁ ସର୍ବଦା ମନେରଖିବି । ଆମେ ସେମାନଙ୍କୁ ବତାଉଥିଲୁ ଯେ ଆମେ ମାର୍ସଲ୍ ଆଇଲାଣ୍ଡରୁ ଆସିଅଛୁ ଏବଂ ସେମାନଙ୍କୁ ମ୍ୟାପ୍‌ରେ ଦେଖାଉଥିଲୁ ଯେ ମାର୍ସଲ୍ ଆଇଲାଣ୍ଡର ଦୀପ କେଉଁଠାରେ ଅଛି । ଏହା ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଉଥିଲେ ଯେ ଆମେ ଏତେ ଦୂରରୁ ଆସିଛୁ । ଏବଂ ଏହା ଯେ ସେଠାରେ ମଧ୍ୟ ମୁସଲମାନ୍ ଅଛନ୍ତି ।

ଯେତେବେଳେ ହଜୁର୍‌ଙ୍କ ସହିତ ସାକ୍ଷାତ୍‌କାର୍ ହେଲା ମୋର ଏପରି କୌଣସି ଭାବନା ନଥିଲା ଯେ ମୁଁ ଏତେବଡ଼ ପବିତ୍ର ବ୍ୟକ୍ତି ସହିତ ମିଶିବି ବୋଲି । ଯେତେବେଳେ ମୁଁ ହଜୁର୍‌ଙ୍କ ହାତକୁ ଧରିଲି ତ ମୋତେ ଏପରି ଅନୁଭବ ହେଲା ଯେ ଗୋଟିଏ ଆତ୍ମା ମୋ ଭିତରକୁ ଆସିଲା ଓ ମୋତେ ଜଗେଇଦେଲା । ମୁଁ ଅଲ୍ଲାଃତାଲାଙ୍କର ଅତ୍ୟନ୍ତ କୃତଜ୍ଞତା ଜ୍ଞାପନ କରୁଅଛି ଯେ ମୋତେ ଏପରି ସୁଯୋଗ ମିଳିଲା ଓ ଯମାତ୍‌କୁ ମଧ୍ୟ ଧନ୍ୟବାଦ ଅର୍ପଣ କରୁଛି ଯେ ସେ ଏହି ଜଲ୍‌ସାରେ ମୋତେ ସାମିଲ୍ ହେବାପାଇଁ ଅବସର ପ୍ରଦାନ କଲେ । ପୁଣି ସେ କହିଲେ ଆମକୁ ଗର୍ବ ଅନୁଭବ କରିବା ଉଚିତ୍ ଯେ ଆମେ ହେଉଛୁ ମୁସଲମାନ୍ । ଆମକୁ ନିଜର ନମାଜ ଗୁଡ଼ିକ ନିୟମିତ ପାଠ କରିବା ଉଚିତ୍ । ଜଲ୍‌ସାରେ ସାମିଲ୍ ହୋଇ ମୁଁ ଦେଖିଲି ଯେ କିପରି ଲୋକମାନେ ନିଜ ନମାଜ୍‌ର ଧ୍ୟାନ ରଖୁଛନ୍ତି ଓ ଏପରି ନମାଜ ପଢୁଛନ୍ତି ଯେପରି ଦୁନିଆର କୌଣସି ଚିନ୍ତା ନାହିଁ । ଆମକୁ ନିଜ ନମାଜ ପ୍ରତି ଧ୍ୟାନ ଦେବା ଉଚିତ୍ । ଆମେ ସମସ୍ତେ ଜଣେ ଅନ୍ୟଜଣକୁ ଏଥିପାଇଁ ମନେପକାଇଦେବା ଉଚିତ୍ ।

ଏହି ତିନୋଟି ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳଙ୍କ ସହିତ ସାକ୍ଷାତ୍‌କାର୍ ୧୧:୩୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଏହି ପ୍ରତିନିଧି ମଣ୍ଡଳ ଗୁଡ଼ିକ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ମରାକସ୍‌ରୁ ଆସିଥିବା ପ୍ରତିନିଧି ମଣ୍ଡଳଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ମରକସ୍‌ରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ଗୌରବ ହାସଲ କଲେ । ମରାକସ୍‌ରୁ ୭ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା ।

ୱଫଦ୍‌ର ସଦସ୍ୟମାନେ ବତାଇଲେ ଯେ ଏ ଜଲ୍‌ସା ଆମପାଇଁ ଆଧ୍ୟାତ୍ମିକତାରେ ପରିବର୍ତ୍ତନ ଆଣିବାର କାରଣ ହେଲା । ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଅଭିଭାଷଣ ଦ୍ୱାରା ଆମେ ସମସ୍ତେ ବହୁତ ପ୍ରଭାବିତ ହୋଇଛୁ । ଜଲ୍‌ସାର ବ୍ୟବସ୍ଥା ଗୁଡ଼ିକ ଖୁବ୍ ସୁନ୍ଦର ଥିଲା । ଏବଂ ଆମ ରହିବାର ବ୍ୟବସ୍ଥା ଓ ଅନ୍ୟ ଆବଶ୍ୟକତା ଗୁଡ଼ିକର ବହୁତ ଧ୍ୟାନ ରଖାଗଲା ।

ଜଣେ ଯୁବକ ଯିଏ ସେଠାରେ କୌଣସି ଏକ ସିକ୍ୟୁରିଟି କମ୍ପାନୀରେ କାର୍ଯ୍ୟ କରୁଛନ୍ତି, ସେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଗୋଚରରେ ନିଜ ସ୍ତ୍ରୀ ଙ୍କ ପାଇଁ ପ୍ରାର୍ଥନା କରିବା ନିମନ୍ତେ ଦରଖାସ୍ତ କଲେ ଯେ ସେ ଅହେମଦୀ ହୋଇଯାଆନ୍ତୁ । ସେ ଏପର୍ଯ୍ୟନ୍ତ ବୟତ୍ କରିନାହାଁନ୍ତି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଅଲ୍ଲାଃତାଲା ଫଜଲ୍ ଫର୍‌ମାଏ (ଅଲ୍ଲାଃତାଲା ଦୟା କରନ୍ତୁ)

ମରାକସ୍ ଦେଶ ସହିତ ସମ୍ପର୍କ ରଖିଥିବା ଜଣେ ବନ୍ଧୁ ଏ ବର୍ଷ ଜଲ୍‌ସା ସାଲାନା ୟୁକେ ଅବସରରେ ବୟତ କରିଥିଲେ । ସେ କହିଲେ ମୁଁ ବହୁତ ପୂର୍ବରୁ ଅହେମଦୀ ଥିଲି, କିନ୍ତୁ ବର୍ତ୍ତମାନ ବୟତ୍ କଲି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆପଣ ଦୁଇଦିନ ପୂର୍ବରୁ ହିଁ ଅହେମଦୀ ହୋଇଛନ୍ତି, ଯେବେଠାରୁ ଆପଣ ବୟତ୍ କଲେ, ପ୍ରଥମେ ଆପଣ ଯମାତି ଶିକ୍ଷା ଗୁଡ଼ିକୁ ଜାଣିଥିଲେ ।

ମରାକସ୍‌ର ସଦର୍ ସାହେବ୍ ସେଠିକାର ଯମାତ୍‌ର ଲୋକମାନଙ୍କର ସଲାମ୍ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଗୋଚରରେ ପହଂଚାଇଲେ ଓ ଦୁଆ ନିମନ୍ତେ ଦରଖାସ୍ତ କଲେ । ଏହାର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ୱ ଆଲୈକୁମ୍‌ସ୍ ସଲାମ୍ । ପୁଣି କହିଲେ ଅଲ୍ଲାଃତାଲା ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ।

ମରାକସ୍‌ରୁ ଆସିଥିବା ଏହି ୱଫଦ୍‌ଙ୍କ ସହିତ ସାକ୍ଷାତ୍‌କାର୍ ୧୧:୪୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱଫଦ୍‌ର ସଦସ୍ୟମାନେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଗୋଟେମାଲାରୁ ଆସିଥିବା ପ୍ରତିନିଧି ମଣ୍ଡଳଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ପ୍ରୋଗ୍ରାମ୍ ମୁତାବକ ଗୋଟେମାଲା ଦେଶରୁ ଆସିଥିବା ଯମାତ୍‌ର ପ୍ରତିନିଧିମାନେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଗୋଟେମାଲାରୁ ଏବର୍ଷ ଆସିଥିବା ଅତିଥିମାନଙ୍କ ଭିତରୁ ଗୋଟେମାଲା ଯମାତ୍‌ର ଜେନେରାଲ୍ ସେକ୍ରେଟାରୀ ଡେଭିଡ୍ ଗୋଞ୍ଜାଲେଜ୍ ସାହେବ୍ ମଧ୍ୟ ସାମିଲ୍ ଥିଲେ । ଅଲ୍ଲାଃତାଲାଙ୍କ କରୁଣାରୁ ତାଙ୍କ ଜରିଆରେ ଅନେକ ପୁଣ୍ୟ ଆତ୍ମାକୁ ଅହେମଦୀୟତ୍ ଗ୍ରହଣ କରିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଛି । ବିଗତ କିଛି ବର୍ଷ ହେବ ସେ ଜଲ୍‌ସା ସାଲାନା ୟୁ.କେ ରେ ନିୟମତଃ ରୂପେ ସାମିଲ୍ ହେଉଛନ୍ତି ।

ଆଉ ଜଣେ ଅତିଥି ସୁଲେମାନ୍ ରୋଡ୍ରିଗୁଜ୍ ସାହେବ୍ ଥିଲେ । ସେ ଜଣେ ଅହେମଦୀ ଖାଦିମ୍ ଅଟନ୍ତି । ସେ ପନ୍ଦର ବର୍ଷ ପୂର୍ବେ ଇସ୍‌ଲାମ୍ ଗ୍ରହଣ କରିଥିଲେ ଏହାପରେ ଡେଭିଡ୍ ସାହେବ୍ ଜେନେରାଲ୍ ସେକ୍ରେଟାରୀଙ୍କ ତବ୍‌ଲିଗ୍ ଦ୍ୱାରା ଯମାତ୍ ଅହେମଦୀୟାରେ ଦାଖଲ ହେଲେ । ଏବେ ସେ ବହୁତ ଉତ୍ସାହିତ ଦାଇ ଇଲଲ୍ଲାଃ ଅଟନ୍ତି ଏବଂ ହଜୁର୍ ଅନୁୱର୍ ଅ:ବ:ଅ ତାଙ୍କୁ ସାକ୍ଷାତ୍‌କାର୍ ଭିତରେ କହିଲେ ଯେ ମୋବୋଲିଗ୍ ଇନ୍‌ଚାର୍ଯ୍ୟଙ୍କ ଠାରୁ ଦୀନ୍ ଶିକ୍ଷା ହାସଲ କରନ୍ତୁ । ଯଦ୍ୱାରା ଜଣେ ମୁଅଲ୍ଲିମ୍ ହିସାବରେ ସେବା କରିପାରିବେ ।

ଗୋଟୋମାଲାର ସଦର୍ ଲଜ୍‌ନା ମାର୍ତାମାରିଆ ସାହିବା ମଧ୍ୟ ଏ ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ସେ ଏଠାକୁ ଦ୍ୱିତୀୟ ଥର ପାଇଁ ଆସିଛନ୍ତି ।

ଗୋଟେମାଲାର ପ୍ରତିନିଧି ମଣ୍ଡଳରେ ସାମିଲ୍ ହୋଇଥିବା ଅହେମଦୀମାନଙ୍କ ମଧ୍ୟରୁ ଜଣେ ନୌ ମୁବାଏ ଡୋମିଙ୍ଗୋ ଟୁଲ୍ ସାହେବ୍ ମଧ୍ୟ ସାମିଲ୍ ଥିଲେ । ପଚ୍ଛବର୍ଷ ତାଙ୍କ ସହିତ ଗୋଟେମାଲାରେ ୧୦୦ ରୁ ଅଧିକା ଲୋକେ ବୟତ କରି ଯମାତ୍ ଅହେମଦୀୟାରେ ସାମିଲ୍ ହେବା ପାଇଁ ସୌଭାଗ୍ୟ ମିଳିଥିଲା । ସେ ସୁପ୍ରିମ୍‌କୋର୍ଟ ଅଫ୍ ଗୋଟେମାଲା ତରଫରୁ ନିଜ ଦେଶୀୟ ଇଲାକାରେ ଜଜ୍ ଅଛନ୍ତି ।

ଆଉଜଣେ ଅହେମଦୀ ବନ୍ଧୁ ଜର୍ମାନ୍ ଆବୁଚେରି ସାହେବ୍ ମଧ୍ୟ ଏଥିରେ ସାମିଲ୍ ଥିଲେ । ତାଙ୍କର ସମ୍ବନ୍ଧ ଇଣ୍ଡୋନେସିଆ ଦେଶ ସହିତ ଅଛି । କୋଡିଏ ବର୍ଷ ହେବ ଗୋଟେମାଲାରେ ବସବାସ କରୁଛନ୍ତି । ତାଙ୍କୁ ଗୋଟେମାଲାରେ ଅହେମଦୀୟତ୍ ଗ୍ରହଣ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ...*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 18-25 January 2018 Issue No. 3-4

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.300/- (Per Issue:Rs.6/-) (WEIGHT - 20-50gms/issue)

ଇବାଦତ୍ ଭିତରେ ଫର୍ଜ ହେଉଛି ସବୁଠାରୁ ଗୁରୁତ୍ୱପୁର୍ଣ୍ଣ, ଯାହା ପାଇଁ ସମସ୍ତ ଅହେମଦୀ ଘରମାନଙ୍କର ବିଶେଷ ରୂପେ ଧାନ ଦେବା ଆବଶ୍ୟକ । ତେଣୁ ନିଜେ ମଧ୍ୟ ନମାଜକୁ ନିୟମିତ ପଢ଼ନ୍ତୁ ଓ ସନ୍ତାନମାନଙ୍କୁ ମଧ୍ୟ ଏହାର ଅଭ୍ୟାସ କରାନ୍ତୁ ।

ନୂଆ ନୂଆ ଆବିଷ୍କାର ଗୁଡିକର ବହୁତ ନିରର୍ଥକ କଥା / ବିଷୟ ଅଛି । ଉଦାହରଣ ସ୍ୱରୂପ ଇଂଟରନେଟ୍ ଏବଂ ସୋସିଆଲ୍ ମିଡ଼ିଆର କୁବ୍ୟବହାର ସର୍ବସାଧାରଣ ହୋଇଚାଲିଛି । ସେଥିଯୋଗୁଁ ସେଥିରୁ ନିଜେ ବଡ଼ନ୍ତୁ ଓ ନିଜ ପିଲାମାନଙ୍କୁ ମଧ୍ୟ ବଂଚାଇ ରଖନ୍ତୁ ।

ଏମ୍.ଟି.ଏ ଦେଖନ୍ତୁ ଓ ନିଜ ପିଲାମାନଙ୍କୁ ମଧ୍ୟ ତା ସହିତ ଯୋଡ଼ି ରଖନ୍ତୁ । ମୋ ଖୁତ୍‌ବା ଗୁଡିକୁ ଘରେ ଏକାଠି ବସି ଶୁଣନ୍ତୁ ।

**ମୋ ଉପଦେଶ ଗୁଡିକୁ ମନେ ରଖନ୍ତୁ ଓ ତା ଉପରେ ଅମଲ କରିବା ପାଇଁ ଚେଷ୍ଟା କରନ୍ତୁ ।**

## ଲଜ୍‌ନା ଇମାଇଲ୍ଲାଃ ଓ ନାସିରାତୁଲ୍ ଅହେମଦୀୟା ଭାରତର ବାର୍ଷିକ ଇଯ୍‌ତିମା ଅନୁଷ୍ଠିତ ଅକ୍ଟୋବର ୨୦୧୭ ଅବସରରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ବିଶେଷ **ବାର୍ତା**

ଲଣ୍ଡନ୍

MA 10-09-2017

ପ୍ରୀୟ ଲଜ୍‌ନା ଇମାଇଲ୍ଲାଃ ଭାରତର ସଦସ୍ୟମାନେ ! ଅସ୍‌ସଲାମୋ ଆଲୈକୁମ୍ ୱ୍ ରହ୍‌ମତୁଲ୍ଲାହି ୱ୍ ବର୍‌କାତୁହୁ ।

ଅଲ୍‌ହମ୍‌ଦୁଲିଲ୍ଲାହ ଆପଣମାନଙ୍କୁ ଏବର୍ଷ ମଧ୍ୟ ନିଜର ବାର୍ଷିକ ଇଯ୍‌ତିମା ପାଳନ କରିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହେଉଅଛି । ଅଲ୍ଲାଃତାଲା ଏହି ଇଯ୍‌ତିମାକୁ ପ୍ରତ୍ୟେକ କ୍ଷେତ୍ରରୁ ସଫଳ କରାନ୍ତୁ । ଓ ଇଯ୍‌ତିମାରେ ସାମିଲ୍ ହୋଇଥିବା ପ୍ରତ୍ୟେକ ସଦସ୍ୟଙ୍କ ଉପରେ ଏହାର ପୁଣ୍ୟ ପ୍ରଭାବ ପଡୁ । ଆମିନ୍ । ଏ ଅବସରରେ ମୋ ନିକଟରୁ ବାର୍ତା ପାଇବା ପାଇଁ ଦରଖାସ୍ତ କରାଯାଇଅଛି । ମୁଁ ଏହି ଅବସରରେ ଆପଣମାନଙ୍କୁ କିଛି ଉପଦେଶ ଦେବାକୁ ଚାହୁଁଅଛି ।

ଏ ଯୁଗ ଭୌତିକବାଦୀର ଯୁଗ ଅଟେ, ଯେଉଁଥିରେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶଗୁଡିକୁ ପଛରେ ପକାଇ ଦିଆଯାଇଛି । ଧର୍ମ ଏବଂ ଖୁଦାଙ୍କ ଅସ୍ତିତ୍ୱର ଥଟ୍ଟା, ପରିହାସ କରାଯାଉଛି । ଏବଂ ଏହାକୁ ମୁର୍ଖାମିର ପରିଚୟ ବୋଲି ବିବେଚନା କରାଯାଉଛି । ଆପଣମାନେ ବହୁତ ସୌଭାଗ୍ୟଶାଳୀ ଅଟନ୍ତି ଯେ ଯେଉଁ ବ୍ୟକ୍ତିକୁ ଅଲ୍ଲାଃତାଲା ନିଜର ଜ୍ୟୋତି ଦ୍ୱାରା ଜ୍ୟୋତିର୍ମୟ କରି ଏ ଯୁଗର ନବୀ ରୂପେ ପ୍ରେରଣ କରିଛନ୍ତି ଆପଣମାନେ ତାଙ୍କୁ ମାନିବାର ସୌଭାଗ୍ୟ ହାସଲ କରିଛନ୍ତି ଓ ଖିଲାଫତେ ଅହେମଦୀୟା ସହିତ ଆପଣମାନଙ୍କର ସମ୍ବନ୍ଧ ରହିଛି । ଏହା ଖୁଦାତାଲାଙ୍କର ବିଶେଷ ଅନୁଗ୍ରହ ଅଟେ, ଯେଉଁଥିପାଇଁ ତାଙ୍କୁ ଧନ୍ୟବାଦ ଅର୍ପଣ କରିବା ଜରୁରୀ ଅଟେ । କାରଣ ଏହାଦ୍ୱାରା ଆପଣମାନଙ୍କର ଇମାନ୍ ସୁଦୃଢ଼ ହେବ । ଆମାଲେ ସ୍ୱାଲେହା (ଉଚିତ୍ କର୍ମ) କରିଚାଲନ୍ତୁ । ଏବଂ ସେହି ବିଶେଷ ଗୁଣ ଗୁଡିକୁ ଆପଣାନ୍ତୁ ଯାହାକୁ ଆପଣେଇବା ପାଇଁ ପବିତ୍ର କୋରାନ୍‌ରେ କରୁଣାମୟ ଖୁଦା ନିଜର ଭକ୍ତମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉଦାହରଣ ସ୍ୱରୂପ ସେମାନେ ପୃଥିବୀରେ ଶିଷ୍ଟାଚର ଓ ବିନମ୍ରତାର ସହିତ ଚାଲିଥାନ୍ତି । ତାଙ୍କ ଭିତରେ ଗର୍ବ ଓ ଅହଙ୍କାର ନଥାଏ । କିଛି ଲୋକ ଏପରି ଥାଆନ୍ତି, ଟିକେ ଟିକେ କଥାରେ ସେମାନଙ୍କର ଭାବନା ଉଦ୍‌ଗାର ହୋଇଯାଏ । ମତଭେଦ ଓ ଅସହମତିତାରେ କ୍ରୋଧାନ୍ୱିତ ହୋଇପଡ଼ନ୍ତି । ଏହି ସବୁ କଥାଗୁଡିକ ଚରିତ୍ର ଉପରେ ପ୍ରଭାବ ପକାଇଥାଏ ଓ ଧିରେ ଧିରେ ପୁଣ୍ୟ ଗୁଡିକୁ ନଷ୍ଟ କରିଦିଏ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

''ରହ୍‌ମାନ୍ (କରୁଣାମୟ ଖୁଦା) ଙ୍କ ବାସ୍ତବିକ୍ ଭକ୍ତ ସେମାନେ ଅଟନ୍ତି ଯେ ପୃଥିବୀ ଉପରେ ସହନଶୀଳ ଓ ସହିଷ୍ଣୁତାର ସହିତ ଜୀବନଯାପନ କରିଥାନ୍ତି ଏବଂ ସେମାନଙ୍କ ସହିତ ଯେତେବେଳେ ମୁର୍ଖ ଲୋକମାନେ କଟୁଭାଷାରେ କଥାବାର୍ତା କରିଥାନ୍ତି ସେତେବେଳେ ସେମାନେ ପ୍ରତି ବଦଳରେ ତାଙ୍କ ନିମନ୍ତେ ଆଶୀର୍ବାଦର ଭାଷା ପ୍ରୟୋଗ କରିଥାନ୍ତି ଅର୍ଥାତ୍- କଟୁଭାଷା ବଦଳରେ ବିନମ୍ରତା ଏବଂ ଗାଳି ଗୁଲଜ ବଦଳରେ ଦୁଆ ଦେଇଥାନ୍ତି'' । (ବରାହିନେ ଅହେମଦୀୟା, ଚତୁର୍ଥ ଭାଗ, ରୁହାନି ଖଜାଏନ୍, ଖଣ୍ଡ-୧ , ପୃଷ୍ଠା-୪୪୯ ହାଶିୟା)

ସୁତରାଂ ଜଣେ ଅହେମଦୀଙ୍କ ଆଚରଣ ଏପରି ହେବା ଉଚିତ୍ ଯଦ୍ୱାରା ଫସାଦ୍ ଦୂର ହୋଇପାରିବ । ଯଦି ପ୍ରତ୍ୟେକ ଅହେମଦୀ ମହିଳା ଏହାକୁ ବୁଝିନେବେ ତେବେ ଆପୋଷ ଝଗଡ଼ା ଓ ମନମାଳିନ୍ୟତା ଦୂର ହୋଇଯିବ ଏବଂ ନିଜ ନିଜ ଭିତରେ ସୁଲାହ୍ ଓ ମିଳାମିଶା ଏବଂ ଜଣେ ଅନ୍ୟଜଣଙ୍କର ଭୁଲ୍‌କୁ ଉପେକ୍ଷା କରିବାର ଭାବନା ସୃଷ୍ଟି ହୋଇଯିବ ।

ଏହା ମଧ୍ୟ ମନେରଖନ୍ତୁ ଯେ ଆପଣମାନଙ୍କର ଦାୟିତ୍ୱରେ ଆସନ୍ତା ପିଢ଼ୀର ତର୍‌ବିୟତ୍ ଓ ସେମାନଙ୍କର ସମ୍ପର୍କକୁ ଖୁଦାତାଲାଙ୍କ ସହିତ ଯୋଡ଼ିବାର କାମ ଅଟେ, ଯାହାର ଉତମ ମାଧ୍ୟମ ହେଉଛି, ଇବାଦାତ୍ (ଉପାସନା)ର ପ୍ରତିଷ୍ଠା । ଇବାଦାତ୍ ଦ୍ୱାରା ଇମାନ୍ ସୁଦୃଢ଼ ହୋଇଥାଏ । ପବିତ୍ର କୋରାନ୍‌ରେ ମଧ୍ୟ ମନୁଷ୍ୟ ଜନ୍ମର ଉଦ୍ଦେଶ୍ୟର କାରଣ ଇବାଦତ୍ ବୋଲି ବର୍ଣ୍ଣନା କରାଯାଇଛି । ଓ ଇବାଦାତ୍ ଭିତରେ ଫର୍ଜ ହେଉଛି ସବୁଠାରୁ ଗୁରୁତ୍ୱପୁର୍ଣ୍ଣ, ଯାହା ପାଇଁ ସମସ୍ତ ଅହେମଦୀ ଘରମାନଙ୍କର ବିଶେଷ ରୂପେ ଧାନ ଦେବା ଆବଶ୍ୟକ । ତେଣୁ ନିଜେ ମଧ୍ୟ ନମାଜକୁ ନିୟମିତ ପଢ଼ନ୍ତୁ ଓ ସନ୍ତାନମାନଙ୍କୁ ମଧ୍ୟ ଏହାର ଅଭ୍ୟାସ କରାନ୍ତୁ । ଏବଂ ତତ୍‌ସହିତ ଦୁଆ (ପ୍ରାର୍ଥନା) କୁ ମଧ୍ୟ ନିଜର ରୀତି ବନାନ୍ତୁ, କାରଣ କରୁଣାମୟ ଖୁଦାଙ୍କ ଭକ୍ତମାନଙ୍କର ଗୋଟିଏ ଚିହ୍ନ ମଧ୍ୟ ଏହା ହେଉଛି ଯେ ସେମାନେ ରାତିରେ ଉଠି ଦୁଆ କରିଥାନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

''ଯଦି ତୁମେମାନେ ଚାହୁଁଛ ଯେ ତୁମେ କୁଶଳ, ମଙ୍ଗଳରେ ରହିବାକୁ ଚାହୁଁଛ ଓ ତୁମଘରେ ଶାନ୍ତି ଚାହୁଁଛ ତେବେ ଏହା ଉଚିତ୍ ହେବ ଯେ ତୁମେ ବହୁତ ଦୁଆ କର । ଏବଂ ନିଜ ଘରକୁ ଦୁଆ ଦ୍ୱାରା ଆଚ୍ଛାଦିତ କର । ଯେଉଁଘରେ ସର୍ବଦା ଦୁଆ ହୋଇଥାଏ, ଖୁଦାତାଲା ତାକୁ ନଷ୍ଟ କରନ୍ତି ନାହିଁ ।'' (ମଲ୍‌ଫୁଜାତ୍, ଖଣ୍ଡ-୩, ପୃଷ୍ଠା-୨୩୨)

ଆଉ ଗୋଟିଏ ଗୁରୁତ୍ୱପୁର୍ଣ୍ଣ କଥା ହେଉଛି ଯେ ନିଜର ଭାବନା ଓ ରୋଚକତାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଓ ଖୋଲଫାଏ ଅହେମଦୀୟତ୍‌ଙ୍କ ଶିକ୍ଷା ମୁତାବକ କରନ୍ତୁ । ଏବଂ ନିଜର ସମୟଗୁଡିକର ଉଚିତ୍ ବ୍ୟବହାର କରନ୍ତୁ । ନୂଆ ନୂଆ ଆବିଷ୍କାର ଗୁଡିକର ବହୁତ ନିରର୍ଥକ କଥା / ବିଷୟ ଅଛି । ଉଦାହରଣ ସ୍ୱରୂପ ଇଂଟରନେଟ୍ ଏବଂ ସୋସିଆଲ୍ ମିଡ଼ିଆର କୁବ୍ୟବହାର ସର୍ବସାଧାରଣ ହୋଇଚାଲିଛି । ଲୋକେ ମୋବାଇଲ୍ ଫୋନ୍‌ରେ ଏବଂ ଅନ୍‌ଲାଇନ୍ Chatting ରେ ସବୁବେଳେ ବ୍ୟସ୍ତ ଦେଖାଯାଉଛନ୍ତି । ମନେରଖ ଯେ ମୋମିନ୍ ବ୍ୟର୍ଥ କାର୍ଯ୍ୟରୁ ନିବୃତ ରହିଥାଏ । ସେଥିଯୋଗୁ ସେ ସବୁ ନିଜେ ମଧ୍ୟ ବଂଚନ୍ତୁ ଓ ନିଜ ପିଲାମାନଙ୍କୁ ମଧ୍ୟ ବଂଚାଇ ରଖନ୍ତୁ । ଏହିପରି ବହୁତ ଗୁଡିଏ ଟି.ଭି ଚ୍ୟାନେଲ୍ ମଧ୍ୟ ଅଛି । ଏ ସବୁ ସଇତାନ୍‌ର ଆକ୍ରମଣ ଅଟେ, ଯାହା ଚରିତ୍ର ଓ ଆଧାତ୍ମିକତାକୁ ଧ୍ୱଂସ କରିଦିଏ । ତେଣୁ ନୂଆ ନୂଆ ଆବିଷ୍କାର ଗୁଡିକର ଦୁର୍ବ୍ୟବହାର ଦ୍ୱାରା ପ୍ରତ୍ୟେକ ଅହେମଦୀ ଅତ୍ୟନ୍ତ ସଚେତନ ରହିବା ଉଚିତ୍ । ସବୁବେଳେ ଏହା ଭାବନ୍ତୁ ଯେ ଯଦି ଆପଣମାନେ ଅହେମଦୀୟତ୍‌କୁ ସଚ୍ଚା ମନେକରି ଏହାକୁ ମାନିଛନ୍ତି ତେବେ ସେହି ସବୁ କଥାଗୁଡିକରୁ ମଧ୍ୟ ବଂଚିବା ପାଇଁ ଚେଷ୍ଟା କରିବା ଉଚିତ୍, ଯେଉଁଥିରୁ ବଂଚିବା ପାଇଁ ଅଲ୍ଲାଃତାଲା ନିର୍ଦ୍ଦେଶ ଦେଇଛନ୍ତି । ଆପଣମାନେ ଏହି ଆବିଷ୍କାର ଗୁଡିକର ସଠିକ୍ ବ୍ୟବହାର କରି ଧାର୍ମିକ ଏବଂ ଅଧାତ୍ମିକ ଉନ୍ନତି କରିପାରିବେ । ଯମାତ୍‌ର ୱେବ୍‌ସାଇଟ୍ alislam ରେ ଧାର୍ମିକ ଜ୍ଞାନର ଭଣ୍ଡାର ରଖାଯାଇଛି । ଏହାଦ୍ୱାରା ନିଜର ଜ୍ଞାନକୁ ବଢ଼ାନ୍ତୁ । ପ୍ରଥା ଓ ଦଲିଲ୍ ଶିଖନ୍ତୁ । ଏହିପରି ଏମ୍.ଟି.ଏ ଦେଖନ୍ତୁ ଓ ନିଜ ପିଲାମାନଙ୍କୁ ମଧ୍ୟ ତା ସହିତ ଯୋଡ଼ି ରଖନ୍ତୁ । ମୋ ଖୁତ୍‌ବା ଗୁଡିକୁ ଘରେ ଏକାଠି ବସି ଶୁଣନ୍ତୁ । ଏବଂ ପରେ ପିଲାମାନଙ୍କୁ ଏ ବିଷୟରେ କିଛି ପଚାରି ବୁଝନ୍ତୁ । ଯଦ୍ୱାରା ଆସନ୍ତାକୁ ସେମାନେ ଅଧିକ ଧାନର ସହିତ ଶୁଣିବେ । ମନେରଖ ଯେ ଏ ଯୁଗରେ ଖିଲାଫତେ ଆଲା ମିନ୍‌ହାଜେ ନବୁଓ୍ୱତ୍ (ନବୁଓ୍ୱତ୍‌ର ଶୈଳୀରେ ଖିଲାଫତ୍)ର ଶୁଭାରମ୍ଭ ଅଲ୍ଲାଃତାଲା କରିସାରିଛନ୍ତି । ଏବଂ ଖଲିଫାଏ ୱ୍‌କ୍ତଙ୍କ ବାଣୀରେ ଅସାଧାରଣ ପ୍ରଭାବ ମଧ୍ୟ ସେ ସୃଷ୍ଟି କରିଛନ୍ତି । ଏହି କାରଣ ଯୋଗୁ ସାରା ସଂସାରର ଅହେମଦୀ ଯେଉଁମାନେ ଖିଲାଫତ୍ ସହିତ ଗଭୀର ପ୍ରେମ ଓ ଅତ୍ୟନ୍ତ ସ୍ନେହ ଓ ନିଷ୍ଠାର ସମ୍ପର୍କ ରଖିଛନ୍ତି, ଯେତେବେଳେ ଖଲିଫାଏ ୱ୍‌କ୍ତଙ୍କ ଶ୍ରୀମୁଖରୁ ପ୍ରତ୍ୟକ୍ଷ ରୂପେ ଉପଦେଶ ଶୁଣିଥାନ୍ତି ସେତେବେଳେ ସେଥିରୁ ସେମାନେ ପୁଣ୍ୟ ପ୍ରଭାବ ଗ୍ରହଣ କରିଥାନ୍ତି । ଏବଂ ସେହି କଥାଗୁଡିକ ଉପରେ ଅମଳ କରି ଆଧାତ୍ମିକ ଉନ୍ନତି କରିଥାନ୍ତି, ଯଦ୍ୱାରା ସେମାନଙ୍କର ପିଲାମାନଙ୍କର ତର୍‌ବିୟତ୍ ମଧ୍ୟ ବହୁତ ସହଜ ହୋଇଯାଇଥାଏ ।

ତେଣୁ ମୋର ଏହି ଉପଦେଶ ଗୁଡିକୁ ମନେରଖନ୍ତୁ ଏବଂ ଏହା ଉପରେ ଅମଳ କରିବା ପାଇଁ ଚେଷ୍ଟା କରନ୍ତୁ । ଅଲ୍ଲାଃ କରନ୍ତୁ କି ଆପଣମାନେ ପୂର୍ବଠାରୁ ବଳି ନିଜର ତର୍‌ବିୟତ୍ ନିମନ୍ତେ ଅଧିକ ଧାନ ଦିଅନ୍ତୁ । ଅଲ୍ଲାଃତାଲାଙ୍କ ସହିତ ମନୋନିବେଶ କରନ୍ତୁ । ଓ ନିଜର ସନ୍ତାନମାନଙ୍କୁ ସମ୍ଭାଳନ୍ତୁ । ଆମିନ୍ ।

ୱ୍‌ସ୍‌ସଲାମ୍
ମିର୍ଜା ମସ୍‌ରୁର୍ ଅହେମଦ୍
ଖଲିଫତୁଲ୍ ମସିହିଲ୍ ଖାମିସ୍

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan